

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ସୋମବାର ୦୨ ଫେବୃଆରୀ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 02 February 2026

Vol.No. 36 ■ No.31 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି

ସାଗରିକା

(ନୂଆବର୍ଷ ସଂଖ୍ୟା)

ଡିଜିଟାଲ ଫର୍ମାଟରେ ମଧ୍ୟ ଉପଲବ୍ଧ...

website : sagarika.in.net


# ବଜେଟ୍-୨୦୨୬ ଉପସ୍ଥାପନ କଲେ ନିର୍ମଳା: ୫୩.୫୪ ଲକ୍ଷ କୋଟିର ବ୍ୟୟବରାଦ



ନୂଆଦିଲ୍ଲୀ,୧/୨ : ସାରାଦେଶ ପାଇଁ ବର୍ଷକର ବଜେଟ ଉପସ୍ଥାପନ କରିଛନ୍ତି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ । ଦେଶକୁ ବିଶ୍ୱର ତୃତୀୟ ବୃହତ୍ତ ଅର୍ଥନୀତି କରିବା ଲକ୍ଷ୍ୟ ନେଇ ବଜେଟରେ ଭିତ୍ତିଭୂମିର ବିକାଶକୁ ଦିଆଯାଇଛି ବିଶେଷ ଗୁରୁତ୍ୱ । ସେହିପରି ଚାଷୀ, ମହିଳା, ମତ୍ସ୍ୟଜୀବୀ, ବୁଣାକାର, ଯୁବ ବର୍ଗ, ଛୋଟ ବ୍ୟବସାୟୀଙ୍କ ପାଇଁ ହୋଇଛି ସ୍ୱତନ୍ତ୍ର ବ୍ୟୟବରାଦ । ବଜେଟକୁ ପ୍ରଶଂସାକୁ ନରେନ୍ଦ୍ର ମୋଦୀ । ପରମ୍ପରା ଓ ବିଧି ଅନୁସାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ରାଜଭବନରେ ଭେଟିବା ପରେ ସଂସଦରେ ବଜେଟ୍ ଉପସ୍ଥାପନ କରିଛନ୍ତି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ । ୨୦୨୬-୨୭ ଆର୍ଥିକବର୍ଷ ପାଇଁ ମୋଟ୍ ୫୩ ଲକ୍ଷ ୪୭ ହଜାର ୩୧୫ କୋଟି ଟଙ୍କାର ହୋଇଛି ବ୍ୟୟବରାଦ । ଭିତ୍ତିଭୂମିକୁ ସୁଦୃଢ଼ କରିବାକୁ ଦିଆଯାଇଛି ବିଶେଷ ଗୁରୁତ୍ୱ । କେନ୍ଦ୍ର ଫୋକସ୍‌ରେ ଦେଶର ଗାଁ, ଗରିବ, ମହିଳା ଓ ଚାଷୀ ଅଛନ୍ତି ବୋଲି ବାର୍ତ୍ତା ଦେବାକୁ ଭରପୂର ପ୍ରୟାସ କରିଛନ୍ତି । କହିଛନ୍ତି, ଲୋକଙ୍କ ଆଶା ପୂରଣ କରିବା ଏବଂ ସେମାନଙ୍କୁ ଦେଶର ବିକାଶରେ ଅଂଶଗ୍ରହଣ କରିବା, ସଶକ୍ତ କରିବା ପାଇଁ ପଦକ୍ଷେପ ନିଆଯାଉଛି । ମହିଳାଙ୍କ ବିକାଶ ପାଇଁ ବଜେଟରେ ରହିଛି ସ୍ୱତନ୍ତ୍ର ବ୍ୟବସ୍ଥା । ଦେଶର ଅଧା ଭାଗ ଲୋକ ମହିଳା ହୋଇଥିବାରୁ ସେମାନଙ୍କୁ ଖୁସୀ କରିବା ଲାଗି ଭରପୂର ଉଦ୍ୟମ କରିଛନ୍ତି ଅର୍ଥମନ୍ତ୍ରୀ । ମହିଳାଙ୍କୁ ଉଦ୍ୟୋଗୀ ଏବଂ ଆତ୍ମନିର୍ଭରଶୀଳ କରିବା ପାଇଁ SHE Marts ଯୋଜନା କରିଛନ୍ତି । ଏହା ସେମାନଙ୍କୁ ଷ୍ଟୋରରୁମ୍ ଏବଂ ସୁପରଷ୍ଟୋର ଭଳି ବ୍ୟବସାୟ ଖୋଲିବାରେ ସାହାଯ୍ୟ କରିବ । ଏଥିସହ ପ୍ରତ୍ୟେକ ଜିଲ୍ଲାରେ ଛାତ୍ରୀ ନିବାସ ନିର୍ମାଣ କରିବାକୁ ଘୋଷଣା କରିଛନ୍ତି । କୃଷି କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟା ବ୍ୟବହାର ପାଇଁ, ଆରମ୍ଭ ହେବ ଭାରତ ବିସ୍ତାର । ଯାହା ଏକ ବହୁଭାଷୀ ଏଆଇ ଆଧାରିତ ଉପକରଣ। ଏହା ଚାଷୀଙ୍କୁ ଉତ୍ପାଦନ ବୃଦ୍ଧିରେ, ଉପଯୁକ୍ତ ନିଷ୍ପତ୍ତି ନେବାରେ ଓ କଷ୍ଟମାଇଜ୍ଡ ପରାମର୍ଶଦାତା ଭାବେ ସହାୟତା ଯୋଗାଇବ। ସେହିପରି ମତ୍ସ୍ୟପାଳନ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ପାଇଁ ୫ ଶହ ଅମୃତ ସରୋବରର ସମନ୍ୱିତ ବିକାଶ ପ୍ରସ୍ତାବ ରହିଛି । ଗ୍ରାମାଞ୍ଚଳରେ ଗୁଣାତ୍ମକ ନିଯୁକ୍ତି ସୃଷ୍ଟି କରିବା ପାଇଁ ସରକାର ପଶୁ ପାଳନ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି । ଏଥିସହ ନଡ଼ିଆ ଓ କାଜୁ ଚାଷକୁ ପ୍ରୋତ୍ସାହିତ କରିବାକୁ ବଜେଟରେ ସ୍ୱତନ୍ତ୍ର ବ୍ୟୟବରାଦ କରିଛନ୍ତି । ବୁଣାକାରଙ୍କ ପାଇଁ ଆରମ୍ଭ ହେବ ମହାତ୍ମା ଗାନ୍ଧୀ ସ୍ୱରାଜ ଯୋଜନା । ଏହି ଯୋଜନାରେ ହେବ ଟେକ୍ସଟାଇଲ୍ ପାର୍କ। ଖଦି ଓ ହ୍ୟାଣ୍ଡଲୁମକୁ ଅଧିକ ସଶକ୍ତ କରାଯିବ ।

## ୧ ଟଙ୍କାରେ ପୂରା ବଜେଟର ହିସାବ

### ଟଙ୍କାଟିଏ ଆସିବ କେଉଁଠୁ ?

ଋଣ ଓ ଅନ୍ୟାନ୍ୟ ଦାତା-- ୨୪ ପ.
କର୍ପୋରେସନ ଟିକସ- ୧୮ ପ.
ଆୟକର- ୨୧ ପ.
ସୀମା ଶୁଳ୍କ- ୪ ପ.
କେନ୍ଦ୍ରୀୟ ଉତ୍ପାଦନ ଶୁଳ୍କ – ୬ ପ.
ଜିଏସଟି ଓ ଅନ୍ୟାନ୍ୟ ଟିକସ – ୧୫ ପ.
ଅଣ ଟିକସ – ୧୦ ପ.
ଅଣ ପୁଞ୍ଜି ଋଣ- ୨ ପ.




### ଟଙ୍କାଟିଏ ଯିବ କୁଆଡ଼େ ?

ଟିକସ ଓ ଶୁଳ୍କରୁ ରାଜ୍ୟର ଭାଗ- ୨୨ ପ.
ସୁଧ ଦେୟ- ୨୦ ପ.
କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା – ୮ ପ.
ଫାଇନାନ୍ସ କମିଶନ ଓ ଅନ୍ୟ ଟ୍ରାନ୍ସଫର- ୭ ପ.
କେନ୍ଦ୍ରୀୟ ଯୋଜନା – ୧୭ ପ.
ପ୍ରତିରକ୍ଷା- ୧୧ ପ.
ପ୍ରମୁଖ ସବସିଡି- ୬ ପ.
ସାଧାରଣ ପେନସନ- ୨ ପ.
ଅନ୍ୟାନ୍ୟ ଖର୍ଚ୍ଚ – ୭ ପ.

- ବିକଶିତ ଓଡ଼ିଶା ପାଇଁ ସଞ୍ଜିବନୀ: ଶିଳ୍ପ କରିଡ଼ରଠୁ ଜଳପଥ ଯାଏଁ ମିଳିଲା ଗୁରୁତ୍ୱ, ମିଳିବ ୭୩୭୯୩ କୋଟି ଅନୁଦାନ
- ରେଳ ବିଭାଗକୁ ରେକର୍ଡ ୨.୭୮ ଲକ୍ଷ କୋଟି
- ୧୫ ପ୍ରତିଶତ ବୃଦ୍ଧି ପାଇଲା ପ୍ରତିରକ୍ଷା ବଜେଟ୍
- ଶିକ୍ଷା ବିଭାଗକୁ ମିଳିଲା ଅଧିକ ୮.୨୭% ଅର୍ଥ
- ଟିକସ ସ୍ଲାବ ଅପରିବର୍ତ୍ତିତ, ଏପ୍ରିଲ ୧ରୁ ନୂଆ ଆୟକର ଆଇନ
- ୧.୬୩ ଲକ୍ଷର କୃଷି ବଜେଟ
- ଭାରତ ହେବ ଚିପ୍ ମାନୁଫାକ୍ଚରିଂ ହବ୍: ୪୦,୦୦୦ କୋଟିର ବ୍ୟୟବରାଦ
- ଶେୟାର ବଜାରକୁ ପସନ୍ଦ ଆସିଲାନି ବଜେଟ୍, ନିବେଶକଙ୍କ ୧୧ ଲକ୍ଷ କୋଟି ଟଙ୍କା ବୁଡ଼ିଲା

## କଣ ଶସ୍ତା

- କ୍ୟାନସର ରୋଗର ୧୭ଟି ଔଷଧ ହେବ ଶସ୍ତା
- କ୍ୟାନସର, ମଧୁମେହ ଭଳି ୭ ଗମ୍ଭୀର ରୋଗର ଔଷଧ ଶସ୍ତା ହେବ
- ମୋବାଇଲ, ମାଇକ୍ରୋ ଓଭେନ୍, କପଡ଼ା ଶସ୍ତା
- ଚମଡ଼ାରୁ ପ୍ରସ୍ତୁତ ଜୋତା, ବ୍ୟାଗ ଶସ୍ତା ହେବ
- ସୌରଚାଳିତ ବସ୍ତୁ, ସି-ଫୁଡ୍, ଇଭି ବ୍ୟାଟେରୀ ଶସ୍ତା ହେବ
- ବାୟୋ CNG ଗ୍ୟାସ୍ ଶସ୍ତା ହେବ

## କଣ ମହଙ୍ଗା ?

- ନିକୋଟିନ୍ ଓ ତମାଖୁ ଜାତ ଦ୍ରବ୍ୟ
- ବିଦେଶୀ ମଦର ଦାମ ବଢ଼ିବ
- ବିଳାସ ପୂର୍ଣ୍ଣ ଘଣ୍ଟା
- କଫି ଭେଣ୍ଡିଂ ମେସିନ
- ବିଦେଶରୁ ଆମୋନିୟମ୍ ଫସଫେଟ୍ ଓ ଆମେନିୟମ ନାଇଟ୍ରୋ ଫସଫେଟ୍
- ଟେଲିଭିଜନ ଯନ୍ତ୍ରାଂଶ, କ୍ୟାମେରା ଓ ସାଉଣ୍ଡ ରେକର୍ଡିଂ

## ଭାରତର ସଙ୍କଟ ପ୍ରତି ଆଖି ବୁଜି ଦିଆଯାଇଛି: ବଜେଟ୍‌କୁ ବିରୋଧୀଙ୍କ ସମାଲୋଚନା



ନୂଆଦିଲ୍ଲୀ,୧/୨ : ବିରୋଧୀ ଦଳଗୁଡ଼ିକ କେନ୍ଦ୍ର ବଜେଟ୍ ୨୦୨୬-୨୭ ଉପରେ କଡ଼ା ପ୍ରତିକ୍ରିୟା ରଖିଛନ୍ତି। କଂଗ୍ରେସ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଉପସ୍ଥାପନାକୁ 'ଭାରତର ପ୍ରକୃତ ସଙ୍କଟ ପ୍ରତି ଆଖି ବୁଜି ଦିଆଯାଇଥିବା' ଏବଂ ଖର୍ଚ୍ଚ ପ୍ରାଥମିକତା ଉପରେ ସ୍ପଷ୍ଟତାର ଅଭାବ ବୋଲି କହିଛି। ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କହିଛନ୍ତି ଯେ, ଅର୍ଥମନ୍ତ୍ରୀଙ୍କ ଦ୍ୱାରା ଆଗତ ବଜେଟ୍‌ରେ କିଛି ନାହିଁ। ଏଥିରେ ଭାରତର ସଂକଟ ପ୍ରତି ଆଖି ବୁଜି ଦିଆଯାଇଛି। ଯୁବକମାନଙ୍କ ପାଖରେ ନିଯୁକ୍ତି ନାହିଁ। ଉତ୍ପାଦନ ହ୍ରାସ ପାଉଛି।

◆◆ପୃଷ୍ଠା ୭

## ବଜେଟ୍‌କୁ ନେଇ କ୍ଷୋଭ ପ୍ରକାଶ କଲେ ନବୀନ



ଭୁବନେଶ୍ୱର, ୧/୨ (ନି.ପ୍ର): କେନ୍ଦ୍ର ସରକାରଙ୍କ ଦ୍ୱାରା ରବିବାର ଉପସ୍ଥାପିତ ବଜେଟ୍‌କୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ନବୀନ ତାଙ୍କ ସୋସିଆଲ ମିଡିଆ 'ଏକ୍ସ'ରେ ଲେଖିଛନ୍ତି, ବଜେଟ୍ ଉପରେ ମୁଁ ମୋର ନିରାଶା ପ୍ରକାଶ କରୁଛି। ବଜେଟ୍‌ରେ ଓଡ଼ିଶା ଏବଂ ଏହାର ଜନସାଧାରଣଙ୍କୁ କୌଣସି ଉଲ୍ଲେଖନୀୟ ଲାଭ ମିଳିନାହିଁ। ଓଡ଼ିଶାବାସୀଙ୍କ ଆଶା ଥିଲା ଯେ, ଡବଲ ଇଞ୍ଜିନ ସରକାର ଭିତ୍ତିଭୂମି, ନିଯୁକ୍ତି ସୃଷ୍ଟି ଏବଂ ରାଜ୍ୟ ପାଇଁ ଅତିରିକ୍ତ ଆବଣ୍ଟନ ଉପରେ ଧ୍ୟାନ ଦେଇ ଅଭିବୃଦ୍ଧି ଗତି ପ୍ରଦାନ କରିବ। ରାଜ୍ୟକୁ ବହୁତ କମ୍ ମିଳିଛି।

◆◆ପୃଷ୍ଠା ୭

## ଏକାଗ୍ର ମନ, ତୀକ୍ଷ୍ଣ ଦୃଷ୍ଟି: ବଜେଟ ଭାଷଣ ସମୟରେ ଏମିତି ଟେବୁଲ ବାଡେଇଲେ ମୋଦି, ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୧/୨ : ସଂସଦୀୟ କାର୍ଯ୍ୟକାଳରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପସ୍ଥିତି ସର୍ବଦା ପ୍ରଭାବଶାଳୀ, କିନ୍ତୁ ବଜେଟ ଦିବସରେ ତାଙ୍କର ଗମ୍ଭୀରତା ଏକ ଭିନ୍ନ ସ୍ତରକୁ ପହଞ୍ଚେ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ସଂସଦ ଭିତରେ ତାଙ୍କର ବଜେଟ ଭାଷଣ ପଢୁଥିବା ସମୟରେ, ପ୍ରଧାନମନ୍ତ୍ରୀ ମୋଦିଙ୍କ କେନ୍ଦ୍ରିତ ଧ୍ୟାନ ପ୍ରକାଶ କରେ ଯେ ସେ ପ୍ରତ୍ୟେକ ଅଙ୍କ ଏବଂ ପ୍ରତ୍ୟେକ ଯୋଜନାକୁ କେତେ ଗଭୀର ଭାବରେ ଗ୍ରହଣ କରନ୍ତି। ୨୦୧୪ରେ କ୍ଷମତା ଗ୍ରହଣ କରିବା ପରଠାରୁ, ପ୍ରଧାନମନ୍ତ୍ରୀ ମୋଦି ବଜେଟକୁ କେବଳ ବାର୍ଷିକ ଔପଚାରିକତାରୁ 'ରାଷ୍ଟ୍ର ନିର୍ମାଣ ପାଇଁ ବ୍ଲୁପ୍ରିଣ୍ଟ' ରେ ପରିଣତ କରିଛନ୍ତି। ତାଙ୍କ ମୁଖମଣ୍ଡଳର ଭାବ, ତାଙ୍କର ତୀକ୍ଷ୍ଣ ଦୃଷ୍ଟି ଏବଂ ସାମୟିକ ସ୍ୱୀକୃତିର ହସ ତାଙ୍କ ସରକାରଙ୍କ

◆◆ପୃଷ୍ଠା ୭

## ଓଡ଼ିଶା ଆସୁଛନ୍ତି ରାଷ୍ଟ୍ରପତି: ୬ ଦିନରେ ୫ ଜିଲ୍ଲାରେ କାର୍ଯ୍ୟକ୍ରମ



ଭୁବନେଶ୍ୱର, ୧/୨ (ନି.ପ୍ର): ଆସୁଛନ୍ତି ରାଷ୍ଟ୍ରପତି, ୬ ଦିନରେ ୫ ଜିଲ୍ଲାରେ କାର୍ଯ୍ୟକ୍ରମ। ଏଥର ଗସ୍ତ ଟିକିଏ ବଡ଼, କାର୍ଯ୍ୟକ୍ରମ ବି ଅନେକ। ଯାଜପୁର ଓ ପୁରୀରେ ଏଥର ରାଷ୍ଟ୍ରପତି ବିତାଇବେ ଜୀବନର ଅଭୁଲା ମୁହୂର୍ତ୍ତ। ପୂର୍ବ ପୁରୁଷଙ୍କୁ ପିଣ୍ଡ ଦେବେ, ଅଧିଷ୍ଠାତ୍ରୀ ଦେବୀ ମାଆ ବୀରଜା ଓ ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କୁ ଦର୍ଶନ କରିବେ। ଆଉ ଦୁଇ ଦିନ ନିଜ ଜନ୍ମମାଟି ମୟୂରଭଞ୍ଜ ରାଇରଙ୍ଗପୁରରେ ରହିବେ। ମହାମହିମଙ୍କୁ ପାଖରୁ ଦେଖିବା ସୁଯୋଗକୁ କେହି ବି ହାତ ଛଡ଼ା କରିବାକୁ ଚାହିଁନାହାନ୍ତି। ଆସିବେ ମହାମହିମ। ସଜେଇ ହେଲାଣି ଶ୍ରୀକ୍ଷେତ୍ର, ସ୍ୱାଗତ ପାଇଁ ଅପେକ୍ଷାରତ। ମୟୂରଭଞ୍ଜରୁ ପୁରୀ ସବୁଠି ପ୍ରସ୍ତୁତି, ସବୁଠି ଉତ୍ସାହ। ପୁରୀ, ଖୋର୍ଦ୍ଧା, ବାଲେଶ୍ୱର, ଯାଜପୁର, ମୟୂରଭଞ୍ଜ। ୫ ଜିଲ୍ଲାରେ ରାଷ୍ଟ୍ରପତି ବିତାଇବେ ୬ ଦିନ। ତେଣୁ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି। ହାତକୁ ଫୁରସତ ନାହିଁ, ରଙ୍ଗ ଦିଆ ସରିଲାଣି, ଝୋଟି ଅଙ୍କା ଚାଲିଛି। ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମାଆ ବିରଜାଙ୍କୁ ଦର୍ଶନ କରିବେ ରାଷ୍ଟ୍ରପତି। ତେଣୁ ମନ୍ଦିରର ଚୂଡ଼ାରୁ ଚାରିପାଖ ସବୁକିଛି ନୂଆ ନୂଆ କରି ଦିଆ ଯାଇଛି। ପୌରାଣିକ କଥା ବସ୍ତୁ ଆଧାରରେ ଏଠି ଥିବା ନାଭିଗୟାରେ ପିଣ୍ଡ ଦାନର ମହତ୍ୱ ରହିଛି। ରାଷ୍ଟ୍ରପତି ବି ଏଠି ନିଜ ପୂର୍ବ ପୁରୁଷଙ୍କ ପାଇଁ ପିଣ୍ଡଦାନ କରିବେ। ଆସନ୍ତା ୩ ତାରିଖ ସକାଳେ ପ୍ରାୟ ଦେଢ଼ ଘଣ୍ଟାରୁ ଅଧିକ ସମୟ ବିରଜା ମନ୍ଦିରରେ ବିତାଇବେ ମହାମହିମ। ସେଠୁ ସେ ଯିବେ ବାଲେଶ୍ୱର।

◆◆ପୃଷ୍ଠା ୭

## ପଞ୍ଚାୟତ ଭୋଟ୍ ପାଗ ଭିଡ଼ା ପାଇଁ ନେତା ଗାଁ ମୁହାଁ

ଭୁବନେଶ୍ୱର, ୧/୨ (ନି.ପ୍ର): ପଞ୍ଚାୟତ ନିର୍ବାଚନକୁ ଆଉ ମାତ୍ର ବର୍ଷେ ବାକି। ତା'ପୂର୍ବରୁ କିନ୍ତୁ ରାଜ୍ୟର ୩ ପ୍ରମୁଖ ଦଳର ନେତା ପଞ୍ଚାୟତ ଭୋଟ୍ ପାଇଁ ପାଗ ଭିଡ଼ିଲେଣି। ନେତାଙ୍କଠୁ କର୍ମୀଙ୍କ ଯାଏଁ ଏବେ ଗାଁ ମୁହାଁ। ବଜେଟରୁ ଫାଇଦା ସହ SIR ବିଷୟରେ ବୁଝାଇ ବିଜେପି ନେତା ପଞ୍ଚାୟତର ନାଡ଼ି ମାପିବାକୁ ଥିବାବେଳେ ଚାଷୀ ସମସ୍ୟା ଓ ଆଇନ ଶୃଙ୍ଖଳା ପ୍ରସଙ୍ଗକୁ ଧରି କାଲିଠୁ ବରଗଡ଼ରୁ ଅଭିଯାନ ଆରମ୍ଭ କରିବ ବିଜେଡି। ସେପଟେ ଜିଲ୍ଲା ବୁଲି ସଂଗଠନ ସଜାଡ଼ିବାରେ ଲାଗିଛନ୍ତି ପିସିସି ମୁଖିଆ। ପଞ୍ଚାୟତ ନିର୍ବାଚନକୁ ଆଉ ମାତ୍ର ବର୍ଷେ ବାକି। ନେତା ଏବେ ଗାଁ ମୁହାଁ। ରାଜନୈତିକଦଳ ଗୁଡ଼ିକର ପାଗ ଭିଡ଼ା ଆରମ୍ଭ। ଭୋଟ ବ୍ୟାଙ୍କ ସଜାଡ଼ିବା ସହ ପଞ୍ଚାୟତ ସଂଗଠନ ସୁଦୃଢ଼ କରିବାକୁ ଅଧିକ ଗୁରୁତ୍ୱ। ସେହି କ୍ରମରେ ଆସନ୍ତାକାଲି ଠାରୁ ବିଜେଡି ବରଗଡ଼ରୁ ଆରମ୍ଭ କରିବ ଆନ୍ଦୋଳନ। ଚାଷୀ ସମସ୍ୟା ଓ ଆଇନ ଶୃଙ୍ଖଳା ପ୍ରସଙ୍ଗରେ ଦଳ ଆସନ୍ତାକାଲି ଠାରୁ ଫେବ୍ରୁଆରୀ ୧୭ ଯାଏ ସବୁ ଜିଲ୍ଲାରେ ଆନ୍ଦୋଳନ କରିବ। ଏହାପରେ ସରକାରଙ୍କୁ ଚେତାବନୀ ଦେବାକୁ ଭୁବନେଶ୍ୱରରେ ବଡ ସମାବେଶ ମଧ୍ୟ କରିବ। କେବଳ ବିରୋଧୀ ବିଜେଡି ନୁହଁ ସରକାରୀ ଦଳ ବିଜେପି ମଧ୍ୟ ଗାଁ ମୁହାଁ।

◆◆ପୃଷ୍ଠା ୭

# ଭାରତୀୟ ଜନତା ପାର୍ଟି ନରଣପୁର ମଣ୍ଡଳ ତରଫରୁ ବନ୍ଧୁ ମିଳନ କାର୍ଯ୍ୟକ୍ରମ

କେନ୍ଦୁଝର, ୧/୨ (ନି.ପ୍ର): ଭାରତୀୟ ଜନତା ପାର୍ଟି ନରଣପୁର ମଣ୍ଡଳ ତରଫରୁ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ନରଣପୁର ମଣ୍ଡଳ ସଭାପତି ରତିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ୩୦୦ରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା କର୍ମୀ ଯୋଗଦାନ କରିଥିଲେ । କେନ୍ଦୁଝର ଜିଲ୍ଲାର ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା, ନଗର ପ୍ରଭାରୀ ଦିଲ୍ଲିପ କୁମାର ପଣ୍ଡା, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଭାଗିରଥି ସିଂ, ପୂର୍ବତନ ମଣ୍ଡଳ ସଭାପତି ବେଣୁଧର ମହାନ୍ତ, ଚନ୍ଦ୍ରଶେଖର ମହାନ୍ତ, ଚିନ୍ତାମଣି ମହାନ୍ତ, ରୂପେଶ ମହାନ୍ତଙ୍କ ଉପସ୍ଥିତିରେ ବନ୍ଧୁତା ବାର୍ତା ଓ ଆଗାମୀ ପଂଚାୟତ ନିର୍ବାଚନରେ ଦଳ କେମିତି ମଜବୁତ୍ ହେବ ଅଭିଭାଷଣ ରଖିଥିଲେ । ଜିଲ୍ଲାର ନୂତନ କାର୍ଯ୍ୟକାରି ସଦସ୍ୟ ଭାବରେ ମନୋନିତ ହେଇଥିବା ଦିଲ୍ଲିପ କୁମାର ପଣ୍ଡା, ବେଣୁଧର ମହାନ୍ତ, ଚିନ୍ତାମଣି ମହାନ୍ତଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ମଣ୍ଡଳ ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ।

# 'ଓଡ଼ିଆ ଭାଷା କଳ୍ପର ବାଂମୟ ବିଧା' ପୁସ୍ତକ ଉନ୍ମୋଚିତ

## ଓଡ଼ିଆ ଭାଷା ବଞ୍ଚିଲେ ହିଁ ଜାତି ବଞ୍ଚିବ



ବାଲେଶ୍ୱର, ୧/୨ (ନି.ପ୍ର): ଭାଷା ହେଉଛି ଜାତିର ପରିଚୟ। ଭାଷା ବଞ୍ଚିଲେ ହିଁ ଓଡ଼ିଆ ଜାତି ବଞ୍ଚିବ। ଓଡ଼ିଆ ଭାଷା ଶିକ୍ଷାର ଏନ୍ତୁଡ଼ିଶାଳ ହେଉଛି ପରିବାର ଓ ସମାଜ, ଆଉ ଶିକ୍ଷାଳୟ ହେଉଛି ଏହାର ପ୍ରୟୋଗଶାଳା। କଦ୍ରାବାଦ ସ୍ଥିତ ପାର୍ବତୀ ନୀଳୟମ 'ଦି ରିକଭରି' ପରିସରରେ ଆୟୋଜିତ ଏକ ସାରସ୍ୱତ ସମାରୋହରେ ଅତିଥିମାନେ ଏହି ମତ ପ୍ରକାଶ କରିଛନ୍ତି। ବିଶିଷ୍ଟ ଶିକ୍ଷାବିତ୍ ଡ. ରାଧାରଞ୍ଜନ ପଟ୍ଟନାୟକଙ୍କ ଲିଖିତ ପୁସ୍ତକ 'ଓଡ଼ିଆ ଭାଷା କଳ୍ପର ବାଂମୟ ବିଧା' ଏହି ଅବସରରେ ଲୋକାର୍ପିତ ହୋଇଯାଇଛି। 'ବିଦ୍ୟା ଭାରତୀ' ପ୍ରକାଶନର ସଂସ୍ଥାପକ ଅଭୟ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ 'ରେବତୀ' ପତ୍ରିକାର ସମ୍ପାଦିକା ତଥା ବକ୍ତା ବିଧାୟିକା ଶ୍ରୀମତୀ ସୁବାସିନୀ ଜେନା ଯୋଗଦେଇ କହିଥିଲେ ଯେ, ଶିଶୁଟିଏ ଅଙ୍ଗନବାଡ଼ିରୁ ହିଁ ଭାଷାର ପ୍ରାଥମିକ ସଂସ୍କାର ପାଇଥାଏ, ତେଣୁ ଭାଷା ପ୍ରତି ଆଗ୍ରହ ସୃଷ୍ଟି କରିବା ସାମ୍ପ୍ରତିକ ସମୟର ବଡ଼ ଆବଶ୍ୟକତା। ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ଆଇ.ଏ.ଏସ ତଥା କବି ଦେବେନ୍ଦ୍ର କୁମାର ମହାପାତ୍ର ସାହିତ୍ୟ ପ୍ରତି କମୁଥିବା ଆଗ୍ରହ ଓ ପାଠକୀୟତା ହ୍ରାସ ଉପରେ ଚିନ୍ତା ପ୍ରକଟ କରିଥିଲେ। ସେ କହିଥିଲେ, 'ଡ. ପଟ୍ଟନାୟକଙ୍କ ଏହି ସର୍ଜନଶୀଳ ପୁସ୍ତକଟି କେବଳ ପାଠକ ନୁହେଁ, ବରଂ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଶିକ୍ଷଣ ବିଧିର ମାର୍ଗଦର୍ଶିକା ହେବ।' ଆଲୋଚିକା ଭାବେବ ଡ.ଦୀପିକା ସେନାପତି ଯୋଗଦାନକରି କହିଥିଲେ ଯେ ,ଏଇ ପୁସ୍ତକ ଟି ଛାତ୍ରଛାତ୍ରୀ ମାନଙ୍କ ପାଇଁ ଶିକ୍ଷଣ ର ଏକ ହେଣ୍ଡ ବୁକ ହେବ ବୋଲି ମତ ଦେବା ସହ ଏଥିରେ ବର୍ଣ୍ଣ ପରିଚୟ,ରେଖା ଚିତ୍ର ଠାରୁ ଆରମ୍ଭ କରି ଗଦ୍ୟ ,ପଦ୍ୟ, ଅତିରିକ୍ତ ସାହିତ୍ୟ ,ବ୍ୟାକରଣ ,ଛନ୍ଦ ,ଅଳଙ୍କାର ,ଏବଂ ପ୍ରଶ୍ନ ପତ୍ର ପ୍ରସ୍ତୁତି ର ଭିଭିନ୍ନ ପ୍ରସଙ୍ଗ ଉପରେ ସୂକ୍ଷ୍ମ ତାତ୍ତ୍ୱିକ ବିଶ୍ଳେଷଣ କରାଯାଇଛି ।ଯାହା ଉତ୍ତର ପିଢ଼ିଙ୍କ ପାଇଁ ଖୁବ ଉପଯୋଗୀ ହେବ ବୋଲି ମତ ଦେଇଥିଲେ । ?ଅନ୍ୟମାନଙ୍କ ମଧ୍ୟରେ ବରେଣ୍ୟ ଅତିଥି ଭାବେ ପ୍ରଫେସର ଡ. ଶିଶିର ଚନ୍ଦ୍ର ଜେନା, ଡ. ରାଖାଲ ଚନ୍ଦ୍ର ଘଡ଼େଇ ଓ ସ୍ତମ୍ଭକାର କୁଳମଣି ବାରିକ ଯୋଗଦେଇ ଓଡ଼ିଆ ଭାଷା ଶିକ୍ଷଣର ବିଭିନ୍ନ ବୈଜ୍ଞାନିକ ପଦ୍ଧତି ଉପରେ ଆଲୋକପାତ କରିବା ସହ ଏଇ ପୁସ୍ତକ ର ନାମକରଣ ଉପରେ ଏକ ନାନ୍ଦନିକ ଚର୍ଚ୍ଚା କରିଥିଲେ।ଓଡ଼ିଆ ଭାଷା ପ୍ରତି ସରକାରଙ୍କ ଉଦାସୀନତା ଉପରେ ମତ ଦେଇ ବରେଣ୍ୟ ଅତିଥି କୁଳମଣି ବାରିକ ନିଜର କ୍ଷୋଭ ପ୍ରକାଶ କରିଥିଲେ। ଆବାହକ ଡ. ଅନ୍ତର୍ଯ୍ୟାମୀ ପଣ୍ଡା ଲେଖକଙ୍କ ସାରସ୍ୱତ ଯାତ୍ରା ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ କୃଷି ବୈଜ୍ଞାନିକ ଡ. କେଶବ ଚନ୍ଦ୍ର ପଣ୍ଡା ବେଦମନ୍ତ୍ର ପାଠ କରିଥିବା ବେଳେ ବଂଶୀ ବାଦକ ବିଜୟ କୁମାର ମହାନ୍ତିଙ୍କ 'ଆହେ ନୀଳଶୈଳ'ର ସ୍ୱରରେ ସମଗ୍ର ପରିବେଶ ଆଧ୍ୟାତ୍ମିକ ହୋଇଉଠିଥିଲା। ଏହି ଅବସରରେ ଦିବଙ୍ଗତ ସାହିତ୍ୟିକ ଡ. ବଂଶୀଧର ଚୌଧୁରୀଙ୍କ ଅମର ଆତ୍ମାର ସଦଗତି ପାଇଁ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପୃଷ୍ଠା ଦୃଷ୍ଟି କାର୍ଯ୍ୟ ମଝିରେ କଥା କାର ଉଦୟ ନାରାୟଣ ଦାସ ତାଙ୍କ ରଚିତ 'ରାଧା 'ପୁସ୍ତକ ଟିକୁ ଡ.ପଟ୍ଟନାୟକଙ୍କୁ ପ୍ରଦାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସାରସ୍ୱତ ସ୍ରଷ୍ଟା ଶ୍ରୀ ଅଶ୍ୱିନୀ ଶତପଥୀ ଏବଂ ମମତା ମହାନ୍ତି ସେମାନଙ୍କ ନିଜସ୍ୱ ରଚିତ ପୁସ୍ତକ ଡ.ପଟ୍ଟନାୟକଙ୍କୁ ଅର୍ପଣ କରିଥିଲେ ।କବି ପଦ୍ମଲୋଚନ ଦତ୍ତ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ପ୍ରଦାନ କରି ଡ.ପଟ୍ଟନାୟକଙ୍କ ସାହିତ୍ୟ ଅଭିଯାନ ପାଇଁ ସମ୍ମାନିତ କରିଥିଲେ। ସଭ କାର୍ଯ୍ୟ ପ୍ରାରମ୍ଭ ରେ କୁମାରୀ ଅଦିତି ଏବଂ ବିଦ୍ୟାଧର ନାୟକ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ,ଉତ୍ତରୀୟ ,ବେଚ ଦ୍ୱାରା ମଂଚ କୁ ପାଛୋଟି ନେଇଥିଲେ ।ଜ୍ୟୋତି ପ୍ରଭା ଏବଂ ଅୟୁସ୍ମିତା ମିଳିତ ଭାବେ ଅତିଥି ମାନଙ୍କୁ ମଂଚ ଆମନ୍ତ୍ରଣ କରିଥିଲେ । ଦିବଂଗତ କବି ବନ୍ଧୁ ତଥା ସୃଜନାକ୍ଷର ର ପରିଚାଳନା ସମ୍ପାଦକ ଡ.ବଂଶୀଧର ଚୌଧୁରୀଙ୍କ ପାଇଁ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ଡା. ଅଭିମନ୍ୟୁ କାନୁନଗୋ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ବାଲେଶ୍ୱରର ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ କବି ଉପସ୍ଥିତ ରହି ଡ. ପଟ୍ଟନାୟକଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ଅବସର ଦିନ ପେନସନ ଦେଲେ ଜିଲ୍ଲା ଶିକ୍ଷା ଅଧିକାରୀ

ମାଲକାନଗିରି, ୧/୨ (ନି.ପ୍ର): ଚାକିରି ଜୀବନ ଶେଷ ହେବା ପରେ ପେନସନ ପାଇଁ କର୍ମଚାରୀ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନୟାନ୍ତ ଖବର ଶୁଣିଛୁ। ହେଲେ ଦୀର୍ଘ ୨୭ ବର୍ଷ ଶିକ୍ଷକତା କରି ଅବସର ଗ୍ରହଣ ଦିନ ସେବା ନିବୃତି ପେନସନ ବ୍ୟବସ୍ଥା ଯୋଗାଇ ଦେଇ ପୁଣି ମାଥିଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ଜିଲ୍ଲାରେ ପ୍ରଶଂସିତ ହୋଇଛନ୍ତି। ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍ ଅନ୍ତର୍ଗତ ସାରଦାପୁଟ ପ୍ରାଥମିକ ବିଦ୍ୟାଳୟରୁ ଆଜି ଅବସର ଗ୍ରହଣ କରିଥିଲେ ଶିକ୍ଷକ କାମଦେବ ସାହୁ। ତାଙ୍କୁ ଅବସର ଦିନ ଶେଷ ପେନସନ ବ୍ୟବସ୍ଥା ଯୋଗାଇ ଦିଆଯିବା ପାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁମିତ ବିଶ୍ୱାସ ସମସ୍ତ କର୍ମଚାମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟାଳୟର ସମସ୍ତ ବିଭାଗ ସମନ୍ୱୟ ରକ୍ଷା କରି ଦେଇଥିଲେ। ଆଜି ଗୋଷ୍ଠି ଶିକ୍ଷା ଅଧିକାରୀ ଶ୍ରୀ ବିଶ୍ୱାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ବୈଠକରେ ଜିଲ୍ଲା ଶିକ୍ଷାଧିକାରୀ ଚିତ ରଞ୍ଜନ ପାଣିଗ୍ରାହୀ ଯୋଗଦେଇ ଅବସରପ୍ରାପ୍ତ ଶିକ୍ଷକ ଶ୍ରୀ ସାହୁଙ୍କୁ ଉପଢୌକନ, ଶେଷ ପେନସନ କାଗଜ, ମାନପତ୍ର ଆଦି ପ୍ରଦାନ କରିଥିଲେ। ନିଷ୍ଠାପର ଭାବେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କ ଉଦ୍ୟମ ଓ ବିଇଓ ଶ୍ରୀ ବିଶ୍ୱାସଙ୍କୁ ପ୍ରଶଂସା କରିଥିଲେ। ଶିକ୍ଷକ ସଂଘ ପକ୍ଷରୁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ସମେତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ମଧ୍ୟ ସାଧୁବାଦ୍ ଜଣା ଯାଇଥିଲା।

ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଛତିଶ ଚନ୍ଦ୍ର ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ବରିଷ୍ଠ ଶିକ୍ଷକ ଆର ରମଣ ରାଓ, ଭାରପ୍ରାପ୍ତ ବିଆରପି ରତ୍ନାକର ପାଳ, ସୁନିଲ କୁମାର ଦାସ, କାର୍ଯ୍ୟାଳୟ କନିଷ୍ଠ ସହକାରୀ ବିଷ୍ଣୁ ସାହୁକାରୀ, ମହେଶ୍ୱର କଂସାରୀ, ବିଭୂତି ସାନା, ମନୋହର ମିସ୍ତ୍ରୀ ପ୍ରମୁଖ ଉପସ୍ଥିତ ରହିଥିଲେ।

# ନରଣପୁରଠାରେ ଖାଉଟି ସଚେତନତା କାର୍ଯ୍ୟକ୍ରମ

କେନ୍ଦୁଝର, ୧/୨ (ନି.ପ୍ର): କେନ୍ଦୁଝର ଜିଲ୍ଲାର ବୈଧ ମାପ ଓଜନ ବିଜ୍ଞାନ ବିଭାଗର ପ୍ରୋତ୍ସାହନରେ ଓ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତଦାଶା ଆୟୋଜନରେ ସଦର ବ୍ଲକ ଅନ୍ତରଗତ ନରଣପୁର ଉଚ୍ଚ ବିଦ୍ୟାଳୟ ଠାରେ ଏକ ଖାଉଟି ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ର ଛାତ୍ରୀ ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀ ମାନେ ଯୋଗ ଦେଇଥିବାବେଳେ ଖାଉଟିମାନଙ୍କୁ ସଚେତନ କରାଇବାକୁ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଦୃଢ଼ ଶପଥ କରିଥିଲେ । ପ୍ରାରମ୍ଭରେ ମା ତାରିଣୀଙ୍କ ଫଟଚିତ୍ରରେ ଦୀପ ପ୍ରଜ୍ୱଳନ କରାଯାଇ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା । ପ୍ରଧାନଶିକ୍ଷକ ମନୋରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାମ୍ବାଦିକ ସତ୍ୟଜିତ ମିଶ୍ର ଅତିଥିମାନଙ୍କର ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଅଭିଭାଷଣ ଦେବା ସହ କାର୍ଯ୍ୟକ୍ରମର ଅଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ବିଭାଗର ପରିଦର୍ଶିକା ହେମଲତା କିଷାନ, ବରିଷ୍ଠ କୋଷାଧ୍ୟକ୍ଷ ସୋମନାଥ ମଲିକ, ତଦାଶା ସମ୍ପାଦକ ଅକ୍ଷୟ କୁମାର ଚକ୍ର, ଶିକ୍ଷକ ଅସିତ କୁମାର ପ୍ରହରାଜ, ଅଞ୍ଜିତା ମହାନ୍ତ, ସୁମିତ୍ରା ମହାନ୍ତ ଯୋଗଦେଇ ଖାଉଟି ସଚେତନତା ଉପରେ ବକ୍ତବ୍ୟ ରଖିଥିବା ବେଳେ ମାଷ୍ଟର ଟ୍ରେନର ପର୍ଶୁରାମ ଜେନା ବିଭିନ୍ନ ସାମଗ୍ରୀ ଯଥା ଗ୍ୟାସ ସିଲିଣ୍ଡର ଖାଦ୍ୟଜାତୀୟ ସାମଗ୍ରୀର ବ୍ୟବହାର ତାରିଖ ଉପରେ ପେଟ୍ରୋଲ ଡିଜେଲ କ୍ରୟ ଓ ଏଥିରେ ଠକାମୀର ଶିକାର ନହେବାର ଉପାୟ ଦର୍ଶାଇ ବ୍ୟାଙ୍କର ସାଇବର ଅପରାଧ ଉପରେ ପ୍ରଦର୍ଶନୀ ମାଧ୍ୟମରେ ମନ୍ତବ୍ୟ ଦେଇଥିଲେ । ପରେ ପରେ ଛାତ୍ରଛାତ୍ରୀ ମାନେ ବିଭିନ୍ନ ପ୍ରଶ୍ନ ପଚାରି ତାହାର ସନ୍ତୋଷଜନକ ଉତର ପାଇପାରିଥିଲେ । ଅତିଥିମାନଙ୍କ ଦ୍ୱାରା ଖାଉଟିମାନଙ୍କୁ ସଚେତନ କରାଇବାକୁ ଶପଥ ପାଠ କରାଇଥିଲେ । ପରିଶେଷରେ ବରିଷ୍ଠ ଶିକ୍ଷକ ବିଶ୍ୱନାଥ ସାୟାନ୍ତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜାନୁୟାରୀ ମାସରେ ପାରାଦୀପ ବନ୍ଦର ଦ୍ୱାରା ୧୪.୪୪ ଏମଏମଟି ପଣ୍ୟ କାରବାର କରି ରେକର୍ଡ




ପାରାଦୀପ, ୧/୨ : ଚଳିତ ଜାନୁୟାରୀ ମାସରେ ପାରାଦୀପ ବନ୍ଦର ୧୪.୪୪ ଏମଏମଟି ପଣ୍ୟ କାରବାର କରି ରେକର୍ଡ ସୃଷ୍ଟି କରିଛି । ଗତ ବର୍ଷ ଏହି ଜାନୁୟାରୀ ମାସରେ ପାରାଦୀପ ବନ୍ଦର ପକ୍ଷରୁ ୧୪.୩୨ ଏମଏମଟି ପଣ୍ୟ କାରବାର ହୋଇଥିଲା । ଏହି ଅଭିବୃଦ୍ଧି ପରେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ କେନ୍ଦ୍ର ଜାହାଜ ଚଳାଚଳ, ବନ୍ଦର ଓ ଜଳମାର୍ଗ ମନ୍ତ୍ରୀ ସର୍ବାନନ୍ଦ ସୋନୋଓାଲଙ୍କ ଦୃଢ ଦିଗଦର୍ଶନ ବୋଲି କହିବା ସହିତ ବନ୍ଦର ଅଧିକାରୀ, କର୍ମଚାରୀ, ଚୁକ୍ତିଭିତିକ କର୍ମଚାରୀ ଓ ବନ୍ଦର ସସହଯୋଗୀଙ୍କୁ ସମସ୍ତ ଶ୍ରେୟ ଦେଇଛନ୍ତି । ପାରାଦୀପ ବନ୍ଦର ଆଧୁନିକିକରଣ କାର୍ଯ୍ୟ ଜାରୀ ରହିଛି, ଏଥି ସହିତ ଅଭିବୃଦ୍ଧି ହାର ମଧ୍ୟ ବୃଦ୍ଧି ପାଇଛି । ଏହା ଦ୍ୱାରା ଜାତୀୟ ଅର୍ଥନୈତିକ ବିକାଶରେ ପାରାଦୀପ ବନ୍ଦର ସହାୟକ ହେଉଛି ବୋଲି ଶ୍ରୀ ହରନାଦ କହିଛନ୍ତି ।

# ମୁରାନ୍ ମେଗା ପାନୀୟ ଜଳ ପ୍ରକଳ୍ପର ସମୀକ୍ଷା କଲେ ବିଧାନସଭା ଷ୍ଟେଇରିଂ କମିଟି

ଜୟପୁର, ୧/୨ (ନି.ପ୍ର): କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ମୁରାନ ଠାରେ ଚାଲିଥିବା ମେଗା ପାନୀୟ ଜଳ ପ୍ରକଳ୍ପ ଅଗ୍ରଗତିର ସମୀକ୍ଷା କରିଛନ୍ତି ବିଧାନସଭା ଷ୍ଟେଇରିଂ କମିଟି । ବଡ଼ସାହି ବିଧାନସଭା ନିର୍ବାଚନ ମଣ୍ଡଳୀର ବରିଷ୍ଠ ବିଜେପି ବିଧାୟକଙ୍କ ନେତୃତ୍ୱରେ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା ଓ ଜିଲ୍ଲା ପ୍ରଶାସନର ଅଧିକାରୀ ମାନେ ମେଗା ପାନୀୟ ଜଳ ପ୍ରକଳ୍ପକୁ ଯାଇ ଓଡ଼ିଶାର ପ୍ରଥମ ମେଗା ପାନୀୟ ପ୍ରକଳ୍ପ ହୋଇଥିବାରୁ ଏହାର କାର୍ଯ୍ୟ କେତେ ହୋଇଛି ତାର ସମୀକ୍ଷା କରି ରାଜ୍ୟ ସରକାରଙ୍କୁ ହସ୍ତଗତ କରାଇବେ ବୋଲି ଜଣାପଡିଛି । ମୁରାନ ମେଗା ପାନୀୟ ଜଳ ବିଜେଡି ସରକାର ସମୟରେ ୨୦୧୭ ମସିହାରେ ଆରମ୍ଭ ହୋଇଥିଲା । ବର୍ତମାନ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ୭୫ ପ୍ରତିଶତ ହୋଇ ଅଟକି ରହିଛି ଆଉ ଗୋଟିଏ ମାସ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ସରି ବୋରିଗୁମ୍ମା ବ୍ଲକ, କୋଟପାଡ଼ ବ୍ଲକ ଓ ଜୟପୁର ବ୍ଲକର ୫୧ଟି ପଂଚାୟତର ଲୋକେ ବିଶୁଦ୍ଧ ପାନୀୟ ଜଳ ପାଇବେ ବୋଲି ଷ୍ଟେଇରିଂ କମିଟି ସଦସ୍ୟ ମାନେ କହିଛନ୍ତି କ୍ଷ ବିଜେଡି ସରକାର ଅମଳରେ ଆରମ୍ଭ ହୋଇଥିଲା ପ୍ରକଳ୍ପ। କିନ୍ତୁ ଆଜି ପର୍ଯ୍ୟନ୍ତ ସରିବାର ନା ଗନ୍ଧ ନାହିଁ । ଠିକା ନେଇଥିବା ଠିକା ସଂସ୍ଥା ବିରୋଧରେ ପେନାଲ୍ଟି ପଡିବା ସତ୍ତ୍ୱେ ମଧ୍ୟ ଲୋକେ ୧୦ ବର୍ଷ ହେବ ପିଇବା ପାଣି ମୁନ୍ଦାଏ ପାଇ ପାରି ନାହାନ୍ତି । ମୁଖ୍ୟତଃ ଜୟପୁର ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗାଁରେ ଲାଗି ରହୁଥିବା ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ବିଧାନସଭାରେ ବାରମ୍ବାର ଦାବି ପରେ ନବୀନ ସରକାର କୋରାପୁଟ ଜିଲ୍ଲାକୁ ଉପହାର ଦେଇ ବିଶୁଦ୍ଧ ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ସ୍ୱପ୍ନ ଦେଖାଇଥିଲେ । ୨୦୧୭ ମସିହାରୁ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇ ଆଜି ପର୍ଯ୍ୟନ୍ତ ବିଭିନ୍ନ ଗାଁ କୁ ପାଣି ମୁନ୍ଦାଏ ପହଂଚି ପାରି ନାହିଁ । ଏପରିକି ମେଗା ପାନୀୟ ଜଳ ପ୍ରକଳ୍ପର ନାକ ତଳେ ଥିବା କାଠରଗଡା, କୁମୁଲି, ଗୁମୁଡ଼ା, ମୁଞ୍ଜା ଭଳି ପଂଚାୟତରେ ପାଇପ କାମ ସରିଛି ସତ, କିନ୍ତୁ ପାନୀୟ ଜଳର ଘୋର ସମସ୍ୟା ଥିବା ସତ୍ତ୍ୱେ ମଧ୍ୟ ବିଶୁଦ୍ଧ ପାଣି ପହଂଚି ପାରି ନାହିଁ । ବିଭିନ୍ନ ସମୟରେ ଲୋକେ ଏହି ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଦାବି କରିଛନ୍ତି । ଏହି ପାନୀୟ ଜଳ ପ୍ରକଳ୍ପ ମୁରାନ୍ ଡେମ ଠାରେ ନିର୍ମାଣ ଆଜି ପର୍ଯ୍ୟନ୍ତ ଚାଲୁ ରହିଛି । ଏହା ସମଗ୍ର ଓଡ଼ିଶାର ପ୍ରଥମ ମେଗା ପାନୀୟ ଜଳ ପ୍ରକଳ୍ପ ଅଟେ । ଲୋକଙ୍କ ଦାବି ପରେ ପ୍ରକଳ୍ପର ସ୍ଥିତି ଅନୁଧାନ ପାଇଁ ବୋରିଗୁମ୍ମା ବ୍ଲକ ମୁରାନ ଠାରେ ପହଂଚି ସମୀକ୍ଷା କରିଛନ୍ତି ବିଧାନସଭା ଷ୍ଟେଇରିଂ କମିଟି । ବଡ଼ସାହି ବିଧାନସଭା ନିର୍ବାଚନ ମଣ୍ଡଳୀର ବରିଷ୍ଠ ବିଜେପି ବିଧାୟକ ସନାତନ ବିଜୁଳୀଙ୍କ ନେତୃତ୍ୱରେ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା ଓ ଜିଲ୍ଲା ପ୍ରଶାସନର ଅଧିକାରୀ ମାନେ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ କେତେ ହୋଇଛି ତା'ର ସମୀକ୍ଷା କରି ରାଜ୍ୟ ସରକାରଙ୍କୁ ହସ୍ତଗତ କରାଇବେ ବୋଲି ଜଣାପଡିଛି । ବର୍ତମାନ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ୭୫ ପ୍ରତିଶତ ସରିଛି ଶତ ପ୍ରତିଶତ କାର୍ଯ୍ୟ ଆଉ ଗୋଟିଏ ମାସ ମଧ୍ୟରେ ସରି ବୋରିଗୁମ୍ମା ବ୍ଲକ, କୋଟପାଡ଼ ବ୍ଲକ ଓ ଜୟପୁର ବ୍ଲକର ୫୧ଟି ପଂଚାୟତର ଲୋକେ ବିଶୁଦ୍ଧ ପାନୀୟ ଜଳ ପାଇବେ ବୋଲି ଷ୍ଟେଇରିଂ କମିଟି ସଦସ୍ୟ ମାନେ ସ୍ଥିତି ଅନୁଧାନ ପରେ କହିଛନ୍ତି । ଆଗକୁ ଗ୍ରୀଷ୍ମ ଋତୁ ଆସୁଥିବାରୁ ତୁରନ୍ତ ପ୍ରକଳ୍ପ ସାରି ପାନୀୟ ଜଳ ଯୋଗାଣ ପାଇଁ ସ୍ଥାନୀୟ ଲୋକେ ବିଧାୟକ ମାନଙ୍କ ନିକଟରେ ଦାବି କରିଥିବା ମଧ୍ୟ ଦେଖାଦେଇଛି ।

# ପଳାଶପୁର ପ୍ରିମିୟର୍ ଲିଗ୍ (ପି.ପି.ଏଲ୍): ସଂସ୍କରଣ-୪ ଉଦ୍‌ଯାପିତ: ପଳାଶପୁର ଇଲେଭେନ୍‌କୁ ହରାଇ ଆର.ଆର. ଅଫିସିଆଲ୍ ଚମ୍ପିୟନ୍



ବାଲେଶ୍ୱର, ୧/୨ (ନି.ପ୍ର): ସଦରବ୍ଲକ ଅଧିନସ୍ଥ ପଳାଶପୁରଛକ ନିକଟସ୍ଥ ଖେଳପଡିଆରେ ପ୍ରାକ୍ତନ ସରପଞ୍ଚ ବିରୁପାକ୍ଷ୍ୟ ମହାପାତ୍ରଙ୍କ ସଭାପତିତ୍ୱରେ ପଳାଶପୁର ପ୍ରିମିୟର୍ ଲିଗ୍ (ପି.ପି.ଏଲ୍): ସଂସ୍କରଣ-୪ ଉଦଯାପିତ ହେଇଯାଇଅଛି। ମୁଖ୍ୟ ଅତିଥି ରୂପେ ବାଲେଶ୍ୱର ଓକିଲ ସଂଘର ସଭାପତି ଶ୍ରୀଯୁକ୍ତ କେଶବ କୁମାର ଆଚାର୍ଯ୍ୟ, ସମ୍ମାନୀତ ଅତିଥିରୂପେ ଇଂ ରଞ୍ଜନ କୁମାର ଦାସ (ସଭାପତି, ଛାତ୍ର କଂଗ୍ରେସ ଏବଂ ପ୍ରାକ୍ତନ ସମିତି ସଭ୍ୟ), ସମିତି ସଭ୍ୟା ପୁଷ୍ପଶ୍ରୀ ରାଉତ, ଭାବଗତ ବେହେରା (ପ୍ରାକ୍ତନ ସଭାପତି, ସାରେଗାଁ ସମବାୟ ସମିତି) ଅଭ୍ୟୁଦୟମ୍ ର ମୁଖ୍ୟ ଇଂ ସବ୍ୟସାଚୀ ପ୍ରଧାନ,ସମାଜସେବୀ ଅବନୀ ଚନ୍ଦ୍ର ରାଉତ ଏବଂ ପିତାମ୍ବର ମହାପାତ୍ର ଆଦି ଯୋଗଦେଇ କ୍ରୀଡାବିତ୍ ମାନଙ୍କୁ ଉତ୍ସାହିତ କରିଥିଲେ। ପଡିଆରେ ଖେଳ ପରିଚାଳନା ପାଇଁ ଅମ୍ପାୟାର୍ ଭାବେ, ଜନ୍ମେଜୟ ପରିଡ଼ା ଏବଂ ଶୁଭ୍ରାଂଶୁ ରାଉତ, ଭାଷ୍ୟକାର ତ୍ରିଲୋଚନ ବେହେରା ଏବଂ ସିଦ୍ଧାର୍ଥ ସୌରଭ ମହାନ୍ତି, ସ୍କୋରର ରଶ୍ମିରଞ୍ଜନ ଜେନା ଓ ଚନ୍ଦ୍ରକାନ୍ତ ଜେନା, ଅନ୍ୟସହ ଯୋଗୀମାନଙ୍କ ମଧ୍ୟରେ ଶକ୍ତିପ୍ରସାଦ ରାଉତ, ରତିରଞ୍ଜନ ଆଚାର୍ଯ୍ୟ, ମୁକ୍ତିକାନ୍ତ ପାଳ, ଚନ୍ଦ୍ରକାନ୍ତ ଜେନା ଏବଂ ଶୁଭ୍ରଜିତ ମହାନ୍ତି ଆଦି ଉପସ୍ଥିତରହି ଖେଳକୁ ସୁପରିଚାଳନା ପାଇଁ କାରିବାରେ ସହଯୋଗ କରିଥିଲେ। ପଳାଶପୁର ଇଲେଭେନ୍ ର ଅଧିନାୟକ ମଧୁସୂଦନ ପରିଡ଼ା ଏବଂ ଆର.ଆର. ଅଫିସିଆଲ୍ ର ଅଧିନାୟକ ସୁଜିତ କୁମାର ବାରିକ୍ ନେତୃତ୍ୱରେ ଶୃଙ୍ଖଳାର ସହ ସୁନ୍ଦର ଖେଳପ୍ରଦର୍ଶନ ହେଇଥିଲା

# ବେଆଇନ ଗୋରୁ ଚାଲାଣକୁ ନେଇ ଅସନ୍ତୋଷ

ନୂଆପଡ଼ା, ୧/୨ (ନି.ପ୍ର): ବେଆଇନ ଗୋରୁ ଚାଲଣକୁ ନେଇ ଲୋକଙ୍କ ମନରେ ଅସନ୍ତୋଷ ଦେଖାଦେଇଛି । ସପ୍ତାହର ପ୍ରତି ବୁଧବାର ଦିନ ଖଡିଆଳ ଭବାନୀପାଟଣା ରାସ୍ତାରେ ହଜାର ହଜାର ଗାଇ ଗୋରୁଙ୍କୁ ବେଆଇନ ଭାବରେ ଚାଲାଣ କରାଯାଉଥିବା ଅନୁମାନ କରାଯାଉଛି। ଖବର ମତେ ବଲାଙ୍ଗିର ଜିଲ୍ଲା କଂଟାବାଞ୍ଜି ହାଟରୁ ଏହି ଗାଇଗୋରୁଙ୍କୁ କ୍ରୟ କରି କଳାହାଣ୍ଡି ଜିଲ୍ଲାର ଧର୍ମଗଡ ନିଆଯାଏ ଓ ସେଠାରୁ ବାହାର ରାଜ୍ୟକୁ ପଠାଯାଏ। ମାଂସ ରପ୍ତାନୀ ପାଇଁ ଏସବୁ ନିଆଯାଉଥିବା ଲୋକେ ସନ୍ଦେହ କରୁଛନ୍ତି । କଂଟାବାଂଜି ଠାରୁ ଧର୍ମଗଡ ଦୂରତା ୧୦୦ କିଲୋମିଟରୁ ଅଧିକ ଥିବାବେଳେ ଗର୍ଭବତୀ ଗାଇ ସହ ଛୋଟଛୋଟ ବାଛୁରୀକୁ ମଧ୍ୟ ନିଆଯାଏ । କଷ୍ଟ ସହ୍ୟ କରିନପାରି ଅନେକ ଗାଇ ଓ ବାଛୁରୀ ବାଟରେ ମୃତ୍ୟୁବରଣ କରୁଥିବା ବେଳେ ଚାଲାଣକାରୀ ମାନେ ମୃତଗାଇଙ୍କୁ ଛାଡି ଚାଲିଯାଇଥାନ୍ତି । ମୃତ ଶରୀରରୁ ଦୁର୍ଗନ୍ଧ ଆଖପାଖ ଗ୍ରାମରେ ଖେଳିଯାଇଥାଏ । ଫଳରେ ଲୋକେ ଅସହ୍ୟ ବୋଧ କରିଥାନ୍ତି । ୧୦ ରୁ ଅଧିକ ଠିକାଦାର ଏହି କାର୍ଯ୍ୟରେ ସଂଶ୍ଲିଷ୍ଟ ଥିବାବେଳେ ସ୍ଥାନୀୟ ଲୋକଙ୍କୁ କମ ମଜୁରୀରେ ଏହି କାମ ପାଇଁ ନିୟୋଜିତ କରିଥାନ୍ତି ।

# ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଯାପିତ




କୁପାରି, ୧/୨ (ନି.ପ୍ର): ଖଇରା ବ୍ଲକ କୁପାରି ସ୍ଥିତ ଡ. ହରେକୃଷ୍ଣ ମହତାବ ମହାବିଦ୍ୟାଳୟ ପରିସରରେ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ଶିକ୍ଷା ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଯୁଧିଷ୍ଠିର କୁଅଁର ଯୋଗଦେଇ ଆତ୍ମରକ୍ଷା କୌଶଳ ଶିକ୍ଷା ଛାତ୍ରୀମାନଙ୍କୁ ନିଶ୍ଚିତ ଭାବେ ଅନୁପ୍ରାଣିତ କରିଥିବ ଓ ଏହା ସେମାନଙ୍କ ବ୍ୟକ୍ତିତ୍ୱକୁ ପ୍ରଭାବିତ କରିବ ବୋଲି ମତବ୍ୟକ୍ତ କରିଥଲେ। ପ୍ରଶିକ୍ଷିକା ମନୋରମା ରାଉତଙ୍କୁ ଏହି ସଭାରେ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଏହା ବ୍ୟତୀତ ଆତ୍ମରକ୍ଷା କୌଶଳ ତାଲିମ୍ ନେଉଥିବା ସମସ୍ତ ଛାତ୍ରୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇ ଥିଲା। ସଂଯୋଜିକା ଅଧ୍ୟାପିକା ମଞ୍ଜୁଲତା ବେହେରା ସହ ସଂଯୋଜିକା ରଶ୍ମିତା ବିଶ୍ୱାଳ ଶୃଙ୍ଖଳାର ସହିତ ଶିବିର ପରିଚାଳନା କରିଥିବାରୁ ଅଧ୍ୟକ୍ଷ ମହୋଦୟ ସେମାନଙ୍କୁ ପ୍ରଶଂସା କରିଥିଲେ। ଉକ୍ତ ମହାବିଦ୍ୟାଳୟର ବରିଷ୍ଠ ପ୍ରାଧ୍ୟାପକ ସୁରେନ୍ଦ୍ରନାଥ ରାଉତ ନିଜର ମତାମତ ଉପସ୍ଥାପନା କରିଥଲେ । ଉକ୍ତ ସଭାରେ ମହାବିଦ୍ୟାଳୟର ସମସ୍ତ ପ୍ରାଧ୍ୟାପକ, ପ୍ରଧ୍ୟାପିକା, ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଖାସବାହାଲ ପଂଚାୟତରେ ସାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା ଦାବି

ନୂଆପଡ଼ା, ୧/୨ (ନି.ପ୍ର): ରାଜ୍ୟ ଏବଂ କେନ୍ଦ୍ର ସରକାର ଗ୍ରାମାଂଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ସହ ଅନ୍ୟାନ୍ୟ ବିଷୟରେ ଗୁରୁତ୍ୱ ଦେଇ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ ଉପଯୁକ୍ତ ଭିତିଭୂମିର ଅଭାବ ଯୋଗୁଁ ଏହି ଯୋଜନାର ସଠିକ ରୂପାୟନ ହୋଇପାରୁ ନାହିଁ । ଖଡ଼ିଆଳ ବ୍ଲକର ଆଦିବାସୀ ବହୁଳ ଖାସବାହାଲ ପଂଚାୟତ ଶିକ୍ଷା, ସାସ୍ଥ୍ୟ, ଗମନାଗମନ କ୍ଷେତ୍ରରେ ବହୁ ପଛରେ ପଡ଼ିଯାଇଥିବା ଅଭିଯୋଗ ହେଉଛି । ଏହି ପଂଚାୟତରେ ବର୍ତ୍ତମାନ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟକେନ୍ଦ୍ରଟିଏ ସ୍ଥାପନ ହୋଇପାରି ନାହିଁ । ଫଳରେ ସାଧାରଣ ରୋଗରେ ଏହି ପଂଚାୟତବାସୀ ୨୦ ରୁ ୨୫ କିଲୋମିଟର ଦୂର ଖଡ଼ିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିଥାନ୍ତି । ଏହି କାରଣ ଯୋଗୁଁ ଖଡ଼ିଆଳ ଡାକ୍ତରଖାନାରେ ରୋଗୀଙ୍କ ସଂଖ୍ୟା ବୃଦ୍ଧିପାଉଥିବା ଦେଖିବାକୁ ମିଳୁଥିବା ବେଳେ ଲୋକେ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଇପାରୁ ନାହାନ୍ତି । କାରଣ ଖଡିଆଳ ଡାକ୍ତରଖାନାରେ ଡାକ୍ତର ସହ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥାର ଅଭାବ ଦୀର୍ଘ ଦିନରୁ ଲାଗିରହିଛି । ଚିକିତ୍ସା ପାଇଁ କାମ ଧନ୍ଦା ଛାଡ଼ି ଲୋକେ ଦୂର ଦୂରାନ୍ତରୁ ଆସି ଘଂଟା ଘଂଟା ଜଗିରହି ଚିକିତ୍ସିତ ହେଉଥିବା ବେଳେ ଅଯଥାରେ ହଇରାଣ ଓ ଖର୍ଚ୍ଚାନ୍ତରେ ପଡୁଛନ୍ତି । ପୁଣି ଚିକିତ୍ସା ପାଇଁ ଏମାନଙ୍କ ଗୋଟିଏ ଦିନ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଉଥିବା ଅଭିଯୋଗ କରିଛନ୍ତି । ଇତିପୂର୍ବେ ରାଜ୍ୟ ସରକାର ରାଜ୍ୟର ଉପାନ୍ତ ଅଂଚଳ ମାନଙ୍କରେ ସାସ୍ଥ୍ୟକେନ୍ଦ୍ର ନିର୍ମାଣ ପାଇଁ ସୁପାରିସ କରିଥିବା ବେଳେ ଜିଲ୍ଲାର ଉପାନ୍ତ ଅଂଚଳ ସହ ଖାସବାହାଲ ପଂଚାୟତରେ ସାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା କରିବାକୁ ସାଧାରଣରେ ଦାବୀ ହେଉଛି ।

# ଓଡ଼ିଶା ଓ ବଙ୍ଗ ସୀମାନ୍ତ ଜନପ୍ରତିନିଧି ମାନଙ୍କୁ ନେଇ ହାତୀ ସୁରକ୍ଷା ସମନ୍ୱୟ ବୈଠକ ଅନୁଷ୍ଠିତ

ଜଳେଶ୍ୱର ୧/୨(ନିପ୍ର) ଆଜି ସକାଳ ୧୦ ଘଟିକା ସମୟରେ ରାସଗୋବିନ୍ଦପୁର ରେଞ୍ଜ ଅଧିନସ୍ତ ହରିଣାଶୋଳ ବିଦ୍ୟାଳୟ ପରିସରର ଉଭୟ ଓଡ଼ିଶା ଓ ପୋଡଶୀ ପଶ୍ଚିମବଙ୍ଗ ସୀମାନ୍ତ ଅଞ୍ଚଳର ନିର୍ବାଚିତ ପ୍ରତିନିଧି ସାଙ୍ଗକୁ ସେଚ୍ଛାସେବୀ ବ୍ୟକ୍ତି ବିଶେଷ ଓ ଉଭୟ ବାରିପଦା ଡିଭିଜନ ଓ ବାଲେଶ୍ୱର ଡିଭିଜନ ସାଙ୍ଗକୁ ପୋଡ ଶୀ ପଶ୍ଚିମବଙ୍ଗ ସୀମାନ୍ତ ଅଞ୍ଚଳର ବନ ଅଧିକାରୀ ଓ କର୍ମଚାରୀ ମାନଙ୍କ ସହିତ ସେଭ ଏଲିଫେଣ୍ଟ ଫାଉଣ୍ଡେସନର ଆନୁକୁଲ୍ୟରେ ହାତୀର ସୁରକ୍ଷା ସାଙ୍ଗକୁ ହାତୀ ଖାଦ୍ୟ ପାନୀୟ ଓ ମଣିଷ ଓ ହାତୀ ମଧ୍ୟରେ କିପରି ସ୍ୱ ସମ୍ପର୍କ ସ୍ଥାପନ ଓ ଉଭୟ ପୋଡଶୀ ଜିଲ୍ଲା ଓ ରାଜ୍ୟର ହାତୀକୁ ନେଇ ଉପୁଜୁଥିବା ବିବାଦ ସମ୍ପର୍କର ବିସ୍ତୃତ ଆଲୋଚନା କରାଯାଇ ଥିଲା ତତ୍ ସହିତ ହାତୀର ଚଳ ପ୍ରଚଳକୁ ଅବଧାର ଯିବା ଆସିବା ସାଙ୍ଗକୁ ହାତୀ ଦ୍ୱାରା ହେଉଥିବା ଧନ ଜୀବନ କିପରି ସୁରକ୍ଷା ଯୋଗାଇ ଦିଆଯାଇ ପାରିବ ଏବଂ ହାତୀ ମାନଙ୍କୁ ଉତ୍ତେଜିତ ନ କରି ସେମାନଙ୍କୁ ଶାନ୍ତ ଭାବରେ ଜୀବନ ଜିବାର ମୌଳିକତା ଦେବା ସେ ନେଇ ଆଲୋଚନ କରାଯାଇ ଥିଲା ଏହି ବୈଠକରେ ମଞ୍ଚ ପରିଚାଳନା କରିଥଲେ ରେଞ୍ଜ ବାରିପଦା ବନଖଣ୍ଡ ଡିଏଫ୍‌ଓ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ,ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ସେଭ୍ ଏଲିଫେଣ୍ଟ ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ପୂର୍ବତନ ବନ୍ୟ ପ୍ରାଣୀ ସଂରକ୍ଷକ ଡ ଦେବବ୍ରତ ସ୍ୱାଇଁ, ଅବୈତନିକ ବନ୍ୟଜୀବ ତତ୍ତ୍ୱାବଧାରକ ଅଶ୍ୱିନୀ ଦାସ, ହରିଣାଶୋଳ ଗ୍ରାମ ପଞ୍ଚାୟତର ସରପଞ୍ଚ ବୁଦ୍ଧିରାମ ମୁର୍ମୁ, ପଶ୍ଚିମବଙ୍ଗ ନୟାଗ୍ରାମ ବ୍ଲକ ଆଡରା ଅଞ୍ଚଳ ପ୍ରଧାନ ବିଜୟା ଦୟାଳ , ସମେତ ବିଭିନ୍ନ ସୀମାରକୁ ଲାଗିରହିଥିବା ସରପଞ୍ଚ , ସମିତି ସଭ୍ୟ, ୱାର୍ଡ଼ ସଭ୍ୟ ସଭ୍ୟା ବନ ବିଭାଗର ଫରେଷ୍ଟର, ଗାର୍ଡ, ହାତୀ ସାଥୀ, ଗଜ ସାଥୀ ସାଙ୍ଗକୁ ପରିବେଶକୁ ଭଲପାଉଥିବା ପ୍ରକୃତି ପ୍ରେମୀ ଉପସ୍ଥିତ ରହିଥିଲେ ସମସ୍ତଙ୍କ ଧନ୍ୟବାଦ୍ ଅର୍ପଣ କରିଥିଲେ ମୋରଡ଼ା ରେଞ୍ଜର ଘନଶ୍ୟାମ ସିଂ ଓ କହୁଥିଲେ ହାତୀ ଓ ମଣିଷର ଏକ ବନ୍ଧୁତା ସୃଷ୍ଟି ହେଲା ଉଭୟ ହାତୀ ଓ ମଣିଷ ସୁରକ୍ଷିତ ରହିବେ ।

# ଲାଭଜନକ ଫସଲ ଦେଶୀଆଳୁ



ଖମ୍ବଆଳୁ ବା ଦେଶୀଆଳୁ ଏକ ଗ୍ରୀଷ୍ମମଣ୍ଡଳୀୟ କନ୍ଦ ଫସଲ। ଭାରତର ଆନ୍ଧ୍ରପ୍ରଦେଶ, କେରଳ, ଗୁଜୁରାଟ, ଓଡ଼ିଶା, ପଶ୍ଚିମବଙ୍ଗ, ବିହାର, ତାମିଲନାଡ୍ଡୁ, ମହାରାଷ୍ଟ୍ର ଆଦି ଜିଲ୍ଲାରେ ଖମ୍ବଆଳୁ ଚାଷ ହୁଏ। ଓଡ଼ିଶାର ପୁରପଲ୍ଲୀରେ ଖମ୍ବଆଳୁର ଚାହିଦା ଅନେକ। ଆମ ରାଜ୍ୟରେ ମାଟି ଓ ଜଳବାୟୁ ଖମ୍ବଆଳୁ ଚାଷ ପାଇଁ ଉପଯୋଗୀ। ମାତ୍ର ଚାଷୀମାନଙ୍କ ପାଖରେ ଅଧିକ ଅମଳକ୍ଷମ କିସମର ଉତ୍କୃଷ୍ଟ ବିହନ, ଉନ୍ନତ ଚାଷ ପଦ୍ଧତି ଜ୍ଞାନକୌଶଳର ଅଭାବ ହେତୁ ଓଡ଼ିଶାର ଖମ୍ବଆଳୁ ବ୍ୟାପକ ଭାବେ ଚାଷ ହୋଇପାରୁନାହିଁ।

**ମୃତ୍ତିକା:**

ନିଗିଡ଼ା, ଦୋରଷା, ବାଲିଆମାଟି ଖମ୍ବଆଳୁ ଚାଷ ପାଇଁ ଉତ୍କୃଷ୍ଟ । ହାଲୁକା ଏବଂ ଅଧିକ ଜୈବିକ ପଦାର୍ଥ ଥିବା ମାଟିରେ ଖମ୍ବଆଳୁ ଗଛ ଭଲ ବଢ଼େ ଏବଂ ଅଧିକ ଅମଳ ମିଳିଥାଏ। ଜମିରେ ପାଣି ଜମିରହିଲେ ଖମ୍ବଆଳୁ ଫସଲର କ୍ଷତି କରିଥାଏ।

**ଲଗାଇବା ସମୟ:**

ଖମ୍ବଆଳୁ ମେ'ରୁ ଜୁନ ମାସରେ ଲଗାଇବା ହେଉଛି ପ୍ରକୃଷ୍ଟ ସମୟ।

**ଉନ୍ନତ ମିସମ:** ଓଡ଼ିଶାରେ ମିଳୁଥିବା ସ୍ଥାନୀୟ କିସମ ମଧ୍ୟରେ ହାତୀଖୋଜ ଖମ୍ବଆଳୁ ଉତ୍କୃଷ୍ଟ ମାନର। ଉନ୍ନତ କିସମ ଦେଶୀଆଳୁ ମଧ୍ୟରେ ଶ୍ରୀ କିର୍ତ୍ତୀ, ଶ୍ରୀ ରପା, ଶ୍ରୀ ଶିଳ୍ପା, ଶ୍ରୀ ପ୍ରିୟା ଶ୍ରୀ ଶୁଭ୍ରା ଅନ୍ୟତମ।

**ଖମ୍ବଆଳୁ ବିହନ:**

ଗୋଟିଏ ବା କଟା ଖମ୍ବଆଳୁ ବିହନ ଭାବେ ବ୍ୟବହୃତ ହୁଏ। ଉପଯୁକ୍ତ ଅମଳ ପାଇବା ପାଇଁ ବିହନ ଖଣ୍ଡଗୁଡ଼ିକ ୧୫୦ରୁ ୨୦୦ ଗ୍ରାମ ଓଜନର ହେବା ଆବଶ୍ୟକ। ଅତି ଛୋଟ ବିହନ ଲଗାଇଲେ ଗଛ ଅଧିକ ହୃଷ୍ଟପୁଷ୍ଟ ହୁଏନାହିଁ ଏବଂ ଅମଳ କମିଯାଏ। ଏକ ଏକର ଫସଲ ପାଇଁ ପ୍ରାୟ ୬ ରୁ ୮ କ୍ୱିଣ୍ଟାଲ ବିହନ ଆଳୁ ଆବଶ୍ୟକ ହୋଇଥାଏ।

**ଜମି ପ୍ରସ୍ତୁତ ଓ ବିହନ ଲଗାଇବା ପ୍ରଣାଳୀ:**

ଜମିର ପ୍ରକାର ଅନୁସାରେ ୨ରୁ ୩ ଓଡ଼ ଗଭୀର ଚାଷ କରନ୍ତୁ। ମହି ଦେଇ ମାଟି ଭଲ ଭାବେ ଗୁଣ୍ଡ କରି ସମତୁଲ କରନ୍ତୁ। ଧାଡ଼ିରୁ ଧାଡ଼ି ୯୦ ସମେି ଏବଂ ଗଛକୁ ଗଛ ୯୦ ସେମି ବ୍ୟବଧାନରେ ୪୫ସେମି ଗଭୀର ଏବଂ ୪୫ ସେମି ଗୋଲେଇର ଗାତ ଖୋଳନ୍ତୁ। ଜମି ଉପରର ଉର୍ବରମାଟି ସହିତ ଗୋବର ଖତ ଭଲ ଭାବେ ମିଶାଇ ଗାତଗୁଡ଼ିକରେ ଭରନ୍ତୁ। ପ୍ରତି ଗାତରେ ଗୋଟିଏ କରି ବିହନ ଆଳୁ ୫ରୁ ୮ ସେମି ଗଭୀରରେ ପୋତି ମାଟି ଘୋଡ଼ାଇ ଦିଅନ୍ତୁ। ବିହନ ଲଗାଇବା ପରେ ମାଟି ଗୁଡ଼ିକ ୨ ଇଞ୍ଚ ବହଳର ଶୁଖିଲାପତ୍ର ବା ଛଣ ବିଛାଇଲେ ଫସଲ ଭଲହୁଏ। ମାଟି ପରୀକ୍ଷା କରି ମାଟିର ଉର୍ବରତା ଅନୁସାରେ ସାର ଓ ଖତ ପ୍ରୟୋଗ କରିବା ଆବଶ୍ୟକ। ମାଟିର ଉର୍ବରତା ବଜାୟୀ ରଖିବା ପାଇଁ ହେକ୍ଟରପ୍ରତି ୧୦ ଟନ୍ ଗୋବରଖତ, ୮୦ କେଜି ଯବକ୍ଷାରଯାନ, ୬୦କେଜି ଫସ୍‌ଫରସ ଏବଂ ୮୦ କେଜି ପଟାସ ସାର ପ୍ରୟୋଗ କରିବା ଦରକାର।

# ବିଶୁଦ୍ଧ ଦୁଗ୍ଧ ଉତ୍ପାଦନ



କ୍ଷୀର ଆମମାନଙ୍କ ପାଇଁ ଏକ ସଂପୂର୍ଣ୍ଣ ଆହାର ଭାବେ ବିବେଚନା କରାଯାଏ। ଏଥିରେ ଉଭୟ ଶକ୍ତି ଓ ପୁଷ୍ଟିସାର ଉପାଦାନ ଭରପୁର ରହିଥାଏ। କ୍ଷୀରରେ ମଧ ବିଭିନ୍ନ ପ୍ରକାର ଜୀବାଣୁ ରହିଥାନ୍ତି। ସେମାନଙ୍କ ମଧ୍ୟରୁ କେତେକ ଉପକାର ଜୀବାଣୁ କ୍ଷୀରକୁ ଦହିରେ ରୂପାନ୍ତରିତ କରିଥାନ୍ତି। ସେହିପରି କେତେକ ଅପକାରୀ ଜୀବାଣୁ କ୍ଷୀରକୁ ଦୂଷିତ ବା ନଷ୍ଟ କରିଦିଅନ୍ତି। ଏଣୁ ଏହି ପ୍ରକାର ଜୀବାଣୁ ସୃଷ୍ଟିକୁ କମ୍ କରିବା ଆମର ଉଦ୍ଦେଶ୍ୟ ହେବା ଉଚିତ୍।

**ବିଶୁଦ୍ଧ ଦୁଗ୍ଧ ଉତ୍ପାଦନ:**

ବିଶୁଦ୍ଧ ଦୁଗ୍ଧ ସଫା ଗୁହାଳରେ ଥିବା ସୁସ୍ଥ ଗାଈଠାରୁ ମିଳିଥାଏ। ଏଥିରେ ଧୂଳିମଳି ଏବଂ ବାହ୍ୟ ପଦାର୍ଥ ଯଥା କୁଟା ଆଦି ନଥାଏ। ଏହି କ୍ଷୀରରେ ଜୀବାଣୁ ସଂଖ୍ୟାକମ ଥାଏ ଏବଂ ସଂକ୍ରମ ଜୀବାଣୁ ପ୍ରାୟ ନଥାଏ।

**କ୍ଷୀର ଦୁହିଁବା କୌଶଳ:**

ବିଶୁଦ୍ଧ ଦୁଗ୍ଧ ଉତ୍ପାଦନ ପାଇଁ ଗାଈ ଦୁହାଁଳି, ସଫା ଗୁହାଳରେ କ୍ଷୀର ଦୁହିଁବା ପୂର୍ବରୁ ଗାଈର ପହ୍ନାକୁ ଧୋଇ ସଫା କରିବା ଦରକାର। ଏହା ସହ ଗାଈ ଦୁହାଁଳି ମଧ କିଛି ସାବଧାନତା ଅବଲମ୍ବନ କରିବା ଦରକାର। ଯେପରିକି ନଖ କଟା ହୋଇଥିବ, ହାତ ଭଲଭାବେ ସାବୁନରେ ଧୁଆ ହୋଇଥିବ, ସେ ପାନ ବା ଅନ୍ୟ କିଛି ସେହି ସମୟରେ ଖାଉ ନଥିବ, ଯଥାସମ୍ଭବ କମ କଥାବାର୍ତ୍ତା କରିବ ଏବଂ ମୁଣ୍ଡରୁ ଯେପରି ବାଳ ଉଡ଼ିକ୍ଷୀରରେ ନପଡ଼େ ସେଥିପାତି ଯତ୍ନବାନ ହେବ। କ୍ଷୀର ଦୁହିଁବା ଜାଗାକୁ ମଧ ଭଲଭାବେ ସଫା କିରବା ଦରକାର। ଏହା ସହ ପ୍ରତ୍ୟେକ ଚିରର ପ୍ରଥମ ଦୁଇ ତିନି ଧାର କ୍ଷୀର କାଢ଼ି ବାହାରେ ଫିଙ୍ଗିଦେବ, କାରଣ ଏଥିରେ ଅଧିକ ସଂଖ୍ୟକ ଜୀବାଣୁ ଥାନ୍ତି। କ୍ଷୀର ଦୁହିଁଲା ବେଳେ ଏହାର ବାସନକୁସନକୁ ମଧ ଲକ୍ଷ୍ୟ କରିବ।

**କ୍ଷୀର ଦୂଷିତ ହେବାର କାରଣ:**

- ଗାଈକୁ ଥନହରା ରୋଗ ହେଲେ କ୍ଷୀର ଦୂଷିତ ହୋଇଥାଏ।
- ଗାଈର ପହ୍ନା, ଚିର ଓ ପଛ ଫିଆରେ ଲାଗିଥିବା ମଳି, ମାଟି, ଗୋବର ଲାଗିବା ଦ୍ୱାରା ଅପରିଷ୍କାର ଗୁହାଳ, ମଇଳାପାଣି, କ୍ଷୀର ଦୁହାଁ ଜାଗା ମଇଳା ହୋଇଥିାଏ।
- ଏହା ସହ ଦୁହାଁଳିର ମଇଳା ହାତ, ହାତରେ ଘା' ଇତ୍ୟାଦି ଥିଲେ, ଦୁହାଁଳିର ମଇଳା ଲୁଗା, କଫ, କାଶ, ଛେପ ଇତ୍ୟାଦି ପଡ଼ିବା ଦ୍ୱାରା ମଧ କ୍ଷୀର ଦୂଷିତ ହୋଇଥାଏ।
- ଏହାଛଡ଼ା ଦୁହାଁଳି ମଧ ସଠିକ ପ୍ରଣାଳୀ କ୍ଷୀର ଦୁହିଁବା ଦରକାର।

**ବିଭିନ୍ନ ପ୍ରକାର ଦୁଗ୍ଧ ଦୁହିଁବା ପ୍ରଣାଳୀ:**

**ଆଙ୍ଗୁଠିରେ ଚିପି ଦୁହିଁବା:** ଦୁହାଁଳି ବୃଦ୍ଧା ଆଙ୍ଗୁଳି ଓ ତର୍ଜନି ଦ୍ୱାରା ଚିରକୁ ତଳକୁ ଟାଣି, ଦବାଇ କ୍ଷୀର ଦୁହେଁ ଓ ଏହାଦ୍ୱାରା କ୍ଷୀର ଏକ କ୍ଷାର ହିସାବରେ ବହିଆସେ।

**ହାତ ମୁଠା ଦୁହଁ:** ଏହି ପ୍ରଣାଳୀ ଦୁହାଁଳି ଚିରକୁ ପାଞ୍ଚ ଆଙ୍ଗୁଳିରେ ଧରି ପାଉଳି ସହ କ୍ରମାନ୍ୱୟରେ ଚିପିଥାଏ ଓ ଛାଡ଼ିଥାଏ, ଫଳରେ କ୍ଷୀର ବାହାରେ।

**ସୁବିଧା:** ମୁଠା ଦୁହାଁ ଫଳରେ ଗାଈକୁ ବାଛୁରୀ ପିଇଲାପରି ଲାଗେ। ତେଣୁ ଗାଈକୁ ଅସୁବିଧା ହଏନାହିଁ। ଚିର କ୍ଷତିହୁଏ ନାହିଁ। ଚିରର କ୍ଷୀର ନଳୀର ମାଂସପେଶୀର କ୍ଷତିହୁଏ ନାହିଁ।

# ସୌରଚାଳିତ ପମ୍ପସେଟ୍

ପାରମ୍ପରିକ ଶକ୍ତି ଉତ୍ସ ବ୍ୟବହାର ମହଙ୍ଗା ଏବଂ ଅନେକ ସମୟରେ ସମୟ ସାପେକ୍ଷ ହେଉଥିବାରୁ କୃଷକମୋନେ ସମ୍ପ୍ରତି ସୌରଶକ୍ତି ବ୍ୟବହାର କରିବାକୁ ଅଧିକ ପସନ୍ଦ କରୁଛନ୍ତି। ବିଶେଷକରି ଚଳିତ ଗ୍ରୀଷ୍ମ ଋତୁରେ ଜଳସ୍ତର ହ୍ରାସ ପାଇବା ସହିତ ବିଦ୍ୟୁତ୍ ଶକ୍ତି ନିଅଣ୍ଟ ହେଉଥିବା ପରିପ୍ରେକ୍ଷୀରେ ମହାରାଷ୍ଟ୍ରର ବିଜୟପୁରା ଜିଲ୍ଲାର କୃଷକମାନେ ଅଧିକ ସଂଖ୍ୟାରେ ସୌରଶକ୍ତି ଚାଳିତ ପମ୍ପସେଟ୍ ବ୍ୟବହାର କରୁଛନ୍ତି। ବିଶେଷକରି ଉଦ୍ୟାନକୃଷିର ନିୟୋଜିତ କୃଷକମାନେ ଏବେ ଏଭଳି ପମ୍ପସେଟ୍‌କୁ ଅଧିକ ପସନ୍ଦ କରୁଛନ୍ତି। ଏହି ଉଦ୍ୟାନକୃଷି ଚାଷୀମାନେ ମୁଖ୍ୟତ। ଲେମ୍ବୁ, ଅଙ୍ଗୁର ଏବଂ ଡାଳିମ୍ବ ଚାଷ କରୁଛନ୍ତି। ସେମାନେ ଏଥିପାଇଁ ନିରବଚ୍ଛିନ୍ନ ଜଳ ଯୋଗାଣ ଆରମ୍ଭ କରିଥିଲେ। ସୌରଚାଳିତ ପମ୍ପସେଟ ସେମାନଙ୍କୁ ୮ଘଣ୍ଟା ନିରବଚ୍ଛିନ୍ନ ଶକ୍ତି ଯୋଗାଣ ସହିତ ପାଣି ଯୋଗାଉଛି। ପୂର୍ବରୁ ସୋମନେ ତିନି ଫେଜ ବିଦ୍ୟୁତ ଲାଇନରୁ ମାତ୍ର ୩ ରୁ ୪ଘଣ୍ଟା ବିଦ୍ୟୁତ ଶକ୍ତି ପାଉଥିଲେ ଏବଂ ସେଥିପାଇଁ ସେମାନଙ୍କୁ ଜଗି ରହି ପାଣି ମଡ଼ାଇବାକୁ ପଡୁଥିଲା। ଅନେକ ସମୟରେ ତାହା ସେମାନଙ୍କ ଚାହିଦା ମେଣ୍ଟାଇ ପାରୁନଥିଲା। ଏବେ ସେମାନେ ନିଜ ସୁବିଧା ସମୟରେ ପାଣି ମଡ଼ାଉଛନ୍ତି। ଜମିରେ ଥିବା ଗଭୀର ନଳକୂଅରୁ ଏହି ପମ୍ପ ସହାୟତାରେ ସହାଜରେ ପାଣି ଉଠାଇ ହେଉଛି ବୋଲି ତିଡ଼ାଗୁଣ୍ଡି ଜିଲ୍ଲାର ଜଣେ ଅଙ୍ଗୁର ଚାଷୀ ମଞ୍ଜୁନାଥ ପାଟିଲ କୁହନ୍ତି। ସେ ତାଙ୍କର ୩୦ ଏକର ଅଙ୍ଗୁର ବଗିଚାରେ ଦୁଇଟି ଏହିଭଳି



ପମ୍ପସେଟ ସ୍ଥାପନ କରିଛନ୍ତି। ସୌରଶକ୍ତି ଚାଳିତ ଏକ ୫ ଏଚପି ପମ୍ପସେଟ ମୂଲ୍ୟ ପ୍ରାୟ ୫ଲକ୍ଷ ଟଙ୍କା ହୋଇଥିବା ବେଳେ ୧୦ଏଚପି ପମ୍ପସେଟ ମୂଲ୍ୟ ୯ଲକ୍ଷ ଟଙ୍କା ଏବଂ ୧୫ ଏଚପି ପମ୍ପସେଟ ମୂଲ୍ୟ ପ୍ରାୟ ୧୩ଲକ୍ଷ ଟଙ୍କା ପଡୁଛି। ଓଡ଼ିଶାରେ ମଧ ଏହି ପମ୍ପସେଟ ଉପଲବ୍ଧ। ଓଡ଼ିଶାରେ ୧ ଏଚପି ପମ୍ପସେଟର ମୂଲ୍ୟ ୧ଲକ୍ଷ ଟଙ୍କା ହୋଇଥିବା ସରକାର ଏଥିରେ ୩୦ ପ୍ରତିଶତ ସବସିଡ଼ ପ୍ରଦାନ କରୁଛନ୍ତି।

ଆବଶ୍ୟକ କରୁଛନ୍ତି। ପାଣି ଯଥେଷ୍ଟ ନହେଲେ ଗଛ ମରିଯିବାର ଆଶଙ୍କା ରହିଛି। ସେମାନଙ୍କୁ ନୂଆ ଚାରା ଲଗାଇବାକୁ ହେଲେ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିବ ଏବଂ ସେଥିରେ ଫଳ ଧରିବାକୁ ଅନ୍ୟୁନ ତିନିବର୍ଷ ଲାଗିଯିବ ବୋଲି ଜଣେ ଅଙ୍ଗୁର ଚାଷୀ ମହନ୍ତେଶ ଚୌହାନ କହିଛନ୍ତି। ଏଭଳି ପରିସ୍ଥିତିରେ ବାରମ୍ବାର ବିଦ୍ୟୁତ କାଟ ହେଉଥିବାରୁ ଚାଷୀମାନେ ସୌରଚାଳିତ ପମ୍ପସେଟ ବ୍ୟବହାରର କରିବା

# ଫ୍ୟାଶନେବୁଲ ବ୍ରେସ୍‌ଲେଟ୍



ପରଫେକ୍ଟ ଲୁକ୍ ଦେବା ପାଇଁ ଅନେକ ପ୍ରକାର ଅଳଙ୍କାରମାନଙ୍କୁ ମହିଳାମାନେ ଆଭୂଷଣ ରୂପେ ବ୍ୟବହାର କରିଥାନ୍ତି। ଏହି ଅଳଙ୍କାରମାନଙ୍କ ମଧ୍ୟରେ ହାତକୁ ସୁନ୍ଦର କରିବା ପାଇଁ ବର୍ତ୍ତମାନ ଚୁଡ଼ି ପ୍ରତି ବଦଳରେ ନାରୀମାନେ ବ୍ରେସଲେଟ ଏବଂ ସୁନ୍ଦର ବ୍ୟାଣ୍ଡକୁ ବ୍ୟବହାର କରିବାରେ ଲାଗିଛନ୍ତି। ଏହି ଦୌଡ଼ରେ ମହିଳମାନଙ୍କର ପ୍ରଥମ ପସନ୍ଦ ସାଜିଛି କଣ୍ଟ ପ୍ୟାଟର୍ଣ୍ଣ ସହିତ ୱାଟର ଫଲ ସିନେରୀ କିମ୍ବା ଧାର୍ମିକ ଚିହ୍ନ ବା ସଂକେତ ରହିଥିବା ବ୍ରେସ୍‌ଲେଟ୍ ଏବଂ ମୋତି, ଷ୍ଟୋନ ଏବଂ ରିବନ ଟ୍ୟୁବ ଆଦି ବେଶ ଅଧିକ ଦେଖିବାକୁ ମିଳିଥାଏ। ତେବେ ବର୍ତ୍ତମାନ ସମୟରେ ଏହି ଚଳଣୀ ଦ୍ରୁତ ଗତିରେ ବଢୁଛି।

# ବୋତଲରେ ବଗିଚା

**କେହି ବୋତଲରେ ଏକ ବଗିଚା କରିବା କଥା କେବେ ଚିନ୍ତା କରିଛନ୍ତି କି ? ଅବଶ୍ୟ ଅନ୍ୟମାନଙ୍କ ଠାରୁ କିଛି ଭିନ୍ନ କରିବା ଚିନ୍ତା କରୁଥିବା ବ୍ୟକ୍ତି ଏହିଭଳି କାର୍ଯ୍ୟ କରିପାରିବେ। ଜଣେ କିଛି ସମୟ ଓ ପରିଶ୍ରମ କଲେ ଏଭଳି ଏକ ବୋତଲ ବଗିଚା ନିଜ ଘରେ କରିପାରିବେ। ଏହି ବୋତଲ ବଗିଚା ସାଧାରଣତଃ ସାଜସଜ୍ଜା ପାଇଁ ବ୍ୟବହାର କରାଯାଏ। ସହରା*ଳରେ ଥିବା ଆପାର୍ଟମେ[ ଗୁଡ଼ିକ ନିମନ୍ତେ ଏକ ବାଲକୋନି ଅଥବା ଟେରାସ ଗାର୍ଡେନ୍ ବଦଳରେ ବଟଲ୍ ଗାର୍ଡେନ୍ ଉପଯୋଗୀ ହୋଇପାରିବ।**



ବୋତଲ ବଗିଚା ପାଇଁ ଆମେ ବ୍ୟବହାର କରୁଥିବା ପାଣି ବୋତଲ ଅଥବା ମୃଦୁ ପାନୀୟ ବୋତଲକୁ ବ୍ୟବହାର କରାଯାଇପାରିବ। ଖୁବ କମ୍ ସୂର୍ଯ୍ୟକିରଣ ପାଇ ବୋତଲ ଭିତରେ ଗଛ ଗୁଡ଼ିକୁ ବଢ଼ାଯାଇପାରିବ ଏବଂ ତାହାକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସେହିଭଳି ବୋତଲ ଭିତରେ ରଖାଯାଇପାରିବ।

**ବୋତଲ ଭିତରେ ଗଛ ବଞ୍ଚୁଛି କିପରି:**

ପ୍ରାଥମିକ ସ୍ତରରେ ବୋତଲ ଭିତରେ ସେତେବେଳେ ଗଛଟିଏ ଲଗାଯାଉଛି ସେତେବଳେ ସେଥିରେ ସାମାନ୍ୟ କିଛି ପାଣି ଦିଆଯାଏ। ବୋତଲ ଭିତରେ ଥିବା ପବନ ଗଛ ପାଇଁ ଆବଶ୍ୟକ ଅମ୍ଳଜାନ ଯୋଗାଏ। ସେଥିରୁ ଅଙ୍ଗାରକାମ୍ଳ ମଧ ମିଳିଯାଏ। ସୂର୍ଯ୍ୟକିରଣ ବ୍ୟବହାର କରି ଜଳ ଓ ଅଙ୍ଗାରକାମ୍ଳ ବାଷ୍ପରୁ ଶର୍କରା ପ୍ରସ୍ତୁତ ହୁଏ। ଏହି ସମୟରେ ଯେଉଁ ଅମ୍ଳଜାନ ନିର୍ଗତ ହୁଏ ତାହା ବୋତଲ ଭିତରେ ବନ୍ଦ ହୋଇ ରହେ ଏବଂ ପୁରି ତାହା ଗଛର ଶ୍ୱାସପ୍ରଶ୍ୱାସ ନିମନ୍ତେ ବ୍ୟବହାର କରାଯାଏ। ଏହିଭଳି ଏକ ଚକ୍ର ଲାଗିରହିବା ଦ୍ୱାରା ଗଛଟି ଏକ ସ୍ୱାବଲମ୍ବୀ ପରିବେଶରେ ବଞ୍ଚି ରହେ।

**ବୋତଲ ବଗିଚା କରିବେ କିପରି:**

ଏକ ବୋତଲ ଗାର୍ଡେନ ତିଆରି କରିବା ସହଜ କେବଳ ଏଭଳି ଏକ ଗଛ ବାଛିବାକୁ ହେବ ଯାହା ଘର ଭିତରେ କମ୍ ସୂର୍ଯ୍ୟ କିରଣକୁ ସହି ପାରୁଥିବ। ତାହା ସହିତ ବୋତଲ ଭିତର ଆର୍ଦ୍ରତାକୁ ସହିପାରୁଥିବ। ତାହାର ପତ୍ର ରଙ୍ଗ ଓ ଆକାର ଆକର୍ଷଣୀୟ ହୋଇଥିବ। ଏହା ବଛାଯିବା ପରେ ଆକର୍ଷଣୀୟ ଦେଖାଯାଉଥିବା ଏକ ବୋତଲ ଆଣନ୍ତୁ।

- ବୋତଲ ଆକ୍ୱାରିୟମରେ ବ୍ୟବହାର କରାଯାଉଥିବା ମୋଟା ବାଲି ଏକ ଚାମଚ ବିଛାନ୍ତୁ। ଏହାହେଲେ ମୃତ୍ତିକା ତଳେ ଯଦି କିଛି ପାଣି ବଳକା ରହୁଚି ତାହା ଆପଣ ଜାଣିପାରିବେ।
- ବାଲି ଉପରକୁ ଏକ ଇଞ୍ଚ ପର୍ଯ୍ୟନ୍ତ ବହଳର ଅନାବନା କାଠିକୁଟା ସଫା ହୋଇଥିବା ମାଟି ବିଛାନ୍ତୁ। ଅଳ୍ପକିଛି ପାଣିଦେଲେ ତାହା ବାଲି ଉପରେ ବସିଯିବ। କିନ୍ତୁ ପାଣି ଏମିତି ଦିଅନ୍ତୁ ଯେଭଳି ତାହା କେବଳ ସେହି ମୃତ୍ତିକାକୁ ଓଦା କରିପାରୁଥିବ। ଏହାପରେ ତାହା ଉପରକୁ ସେହଭଳି ମାଟି ଓ ପାଣି ଦେଇ ଚାଲନ୍ତୁ, ଯେମିତି ତାହା ଗଛଟି ପାଇଁ ଉପଯୁକ୍ତ ହେବ।



- ବୋତଲ ଭିତରୁ ଅଧିକ ପାଣି ବାହାର କରିବାକୁ ଏକ ଡ୍ରପର ବ୍ୟବହାର କରନ୍ତୁ। ଏହାପରେ ଗଛକୁ ବୋତଲ ଭିତରେ ଲଗାଇ ପୁଣି ମାଟି ଓ ପାଣି ଦିଅନ୍ତୁ ଯେମିତି ଗଛର କାଣ୍ଡ ଓ ଚେର ମାଟି ଭିତରେ ପୋତି ହୋଇରହିବ। ମାଟିରେ ଯେଭଳି ଅଧିକ ପାଣି ନରହିବ ସେଥିପ୍ରତି ସର୍ବଦା ଧ୍ୟାନ ଦିଅନ୍ତୁ। ଅଧିକ ପାଣି ଗଛ ପାଇଁ ଘାତକ ହୋଇପାରେ।
- ବୋତଲର ଆକାର ବଡ଼ ଥିଲେ ବାଲି ବଦଳରେ ତଳ ଭାଗରେ ୧୦ ମିଲିମିଟର ଆକରର କିଛି ଭଙ୍ଗା ଇଟା ରଖାଯାଇପାରେ। କାରଣ ଏହା ଅଧିକ ଜଳକୁ ଆବଶ୍ୟକ ସ୍ଥଳେ ଶୋଷି ନେଇପାରିବ।
- ବୋତଲରେ ବ୍ୟବହାର କରାଯାଉଥିବା ମାଟି ନରମ ହେବା ଦରକାର। କାରଣ ବୋତଲ ଭିତର ଉକ୍ତ ମାଟିକୁ ଥରେ ପ୍ରବେଶ କରାଇବା ପରେ ତାହାକୁ ଖସେଇବା ସହଜ ହେବନାହିଁ। ମାଟି ପ୍ରସ୍ତୁତି ସମୟରେ ଏକ ଭାଗ ବଗିଚାର ଲାଲ ମୃତ୍ତିକା, ଏକ ଭାଗ ଗୁଣ୍ଡ କରାଯାଇଥିବା ଇଟା ଏବଂ ଏକ ଭାଗ ଭଲ ଭାବରେ ପ୍ରସ୍ତୁତ ହୋଇଥିବା ଖତ ନିଆଯିବା ଆବଶ୍ୟକ।
- ଫିମ୍ପି ଓ କୀଟପୋକରୁ ସୁରକ୍ଷା ନିମନ୍ତେ କିଛି କବକମାରୀ ଓ କୀଟନାଶକ ମୃତ୍ତିକାରେ ମିଶ୍ରଣ କରିବାକୁ ହେବ। ପ୍ରଥମେ ତାହାକୁ ପାଣିରେ ମିଶାଇବାପରେ ମୃତ୍ତିକାରେ ମିଶାଯିବା ଉଚିତ। ଏଥିନିମନ୍ତେ ବଛାଯାଉଥିବା ଗଛ ଅତି ମନ୍ଥର ଗତିରେ ବଢୁଥିବା ଆବଶ୍ୟକ। ଗଛ ଲଗାଇବା ପରେ ବୋତଲକୁ ଏକ ଝରକା ନିକଟରେ ରଖ। କିନ୍ତୁ ଏହାକୁ ସିଧାସଳଖ ସୂର୍ଯ୍ୟ କିରଣରୁ ଦୂରରେ ରଖାଯିବା ଆବଶ୍ୟକ। ଗଛ ଲଗାଇବାପରେ ବୋତଲ ମୁହଁକୁ ବନ୍ଦ କରିଦିଅନ୍ତୁ। ସେହି ବନ୍ଦ ବୋତଲ ଭିତରେ ଗଛଟି ବଢ଼ିବା ଆରମ୍ଭ କରିବ।



## କେନ୍ଦ୍ରୀୟ ବଜେଟ୍ ୨୦୨୬-୨୭

ଫେବୃଆରୀ ୧, ୨୦୨୬ ତାରିଖ ରବିବାର ଦିନ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଯେଉଁ ବଜେଟ୍ ଉପସ୍ଥାପନ କରିଛନ୍ତି, ତାହା ଭାରତକୁ ଏକ 'ଭବିଷ୍ୟତ-ପ୍ରସ୍ତୁତ' (Future-Ready) ଅର୍ଥନୀତିରେ ପରିଣତ କରିବାର ଲକ୍ଷ୍ୟ ରଖିଛି । ବିଶ୍ୱସ୍ତରୀୟ ଅନିଶ୍ଚିତତା ଏବଂ ଆମେରିକା ଭଳି ଦେଶରେ ବଢୁଥିବା ଟାରିଫ୍ (Tariffs)ର ଆହ୍ୱାନ ସତ୍ତ୍ୱେ ଭାରତୀୟ ଅର୍ଥନୀତିର ଗତିକୁ ବଜାୟ ରଖିବା ପାଇଁ ଏହି ବଜେଟରେ ଭିତ୍ତିଭୂମି ବିକାଶ ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। କ୍ରମାଗତ ନବମ ଥର ପାଇଁ ବଜେଟ୍ ଉପସ୍ଥାପନ କରି ଅର୍ଥମନ୍ତ୍ରୀ ଦେଶର ବିକାଶ ଧାରାକୁ ଏକ ନୂତନ ଦିଗ ଦେବାକୁ ଚେଷ୍ଟା କରିଛନ୍ତି, ଯେଉଁଥିରେ ପୁଞ୍ଜିଗତ ବ୍ୟୟ ବା କ୍ୟାପେକ୍ସ (Capex) ରେ ଉଲ୍ଲେଖନୀୟ ବୃଦ୍ଧି ଏବଂ ରାଜକୋଷୀୟ ଶୃଙ୍ଖଳା ମଧ୍ୟରେ ଏକ ସୂକ୍ଷ୍ମ ସନ୍ତୁଳନ ରକ୍ଷା କରାଯାଇଛି । ଏହି ସମ୍ପାଦକୀୟରେ ଆମେ ବଜେଟର ମୁଖ୍ୟ ଦିଗ, ତଥ୍ୟ ଏବଂ ଏହାର ଦୂରଗାମୀ ପ୍ରଭାବ ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ।

ବଜେଟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ପୁଞ୍ଜିଗତ ବ୍ୟୟ ବା କ୍ୟାପେକ୍ସରେ ବୃଦ୍ଧି । ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ପୁଞ୍ଜିଗତ ବ୍ୟୟକୁ ୯ ପ୍ରତିଶତ ବୃଦ୍ଧି କରାଯାଇ ୧୨.୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚା ଯାଇଛି, ଯାହା ଗତ ଆର୍ଥିକ ବର୍ଷରେ ୧୧.୨ ଲକ୍ଷ କୋଟି ଟଙ୍କା ଥିଲା। ସରକାରଙ୍କ ଏହି ପଦକ୍ଷେପ ସ୍ପଷ୍ଟ କରୁଛି ଯେ ଭିତ୍ତିଭୂମି ବିକାଶ ହିଁ ଅର୍ଥନୈତିକ ଅଭିବୃଦ୍ଧିର ମୁଖ୍ୟ ଚାଳକ ଶକ୍ତି । ତେବେ ଏଥର କେବଳ ପାରମ୍ପରିକ ରାସ୍ତା ଓ ରେଳପଥ ନୁହେଁ, ବରଂ 'ଡିଜିଟାଲ୍ ଇନଫ୍ରାଷ୍ଟ୍ରକଚର' ଉପରେ ଅଧିକ ଜୋର ଦିଆଯାଇଛି । ୨୦୪୭ ପର୍ଯ୍ୟନ୍ତ ଡାଟା ସେଣ୍ଟରଗୁଡ଼ିକ ପାଇଁ ୧୦୦ ପ୍ରତିଶତ ଟିକସ ଛାଡ଼ ଘୋଷଣା କରିବା ଏକ ଯୁଗାନ୍ତକାରୀ ପଦକ୍ଷେପ, ଯାହା ଭାରତକୁ ବିଶ୍ୱର 'AI Factory' ବା କୃତ୍ରିମ ବୁଦ୍ଧିମତ୍ତାର କେନ୍ଦ୍ରସ୍ଥଳୀରେ ପରିଣତ କରିବାରେ ସହାୟକ ହେବ । ଏହା ବୈଦେଶିକ ନିବେଶକମାନଙ୍କ ପାଇଁ ଏକ ବଡ଼ ଆକର୍ଷଣ ହେବ ଏବଂ ଡିଜିଟାଲ୍ ଅର୍ଥନୀତିକୁ ମଜଭୁତ କରିବ ।

ଅର୍ଥନୈତିକ ସ୍ଥିରତା ଦୃଷ୍ଟିକୋଣରୁ ବିଚାର କଲେ, ରାଜକୋଷୀୟ ନିଅଣ୍ଟ (Fiscal Deficit)କୁ ନିୟନ୍ତ୍ରଣ କରିବାରେ ସରକାର ସଫଳ ହୋଇଥିବା ଜଣାପଡୁଛି। ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ରାଜକୋଷୀୟ ନିଅଣ୍ଟ ୪.୪ ପ୍ରତିଶତ ଆକଳନ କରାଯାଇଥିବା ବେଳେ, ଆଗାମୀ ୨୦୨୬-୨୭ ବର୍ଷ ପାଇଁ ଏହାକୁ ୪.୩ ପ୍ରତିଶତକୁ ହ୍ରାସ କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏହି ଧାରା ବଜାୟ ରଖିବା ଦ୍ୱାରା ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ଏବଂ ରେଟିଂ ଏଜେନ୍ସିଗୁଡ଼ିକ ନିକଟରେ ଭାରତର ବିଶ୍ୱାସଯୋଗ୍ୟତା ବୃଦ୍ଧି ପାଇବ । ବିପୁଳ ପୁଞ୍ଜିଗତ ବ୍ୟୟ ସତ୍ତ୍ୱେ ନିଅଣ୍ଟକୁ ହ୍ରାସ କରିବା ଏକ କଷ୍ଟସାଧ୍ୟ କାର୍ଯ୍ୟ, କିନ୍ତୁ ଟିକସ ସଂଗ୍ରହରେ ବୃଦ୍ଧି ଏବଂ ଅନାବଶ୍ୟକ ଖର୍ଚ୍ଚ କାଟ ଦ୍ୱାରା ଏହା ସମ୍ଭବ ହୋଇପାରିବ ବୋଲି ଆଶା କରାଯାଉଛି । ଦେଶର ମୋଟ ଘରୋଇ ଉତ୍ପାଦ (GDP) ଅଭିବୃଦ୍ଧି ହାର ଚଳିତ ବର୍ଷ ପାଇଁ ୭.୪ ପ୍ରତିଶତ ଆକଳନ କରାଯାଇଛି, ଯାହା ଏକ ସୁସ୍ଥ ଅର୍ଥନୀତିର ସଙ୍କେତ ଦେଉଛି ।

ବଜେଟରେ ସ୍ୱାସ୍ଥ୍ୟ କ୍ଷେତ୍ର ପାଇଁ ମଧ୍ୟ ବ୍ୟୟବରାଦ ବୃଦ୍ଧି କରାଯାଇଛି । ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପାଇଁ ଆବଣ୍ଟନକୁ ପ୍ରାୟ ୯ ପ୍ରତିଶତ ବୃଦ୍ଧି କରାଯାଇ ୧.୦୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚା ଯାଇଛି । ବିଶେଷକରି ମାନସିକ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦିଆଯାଇ ଉତ୍ତର ଭାରତରେ ଏକ ନୂତନ 'ନିମହାନ୍ସ' (NIMHANS) ପ୍ରତିଷ୍ଠା କରିବାର ଘୋଷଣା ସ୍ୱାଗତଯୋଗ୍ୟ । ଗତ ୧୨ ବର୍ଷ ମଧ୍ୟରେ ସ୍ୱାସ୍ଥ୍ୟ ବଜେଟରେ ୧୭୬ ପ୍ରତିଶତ ବୃଦ୍ଧି ଘଟିଥିବା ସରକାର ଦାବି କରିଛନ୍ତି । ସେହିପରି ଗୃହ ମନ୍ତ୍ରଣାଳୟ ପାଇଁ ମଧ୍ୟ ବଜେଟ୍ ୯ ପ୍ରତିଶତ ବୃଦ୍ଧି ପାଇ ୨.୫୫ ଲକ୍ଷ କୋଟି ଟଙ୍କା ହୋଇଛି, ଯାହା ଆଭ୍ୟନ୍ତରୀଣ ସୁରକ୍ଷା ଏବଂ ସୀମା ଭିତ୍ତିଭୂମିକୁ ସୁଦୃଢ଼ କରିବାରେ ସହାୟକ ହେବ ।

ଓଡ଼ିଶା ପାଇଁ ଏହି ବଜେଟରେ ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା ରହିଛି। ଦେଶରେ ବିରଳ ଖଣିଜ ସମ୍ପଦ (Rare Earth Minerals) ର ଉତ୍ପାଦନ ବୃଦ୍ଧି ଏବଂ ଆମଦାନୀ ନିର୍ଭରଶୀଳତା କମାଇବା ପାଇଁ ସରକାର 'ବିରଳ ଖଣିଜ କରିଡର' ପ୍ରତିଷ୍ଠା କରିବାକୁ ଯାଉଛନ୍ତି । ଏହି କରିଡରଗୁଡ଼ିକ ଓଡ଼ିଶା, ତାମିଲନାଡୁ, କେରଳ ଏବଂ ଆନ୍ଧ୍ରପ୍ରଦେଶରେ ବିକଶିତ ହେବ। ଓଡ଼ିଶାରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ରାଜ୍ୟର ଖଣିଜ ଅର୍ଥନୀତିରେ ଏକ ନୂତନ ଅଧ୍ୟାୟ ଯୋଡ଼ିହେବ ଏବଂ ବୈଷୟିକ ଜ୍ଞାନକୌଶଳ ଭିତ୍ତିକ ଶିଳ୍ପ ପ୍ରତିଷ୍ଠା ପାଇଁ ସୁଯୋଗ ସୃଷ୍ଟି ହେବ । ଏହା ବ୍ୟତୀତ ରେଳବାଇ ପାଇଁ ବର୍ଦ୍ଧିତ ପୁଞ୍ଜିଗତ ବ୍ୟୟରୁ ମଧ୍ୟ ଓଡ଼ିଶାର ରେଳ ପ୍ରକଳ୍ପଗୁଡ଼ିକ ଲାଭବାନ ହେବେ ବୋଲି ଆଶା କରାଯାଉଛି ।

ଟିକସ ବ୍ୟବସ୍ଥା ଏବଂ ପୁଞ୍ଜି ବଜାର ପାଇଁ ବଜେଟରେ ମିଶ୍ରିତ ପ୍ରତିକ୍ରିୟା ଦେଖିବାକୁ ମିଳିଛି । ସାଧାରଣ ଜନତାଙ୍କ ପାଇଁ ଆଶ୍ୱସ୍ତିର ବିଷୟ ହେଉଛି ଯେ, ବ୍ୟକ୍ତିଗତ ବ୍ୟବହାର ପାଇଁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ଶୁଳ୍କ (Import Duty) ୨୦ ପ୍ରତିଶତରୁ ୧୦ ପ୍ରତିଶତକୁ ହ୍ରାସ କରାଯାଇଛି । କିନ୍ତୁ ସେୟାର ବଜାର ନିବେଶକଙ୍କ ପାଇଁ ସିକ୍ୟୁରିଟିଜ୍ ଟ୍ରାଞ୍ଜାକ୍ସନ୍ ଟ୍ୟାକ୍ସ (STT)ରେ ବୃଦ୍ଧି ଏକ ବଡ଼ ଝଟକା ହୋଇଛି । ଫ୍ୟୁଚର୍ସ ଉପରେ STT କୁ ୦.୦୨% ରୁ ୦.୦୫% ଏବଂ ଅପସନ୍ସ ଉପରେ ୦.୧% ରୁ ୦.୧୫% କୁ ବୃଦ୍ଧି କରାଯାଇଛି । ଏହା ସ୍ୱଳ୍ପମିଆଦି ଟ୍ରେଡିଂକୁ ନିରୁତ୍ସାହିତ କରିପାରେ, କିନ୍ତୁ ଦୀର୍ଘମିଆଦି ନିବେଶ ଉପରେ ଏହାର ବିଶେଷ ପ୍ରଭାବ ପଡ଼ିବ ନାହିଁ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି । ଏହା ସହିତ ସେୟାର ବାଏବ୍ୟାକ୍ (Buybacks) କୁ ଏବେ କ୍ୟାପିଟାଲ୍ ଗେନ୍ସ ଟ୍ୟାକ୍ସ ପରିସରଭୁକ୍ତ କରାଯିବା କର୍ପୋରେଟ୍ ଜଗତ ପାଇଁ ଏକ ଚିନ୍ତାର ବିଷୟ ହୋଇପାରେ। ବୈଦେଶିକ ନିବେଶକୁ ଆକର୍ଷିତ କରିବା ପାଇଁ ମଧ୍ୟ ବଜେଟରେ କିଛି ସଂସ୍କାର ଅଣାଯାଇଛି । ଭାରତ ବାହାରେ ରହୁଥିବା ବ୍ୟକ୍ତିବିଶେଷ (PROI)ଙ୍କ ପାଇଁ ପୋର୍ଟଫୋଲିଓ ନିବେଶ ସୀମାକୁ ୫ ପ୍ରତିଶତରୁ ୧୦ ପ୍ରତିଶତକୁ ବୃଦ୍ଧି କରାଯାଇଛି । ଏହା ଭାରତୀୟ ପୁଞ୍ଜି ବଜାରରେ ବିଦେଶୀ ପୁଞ୍ଜିର ପ୍ରବାହ ବଢ଼ାଇବ। ସେହିପରି ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ପାଇଁ ବଜେଟରେ ଗୁରୁତ୍ୱ ଦିଆଯାଇଛି।

ପରିଶେଷରେ, ୨୦୨୬-୨୭ କେନ୍ଦ୍ରୀୟ ବଜେଟ୍ ରେ ୨.୨ ଲକ୍ଷ କୋଟି ଟଙ୍କାର ବିପୁଳ ପୁଞ୍ଜିଗତ ବ୍ୟୟ ମାଧ୍ୟମରେ ସରକାର ଅର୍ଥନୀତିକୁ ଗତିଶୀଳ କରିବାକୁ ଚାହୁଁଛନ୍ତି । ଯଦିଓ STT ବୃଦ୍ଧି ଭଳି କିଛି ନିଷ୍ପତ୍ତି ବଜାର ପାଇଁ କଷ୍ଟଦାୟକ ହୋଇପାରେ, କିନ୍ତୁ ଡାଟା ସେଣ୍ଟର ପାଇଁ ଟିକସ ଛାଡ଼ ଏବଂ ରାଜକୋଷୀୟ ନିଅଣ୍ଟ ହ୍ରାସ ଭଳି ପଦକ୍ଷେପ ଦୀର୍ଘମିଆଦି ଭିତ୍ତିରେ ଅର୍ଥନୀତିକୁ ସୁଦୃଢ଼ କରିବ । ବର୍ତ୍ତମାନ ଆବଶ୍ୟକ ହେଉଛି ଏହି ବୃହତ୍ ପୁଞ୍ଜିର ସଠିକ୍ ବିନିଯୋଗ ଏବଂ ପ୍ରକଳ୍ପଗୁଡ଼ିକର ସମୟବଦ୍ଧ କାର୍ଯ୍ୟକାରିତା, ଯାହା ଦ୍ୱାରା ସାଧାରଣ ଜନତା ବିକାଶର ସୁଫଳ ପାଇପାରିବେ ।

## ମାର୍କ ଟଲିଙ୍କ ଭାରତ ପ୍ରେମ



**ଡକ୍ଟର ଲକ୍ଷ୍ମଣ ସାହୁ**



ମାର୍କ ଟଲି, ଯାହାଙ୍କ ପୂରା ନାମ ସାର୍ ୱିଲିୟମ୍ ମାର୍କ ଟଲି ଥିଲା । ସେ ଜଣେ ପ୍ରସିଦ୍ଧ ବ୍ରିଟିଶ ସାମ୍ବାଦିକ ଓ ଲେଖକ ଥିଲେ। ଯିଏ ଭାରତକୁ ଅତି ଗଭୀର ଭାବରେ ବୁଝିଥିଲେ ଓ ଭଲ ପାଉଥିଲେ। ସେ ୨୪ ଅକ୍ଟୋବର ୧୯୩୫ରେ କଲିକତାରେ ଜନ୍ମଗ୍ରହଣ କରିଥିଲେ ଓ ୨୫ ଜାନୁଆରୀ ୨୦୨୬ରେ ୯୦ ବର୍ଷ ବୟସରେ ଦିଲ୍ଲୀରେ ମୃତ୍ୟୁବରଣ କରିଥିଲେ । ତାଙ୍କ ଶୈଶବର ପ୍ରଥମ ଦଶନ୍ଧି ଭାରତରେ ବିତିଥିଲା । କିନ୍ତୁ ବ୍ରିଟିଶ ରାଜ ସମୟରେ ଭାରତୀୟଙ୍କ ସହ ତାଙ୍କର ସାମାଜିକ ସମ୍ପର୍କ ସୀମିତ ଥିଲା । ପରେ ସେ ବ୍ରିଟେନରେ ତାଙ୍କର ଶିକ୍ଷା ଗ୍ରହଣ କରିଥିଲେ । ୧୯୬୫ରେ ବିବିସିରେ ଯୋଗଦେବା ପରେ, ସେ ୧୯୭୨ ରୁ ୧୯୯୩ ପର୍ଯ୍ୟନ୍ତ ପ୍ରାୟ ବାଇଶ ବର୍ଷ ପାଇଁ ଦିଲ୍ଲୀରେ ବିବିସି ବ୍ୟୁରୋର ମୁଖ୍ୟ ଥିଲେ । ସେ ମୋଟ ତିରିଶ ବର୍ଷ ପାଇଁ ବିବିସିରେ କାର୍ଯ୍ୟ କରିଥିଲେ । ୧୯୯୪ରେ ସେ ସ୍ୱଇଚ୍ଛାରେ ଇସ୍ତଫା ଦେଇଥିଲେ ।

ସ୍ୱାଧୀନତା ପୂର୍ବରୁ ଆନନ୍ଦ କୁମାର ସ୍ୱାମୀ ଭାରତୀୟ କଳାକୁ ବିଶ୍ୱସ୍ତରୀୟ ସ୍ୱୀକୃତି ଦେବା ପାଇଁ ଯେଉଁ କାର୍ଯ୍ୟ କରିଥିଲେ ଓ ସେହିପରି ସ୍ୱାଧୀନତା ପରେ ଭାରତୀୟ ଦୃଷ୍ଟିକୋଣକୁ ମାର୍କ ଟଲି ଆଗକୁ ବଢ଼ାଇଥିଲେ। ତାଙ୍କ ସାମ୍ବାଦିକତା କ୍ୟାରିୟର ମଧ୍ୟରେ, ୧୯୭୧ ଟୁଲି ଭାରତ-ପାକ୍ ଯୁଦ୍ଧ, ଜରୁରୀକାଳୀନ ପରିସ୍ଥିତି, ଅପରେସନ ବ୍ଲୁଷ୍ଟାର, ଇନ୍ଦିରା ଗାନ୍ଧୀ ଓ ରାଜୀବ ଗାନ୍ଧୀଙ୍କ ହତ୍ୟା ଓ ବାବ୍ରି ମସଜିଦ ଭଙ୍ଗା ଭଳି ପ୍ରମୁଖ ଘଟଣାବଳୀକୁ କଭର କରିଥିଲେ । ଭାରତରେ, ସେ ଗିଲିଭାନ୍ ରାଇଟ୍ ସହିତ ରହୁଥିଲେ । ତାଙ୍କ ସହିତ ଅନେକ ପୁସ୍ତକ ଲେଖିଥିଲେ। ତାଙ୍କୁ ପଦ୍ମ ଭୂଷଣ ଓ ବ୍ରିଟିଶ ନାଇଟ୍‌ହୁଡ୍ ପ୍ରଦାନ କରାଯାଇଥିଲା। ଦେଖିବାକୁ ଗଲେ ସେ ଜଣେ ବାହାର-ଆଭ୍ୟନ୍ତରୀଣ ବ୍ୟକ୍ତି ଥିଲେ - ମୂଳତଃ ବ୍ରିଟିଶ କିନ୍ତୁ ଭାରତ ସହିତ ଗଭୀର ଭାବରେ ଜଡିତ ଥିଲେ । ତାଙ୍କର ଲେଖାଗୁଡ଼ିକ ସହାନୁଭୂତିଶୀଳ, ସନ୍ତୁଳିତ ଓ ସମାଲୋଚନାମୂଳକ ଥିଲା । ସେ ଭାରତର ଜଟିଳତା - ଜାତି, ଧର୍ମ, ଦାରିଦ୍ର୍ୟ, ବିକାଶ ଓ ବିବିଧତାକୁ ପକ୍ଷପାତ ବିନା ଦେଖିଥିଲେ । ସେ ଏହାର ସହନଶୀଳତା, ନିରନ୍ତର ଗତି ଓ ବହୁମୁଖୀ ସଂସ୍କୃତି ଉପରେ ଗୁରୁତ୍ୱ ଦେଇଥିଲେ । ତାଙ୍କର ପ୍ରମୁଖ ପୁସ୍ତକଗୁଡ଼ିକ ମଧ୍ୟରେ 'ଅମୃତସର: ଶ୍ରୀମତୀ ଗାନ୍ଧୀଙ୍କ ଶେଷ ଯୁଦ୍ଧ' (୧୯୮୫), ସତୀଶ ଜାକବଙ୍କ ସହିତ 'ରାଜଟୁ ରାଜୀବ' (୧୯୮୫), ଜରିନ ମସାନିଙ୍କ ସହିତ 'ନୋ ଫୁଲ୍ ଷ୍ଟପ୍ସ ଇନ୍ ଇଣ୍ଡିଆ' (୧୯୯୧), ତାଙ୍କର ସବୁଠାରୁ ଲୋକପ୍ରିୟ ଏକକ ପୁସ୍ତକ, 'ଦି ହାର୍ଟ ଅଫ୍ ଇଣ୍ଡିଆ' (୧୯୯୫), ମିଲିୟନ ରାଇଟଙ୍କ ସହିତ 'ଇଣ୍ଡିଆ ଇନ୍ ସ୍ଲୋ ମୋସନ୍' (୨୦୦୨), ପରିବର୍ତ୍ତିତ ଭାରତରେ ସନ୍ତୁଳନ ସନ୍ଧାନ ଉପରେ କେନ୍ଦ୍ରିତ 'ଇଣ୍ଡିଆଜ୍ ଅନଏଣ୍ଡିଂ ଜର୍ନି' (୨୦୦୭), ଭାରତର ନିରନ୍ତର ଗତି ଉପରେ 'ନନ୍-ଷ୍ଟପ୍ ଇଣ୍ଡିଆ' (୨୦୧୧) ଓ 'ଅପ୍‌କଣ୍ଟ୍ରି ଟେଲ୍ସ: ଗ୍ରାମୀଣ ଉତ୍ତର ଭାରତରୁ କ୍ଷୁଦ୍ର କାହାଣୀ ସଂଗ୍ରହ (୨୦୧୭) ଅନ୍ତର୍ଭୁକ୍ତ ।

ତାଙ୍କର ଆହୁରି ଅନେକ ସଂଗ୍ରହ ଓ ସହ-ଲେଖନ କୃତି ମଧ୍ୟ ଅଛି । ୧୯୯୧ ମସିହାରେ ତାଙ୍କର ସବୁଠାରୁ ପ୍ରସିଦ୍ଧ ପୁସ୍ତକ, 'ନୋ ଫୁଲ୍ ଷ୍ଟପ୍ସ ଇନ୍ ଇଣ୍ଡିଆ' ପ୍ରକାଶିତ ହୋଇଥିଲା । ଏହା ଦଶଟି ପ୍ରବନ୍ଧର ଏକ ସଂଗ୍ରହ । ଏହାର ଶୀର୍ଷକ ଭାରତର ପ୍ରକୃତିକୁ ପ୍ରତିଫଳିତ କରେ, ଯାହା ନିରନ୍ତରତା ସମସ୍ୟା ଭିତରେ ଭାରତକୁ ଭଲପାଇବା ଦର୍ଶାଇଥାଏ । ଏଠାରେ କୌଣସି ପୂର୍ଣ୍ଣବିରାମ ନାହିଁ; ସବୁକିଛି ନିରନ୍ତର ଗତିଶୀଳ ଓ ପରିବର୍ତ୍ତନଶୀଳ, ଏଥିରେ କୌଣସି ଚୂଡ଼ାନ୍ତ ନିଷ୍କର୍ଷ କିମ୍ବା କୌଣସି ଜିନିଷର ସରଳ ସମାଧାନ ନାହିଁ । ପୁସ୍ତକରେ ସେ ପଶ୍ଚିମୀକୃତ ଭାରତୀୟ ଅଭିଜାତ ବର୍ଗର ସମାଲୋଚନା କରିଛନ୍ତି, ଯେଉଁମାନେ ଏହି ଦେଶ ଉପରେ ପୂର୍ଣ୍ଣବିରାମ ଲଗାଇବାକୁ ଚାହୁଁଛନ୍ତି । ତଥାପି ଭାରତର ଜଟିଳତା ଓ ବହୁମୁଖୀ ପ୍ରକୃତି ଏହାକୁ ଅସମ୍ଭବ କରିଥାଏ । ଏସବୁ ପ୍ରବନ୍ଧଗୁଡ଼ିକ ରାମ ଚନ୍ଦ୍ରଙ୍କ କାହାଣୀ ମାଧ୍ୟମରେ ସାଧାରଣ ଭାରତୀୟ ଜୀବନର ଝଲକ, କୋଲକାତାର ଉପନିବେଶବାଦୀ ଅବଶେଷ ଓ ସାମ୍ୟବାଦ, ରାମାନନ୍ଦ ସାଗରଙ୍କ ରାମାୟଣ ଧାରାବାହିକର ପ୍ରଭାବ, ଅହମଦାବାଦର କାର୍ପେଟ, ଦେବରାଳ ସତୀ ପ୍ରଥା ଓ ପଞ୍ଜାବରେ ଅପରେସନ୍ ବ୍ଲାକ୍ ଥଣ୍ଡର ଭଳି ବିଷୟଗୁଡ଼ିକୁ ଆଚ୍ଛାଦିତ କରିଥାଏ । ପୁସ୍ତକଟି ରାଜୀବ ଗାନ୍ଧୀଙ୍କ ହତ୍ୟା ଉପରେ ଏକ ମନ୍ତବ୍ୟ ସହିତ ଶେଷ ହୁଏ । ଏହା ୧୯୯୦ ଦଶକର ପ୍ରାରମ୍ଭରେ ଭାରତର ଏକ ସନ୍ତୁଳିତ ଏବଂ ଗଭୀର ଚିତ୍ରଣ । ପାଠକମାନେ ଏହାକୁ ଆକର୍ଷଣୀୟ, ଅନ୍ତର୍ଦୃଷ୍ଟିପୂର୍ଣ୍ଣ ଓ ଆଜିର ପ୍ରାସଙ୍ଗିକ ବୋଲି ପାଆନ୍ତି। ଭାରତକୁ ବୁଝିବା ପାଇଁ ଅନେକ ବିଦ୍ୱାନ ଏହାକୁ ପଢିବା ଆବଶ୍ୟକ ବୋଲି କୁହନ୍ତି । ଏହାର ତୃତୀୟ ପ୍ରବନ୍ଧ, 'କୁମ୍ଭ ମେଳା, ବିଶେଷକରି, ପୁସ୍ତକର ସବୁଠାରୁ ସ୍ପନ୍ଦନଶୀଳ, ସ୍ମରଣୀୟ ଓ ବହୁଳ ଭାବରେ ଆଲୋଚିତ । ଏହା ୧୯୯୮ ମସିହାରେ ପ୍ରୟାଗରାଜ (ସେତେବେଳେ ଆଲ୍ଲାହାବାଦ) ରେ ଅନୁଷ୍ଠିତ କୁମ୍ଭ ମେଳା ଉପରେ କେନ୍ଦ୍ରିତ । ଏହି ଉତ୍ସବଟି ବିଶ୍ୱର ସର୍ବବୃହତ ଧାର୍ମିକ ଉତ୍ସବ ଭାବରେ ବିବେଚିତ ସମାନ ନାମର ପର୍ବ ଉପରେ ଆଧାରିତ । ଟଲି ଏହାକୁ ଜଣେ ସାମ୍ବାଦିକଙ୍କ ଦୃଷ୍ଟିରେ ବର୍ଣ୍ଣନା କରିଛନ୍ତି ସତ, କିନ୍ତୁ ଗଭୀର ସହାନୁଭୂତି ଓ କେତେକ ସମୟରେ ମୃଦୁ ବ୍ୟଙ୍ଗାତ୍ମକ ସହିତ ଲେଖିଛନ୍ତି ।

୧୯୮୯ ମସିହାର କୁମ୍ଭମେଳା ଶୁଭ ଜ୍ୟୋତିଷ ସଂଯୋଜନ ଯୋଗୁଁ ବିଶେଷ ଗୁରୁତ୍ୱପୂର୍ଣ୍ଣ ଥିଲା, ଯାହା ଲକ୍ଷ ଲକ୍ଷ ଭକ୍ତଙ୍କୁ ଆକର୍ଷିତ କରିଥିଲା । ଆକଳନ ଅନୁଯାୟୀ ୧୦ ରୁ ୧୫ ନିୟୁତ ଲୋକ ଯୋଗ ଦେଇଥିଲେ । ଟଲି ମେଳାର ପୌରାଣିକ ପୃଷ୍ଠଭୂମି ବ୍ୟାଖ୍ୟା କରି କହିଛନ୍ତି, 'ସମୁଦ୍ର ମନ୍ଥନରୁ ଅମୃତର ବୁନ୍ଦା ଚାରୋଟି ସ୍ଥାନରେ ପଡ଼ିଥିଲା, ବିଶେଷତଃ ପ୍ରୟାଗରାଜ (ଗଙ୍ଗା, ଯମୁନା ଏବଂ ଅହସ୍ୱେରସ ସରସ୍ୱତୀଙ୍କ ସଙ୍ଗମସ୍ଥଳ)।' ସେ ଇତିହାସକୁ ଉଦାହରଣ ଦେଇ କହିଛନ୍ତି ଯେ ସପ୍ତମ ଶତାବ୍ଦୀର ଚୀନ୍ ପରିବ୍ରାଜକ ଜୁଆନଜାଙ୍ଗ ଅଧା ଲକ୍ଷ ଲୋକଙ୍କ ଅଂଶଗ୍ରହଣ ବିଷୟରେ ବର୍ଣ୍ଣନା କରିଥିଲେ । ଟଲି ମେଳାର ପରିମାଣ ଓ ପ୍ରସ୍ତୁତି ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରି କହିଛନ୍ତି, 'ଏହା ଏକ ଅସ୍ଥାୟୀ ସହର ପରି ଥିଲା, ଯେଉଁଥିରେ ତମ୍ବୁ, ଘାଟ, ରାସ୍ତା, ପାଣି, ଖାଦ୍ୟ, ପରିମଳ ଓ ଚିକିତ୍ସା ସୁବିଧା ନଥିଲା , ସବୁକିଛି ଅସ୍ଥାୟୀ କିନ୍ତୁ ବିସ୍ତୃତ। ଏତେ ବଡ଼ ଭିଡ଼କୁ ପରିଚାଳନା କରିବା ଏକ ପ୍ରମୁଖ ଚ୍ୟାଲେଞ୍ଜ ଥିଲା ।' ସେ ବ୍ୟକ୍ତିଗତ ଅଭିଜ୍ଞତା ବାଣ୍ଟିଛନ୍ତି: ଭିପି ସିଂହ (ଯେକି ପରେ ପ୍ରଧାନମନ୍ତ୍ରୀ ହୋଇଥିଲେ)ଙ୍କ ଭାଇଙ୍କ ସହିତ ସାକ୍ଷାତ ଓ ସମୟ ବିତାଇବା । ସେ ପାଣ୍ଡାମାନଙ୍କୁ (ଘାଟରେ ପୂଜାର୍ଚ୍ଚନା କରୁଥିବା ବ୍ୟକ୍ତିମାନଙ୍କୁ) ଭେଟି ଦିଅନ୍ତି , ଯେଉଁମାନେ ତୀର୍ଥଯାତ୍ରୀଙ୍କଠାରୁ ପ୍ରସାଦ ବଦଳରେ ଟଙ୍କା ଆଦାୟ କରନ୍ତି ଓ କେତେକ ସମୟରେ ସେମାନଙ୍କୁ ଠକନ୍ତି।

ପ୍ରବନ୍ଧରେ ଆଖଡ଼ା (ସାଧୁଙ୍କ ସାମରିକ ପରି ସଂଗଠନ) ଜୁନା ଆଖଡ଼ା ପରି ନାଗା ସାଧୁ, ସେମାନଙ୍କର ନଗ୍ନ କିମ୍ବା ଉଗ୍ର ରୂପ, ରାଜକୀୟ ସ୍ନାନରେ ଭିଡ଼ ଓ କେତେକ ସମୟରେ ସେମାନଙ୍କର ଆକ୍ରମଣାତ୍ମକ ଆଚରଣକୁ ସ୍ପଷ୍ଟ ଭାବରେ ଚିତ୍ରଣ କରାଯାଇଛି । କିଛି ମହନ୍ତଙ୍କ ସହିତ କଥାବାର୍ତ୍ତାରେ, ସେ ହିନ୍ଦୁ ଜାତୀୟତାବାଦ ଓ ପିଲାମାନଙ୍କୁ ନିଯୁକ୍ତି ବିଷୟରେ କଥାବାର୍ତ୍ତା ଶୁଣାନ୍ତି, ଯେପରି ଜଣେ ମହନ୍ତ କୁହନ୍ତି, 'ଜାଗ ହୁଅ, ଭାରତର ପିଲାମାନେ ! 'ତୁମର ଧର୍ମ ଓ ଦେଶକୁ ରକ୍ଷା କର।' ଟଲି ତାଙ୍କ ବର୍ଣ୍ଣନାରେ ଧାର୍ମିକ ଉତ୍ସାହକୁ ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି । 'ସଂଗମରେ ବୁଡ଼ ପକାଇ ଲକ୍ଷ ଲକ୍ଷ ଲୋକ ସେମାନଙ୍କର ପାପ ଧୋଇ ଦେଉଛନ୍ତି, ଭଜନ, ଉପଦେଶ, ସ୍ଲୋଗାନ ଓ ବିଭିନ୍ନ ସମ୍ପ୍ରଦାୟ (ବୈଷ୍ଣବ, ଶୈବ, ଇତ୍ୟାଦି) । କିନ୍ତୁ ସେ ବାଣିଜ୍ୟିକ ଓ ରାଜନୈତିକ ଦିଗଗୁଡ଼ିକୁ ମଧ୍ୟ ଆଲୋକିତ କରନ୍ତି - ଦୋକାନ, ଠକେଇ, ଭୋଟ ବ୍ୟାଙ୍କ ପାଇଁ ରାଜନେତାମାନେ ଆସିବା, ଯିବା ସବୁ ତାଙ୍କ ଲେଖର ପ୍ରସଙ୍ଗ ପାଲଟିଛି । ସେ କେତେକ ସମୟରେ ମୃଦୁ ବ୍ୟଙ୍ଗ କରନ୍ତି, ଯେପରିକି କିଛି ସାଧୁଙ୍କ ଆଡ଼ମ୍ବରପୂର୍ଣ୍ଣ ଆକ୍ରମଣ କିମ୍ବା ପଣ୍ଡାଙ୍କ ଟଙ୍କା ଲୋଭ, କିନ୍ତୁ ସାମଗ୍ରିକ ଭାବରେ ଭକ୍ତି-ଚାଳିତ ଉନ୍ମାଦ ଓ ପୁଣି କେତେବେଳେ ସାମୂହିକ ଶକ୍ତିକୁ ପ୍ରଶଂସା କରନ୍ତି ।

ବିଶେଷ କରି ଭାରତର ଆଧ୍ୟାତ୍ମିକତା, ବିଶ୍ୱାସର ଶକ୍ତି, ପରମ୍ପରାର ଗଭୀରତା ଓ ଆଧୁନିକ ଚ୍ୟାଲେଞ୍ଜ (ରାଜନୈତିକ ହସ୍ତକ୍ଷେପ, ବାଣିଜ୍ୟବାଦ)କୁ ଏକତ୍ରିତ କରେ । ଟଲି ଦର୍ଶାନ୍ତି ଯେ କୁମ୍ଭମେଳା କେବଳ ଏକ ଧାର୍ମିକ ନୁହେଁ ବରଂ ଏକ ସାମାଜିକ, ସାଂସ୍କୃତିକ ଓ ରାଜନୈତିକ ଘଟଣା । ଭାରତର 'ଚିରନ୍ତନ ଗତି'ର ଏକ ଜୀବନ୍ତ ପ୍ରତୀକ, ଯେଉଁଠାରେ ସବୁକିଛି ଅନିଶ୍ଚିତ, ବହୁମୁଖୀ ଓ ନିରନ୍ତର ଚାଲୁଛି ।

ମାର୍କ ଟଲିଙ୍କ ପୁସ୍ତକଗୁଡ଼ିକ ସାମ୍ବାଦିକତା, ଇତିହାସ ଓ ବ୍ୟକ୍ତିଗତ ଅଭିଜ୍ଞତାର ଏକ ସୁନ୍ଦର ମିଶ୍ରଣ । ଏଗୁଡ଼ିକ ଭାରତର ତ୍ରୁଟିଗୁଡ଼ିକୁ ଲୁଚାଇ ରଖନ୍ତି ନାହିଁ, ବରଂ ଏହାର ବିବିଧତା, ସହନଶୀଳତା ଓ ନିରନ୍ତର ପରିବର୍ତ୍ତନର ଶକ୍ତିକୁ ଗୁରୁତ୍ୱ ଦିଅନ୍ତି । ବାସ୍ତବରେ ଏବେ ତାଙ୍କ ମୃତ୍ୟୁ ଏକ ଅନନ୍ୟ ସ୍ୱରକୁ ନୀରବ କରିଦେଲା, ଯିଏ ଭାରତକୁ ଗଭୀର ଭାବରେ ବୁଝିଥିଲା । କିନ୍ତୁ ବିଶେଷକରି ତାଙ୍କ କୃତି 'ଭାରତରେ କୌଣସି ପୂର୍ଣ୍ଣ ବିରାମ ନାହିଁ' । ଏହାର କୁମ୍ଭମେଳା ଅଧ୍ୟାୟ, ପଢିବା ଓ ବୁଝିବା ଯୋଗ୍ୟ। ଯଦି କେହି ଭାରତର ଜଟିଳତା, ବିଶେଷକରି ଏହାର ଧାର୍ମିକ ଓ ସାଂସ୍କୃତିକ ଗଭୀରତାକୁ ବୁଝିବାକୁ ଚାହାଁନ୍ତି, ତେବେ ତାଙ୍କ ପୁସ୍ତକଗୁଡ଼ିକର ଆରମ୍ଭ ବିନ୍ଦୁରୁ ଶେଷ ପର୍ଯ୍ୟନ୍ତ ପଢିପାରିଲେ ଟଲିଙ୍କ ମହାନତାକୁ ବୁଝି ପାରିବେ ଏହା ନିଃସନ୍ଦେହରେ କୁହାଯାଇ ପାରେ...!!!


ଅଧକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪

ମୋ: ୯୦୪୦ ୧୫୧୪୭୫


## ଶିକ୍ଷା ବିଭାଗ ଈଶ୍ୱରଙ୍କ ହାତରେ !



**ସୁବ୍ରତ କର**

ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ଶିକ୍ଷା ବିଭାଗ ହେଉଛି ମେରୁଦଣ୍ଡ । ଏହି ଦୁଇଟି ବିଭାଗ ଠିକ୍ ଥିଲେ ଜଣାପଡ଼େ ସରକାର ଠିକ୍ ଚାଲିଛି ଏବଂ ଜନସାଧାରଣ ମଧ୍ୟ ସନ୍ତୁଷ୍ଟ ରହିବେ । ଏବେ ଆମେ ଦେଖିବା ଆମ ରାଜ୍ୟରେ ସରକାର କେମିତି ଶିକ୍ଷା ବିଭାଗକୁ ଚଳାଉଛନ୍ତି । ଶିକ୍ଷା ବିଭାଗ ସାଧାରଣ ଭାବରେ ଦୁଇଟି ସ୍ତରରେ ଭାଗ କରା ହୋଇଛି । ଉଚ୍ଚଶିକ୍ଷା ଏବଂ ଅନ୍ୟଟି ହେଲା ମାଧ୍ୟମିକ ଶିକ୍ଷା । ସରକାରୀ ହିସାବରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ପ୍ରାୟ ୫୦୦୦୦ରୁ ଊର୍ଦ୍ଧ୍ୱ ଶିକ୍ଷକ ପଦ ଖାଲି ପଡ଼ିଛି କିନ୍ତୁ ଶିକ୍ଷକ ନେତାଙ୍କ କହିବା ଅନୁସାରେ ୫୦୦୦୦ରୁ ନୁହଁ ପ୍ରାୟ ୯୦୦୦୦ ହଜାରରୁ ଊର୍ଦ୍ଧ୍ୱ ହେବ । ଶିକ୍ଷକ ଅଭାବରୁ ଏବେ ଏବେ ଦୁଇଟି ବିଦ୍ୟାଳୟରେ ତାହା ପଡ଼ିଲାଣି । ଗୋଟାଏ ହେଲା ଖୁବ୍ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ହାଟଡିହି ବ୍ଲକ୍‌ରେ ଆଉ ଗୋଟାଏ ହେଲା ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକରେ ଥିବା ସ୍କୁଲ । ଏହି ଦୁଇଟି ଯାକ ସ୍କୁଲରେ ଅଭିଭାବକ ମାନେ ଶିକ୍ଷକ ଅଭାବ ଜନିତ କାରଣରୁ ସ୍କୁଲରେ ତାଲା ପକେଇ ଦେଉଛନ୍ତି । ଏହାଛଡ଼ା ରାଜ୍ୟରେ ଅନେକ ବିଦ୍ୟାଳୟରେ ଏହିଭଳି ଅବସ୍ଥା ଉପୁଜିବ ବୋଲି ଆଶା କରାଯାଉଛି ଯଦି ସରକାରଙ୍କ ତରଫରୁ କୌଣସି ପଦକ୍ଷେପ ନ ନିଆ ଯିବ । ୨୦୨୫ ସୁଦ୍ଧା ଗଣଶିକ୍ଷା ସଚିବ ୪୫୦୦୦ ଶିକ୍ଷକ ପଦ ଖାଲି ପଡ଼ିଥିବା କଥା ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଦୁଃଖର କଥା କିନ୍ତୁ ଏ ପର୍ଯ୍ୟନ୍ତ ସରକାରଙ୍କ ତରଫରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ ପଦବୀ ପୂରଣ କରିବା ପାଇଁ । ମାର୍ଚ୍ଚ ମାସରେ ବାର୍ଷିକ ପରୀକ୍ଷା ହେବାର ଅଛି କିନ୍ତୁ ଶିକ୍ଷକ ଅଭାବରୁ ତାଙ୍କର ପାଠ ପଢ଼ାରେ ଏବଂ ପଢ଼େଇବାରେ ପ୍ରଚୁର ଅବହେଳା ହେବାର ଲାଗିଛି । ଏମିତି କି ରାଜ୍ୟ ସରକାର ଜାତୀୟ ଶିକ୍ଷା ନୀତି- ୨୦୨୦ ଲାଗୁ କରି ବିଦ୍ୟାଳୟର ଶିଶୁ ବାଟିକା ଖୋଲିଛନ୍ତି । ଏହାପାଇଁ ମଧ୍ୟ ଶିକ୍ଷକ ଏ ପର୍ଯ୍ୟନ୍ତ ଶିକ୍ଷକ ନିଯୁକ୍ତ କରା ହୋଇ ପାରିନାହିଁ । ଏଇଠି ଜନସାଧାରଙ୍କ ପ୍ରଶ୍ନ ସରକାର ତେବେ କରୁଛି କଣ? ପିଲାଙ୍କୁ ପାଠ ପଢ଼ାଇବା ପାଇଁ ଶିକ୍ଷକ ଯୋଗାଇ ପାରୁ ନାହାନ୍ତି, ଚିକିତ୍ସା ପାଇ ସାଧାରଣ ଜନତାଙ୍କ ପାଇଁ ଡାକ୍ତର ଯୋଗାଇ ପାରୁ ନାହାନ୍ତି ଏ ପର୍ଯ୍ୟନ୍ତ ଶିଳ୍ପ ବିଭାଗରେ ମଧ୍ୟ ଗୋଟାଏ ଆଖି ଦୃଷିଆ ଶିଳ୍ପାନୁଷ୍ଠାନ ଗଢ଼ି ଉଠି ପାରିଲା ନାହିଁ ଏବେ ବି ରାଜ୍ୟର ଲୋକେ ସୁରତ ସହର ମୁହାଁ, ଏହାକୁ ମଧ୍ୟ ରୋକି ପାରିଲେ ନାହିଁ । ବିଶେଷ ଭାବରେ ଚାକିରୀର ମଧ୍ୟ ବ୍ୟବସ୍ଥା କରି ପାରିଲେ ନାହିଁ ତେବେ କରୁଛନ୍ତି କଣ? ଉଚ୍ଚଶିକ୍ଷା ବିଭାଗ ବାରମ୍ବାର କହି ଆସିଥିଲା ଜାନୁଆରୀ ମାସ ଶେଷ ସୁଦ୍ଧା ୧୭ଟା ବିଶ୍ୱ ବିଦ୍ୟାଳୟରେ ସ୍ଥାୟୀ କୁଳପତିର ବ୍ୟବସ୍ଥା କରିବେ କିନ୍ତୁ ମାସ ଶେଷ ହେଲା ଏ ପର୍ଯ୍ୟନ୍ତ କୌଣସି ଗୋଟାଏ ବିଶ୍ୱ ବିଦ୍ୟାଳୟକୁ କୁଳପତି ମିଳି ପାରିନାହିଁ । ଏ ପଟେ କିନ୍ତୁ ଗୋଟାଏ ବିଭାଗରୁ ଆଉ ଗୋଟାଏ ବିଭାଗର ସଚୀବ ମାନେ ବାରମ୍ବାର ହାଇକୋର୍ଟ ଦ୍ୱାରସ୍ଥ ହୋଇ ଭୁଲ ପାଇ ହାତ ଯୋଡ଼ି କ୍ଷମା ମାଗୁଛନ୍ତି। ଏବେ ବି ପ୍ରଚୁର ସମୟ ଅଛି ସରକାର ସାବଧାନତାର ସହିତ କାମ କରି ଜନସାଧାରଣଙ୍କୁ ସନ୍ତୁଷ୍ଟ କରିପାରିଲେ ଭଲ ହୁଅନ୍ତା ।

### କବିତା କୋଣାର୍କ

## ଏ କି ନ୍ୟାୟ ତୋହରିଁ

**ଡୋଲାମଣି ମେହେର**



କାଳିଆରେ ଏ କି ବିଚାର ତୋର
କେତେ ଘରକୁ ତୁ ଉଜାଡି ଦେଇକି
ସ୍ନାନ କରୁ ତୁ ମନ ଖୁସିର...
ସାରା ଜଗତର ରକ୍ଷକ ହୋଇ ତୁ
ଭକ୍ଷକ କି ସାଜିଗଲୁ
ବିଶ୍ୱାସ ରଜ୍ଜୁକୁ ଢ଼ିଲା କରିଦେଇ
କି ନାମ ଯଶ ଅର୍ଜିଲୁ...
ତୋ ନାମ ତୁଣ୍ଡରେ ପଶିଗଲେ ଥରେ
ପାପ ସବୁ ଧୋଇଦେଉ
ଆଜି ତୋ ନାମକୁ ଜପିଲେ ବି
ତାଙ୍କୁ ବିପଦୁ ଉଦ୍ଧାରୁ ନାଂହୁ.....
ତୋର ଦରଶନ ପାଇଁ ରେ କାଳିଆ
ଆସୁଥିଲେ ତୋ ଭକତେ
କେଉଁ ଅପରାଧେ ବଇରୀ ସାଜି ତୁ
ଦେଲୁ ତାଙ୍କୁ ଯମ ହାତେ....
ଆଉ କି ବିଶ୍ୱାସ ବଳେ ତୋ ଦର୍ଶନ
ପାଇଁ ଭକ୍ତ ଭିଡ଼ ହେବ
ତୋ ନାମର ବାନା ଉଡୁଥିବ ସିନା
ଆଉ ଭରଷା କି ରହିବ...
ଆଜି ପରା ତୋର ସ୍ନାନ ପୂର୍ଣ୍ଣିମାରେ
ହଳଦୀ ଫୁଲ ଚନ୍ଦନେ
ମହକ ଖେଳେଇ ସୁଦ୍ଧ ସ୍ନାନ କରି
ବିରାଜିବୁ ସିଂହାସନେ....
ହଜାରେ ଭକତ ଡହଳ ବିକଳ
ଲୁହ ଲହୁ ଏକା କରି
ଜୀବନ ଭିକ୍ଷୁକ ତୋ ପାଖରେ ଆଜି
ଶୁଭୁନି ତତେ କିପରି....
ଆଜି ଭଳି ଦିନେ ନ ହୋଇ ମଉନ
ଦେଖା ତୋ ଠାକୁର ପଣ
ଫେରିଆସୁ ସବୁ ଭକତ ମନରେ
ତୋ ପାଇଁ ଆସ୍ଥା ଜଣାଣ...
ଉଡୁ ଫର ଫର ତୋ ପତିତ ବାନା
ଦୀନ ହୀନ ସେବା ପାଇଁ
ତୋ ପରି ଠାକୁର ଏ ବିଶ୍ୱ ମଣ୍ଡଳେ
ଆଉ ତ ନ ମିଳୁ କାହିଁ....
କାଳିଆରେ
ମୋର ଅଭିମାନ ବୋଲି ଭାବି
ସ୍ୱାଭିମାନେ ଉଭା ହେବୁ
ଦଣ୍ଡିବାର ଯଦି ମତେ ଦଣ୍ଡିପାରୁ
ହେଲେ,
ଜଗତକୁ ଉଦ୍ଧାରିବୁ....


+ସିନାପାଲି, ଜିଲ୍ଲା -ନୂଆପଡା
ମୋ-୯୧୭୮୧୧୦୦୭୩


## ପ୍ରତିଦିନ !!

**ଓଟେରି ସେଲଭାକୁମାର**



ଆମେ ଆଜି ନୂଆ ଜନ୍ମ ହୋଇଛୁ,
ଏବଂ ମୁଁ ବହୁତ ଖୁସି
ଏହା କଣ ଅଟେ ?
ଆମେ ପ୍ରତିଦିନ ଯାହା ଜନ୍ମ ହୋଇଥାଉ
ଏହା କିପରି ହୋଇପାରେ ?
ଏହା ଏଠାରେ ଏକ ପ୍ରଶ୍ନ ହେବା ଉଚିତ୍
ନୁହେଁ, କାରଣ... ଆମେ ପ୍ରତିଦିନ
ଏଠାରେ ଅଛୁ ।
ଆମେ ନୂତନ ଭାବରେ ଜନ୍ମ ନେଇଛୁ।
ସେଥିପାଇଁ...
ପ୍ରତ୍ୟେକ ଦିନ ଆମ ଜନ୍ମଦିନ ଭଳି।
ଉତ୍ସବ ପାଳନ କରାଯିବ
ତାଙ୍କ ମୁହଁରେ ହସ ଏବଂ
ମୁହଁରେ କାନ୍ଦ ଥିଲା
ଆଖିରେ ମର୍ଯ୍ୟାଦା
ସେଠାରେ ରହିବା ଯଥେଷ୍ଟ
ପ୍ରତ୍ୟେକ ଦିନ ଆମ ପାଇଁ ।
ବହୁତ ମହାନ୍
ଏହା ବହୁତ ମନୋରମ ଦେଖାଯାଉଛି
ତାହା ହେଉଛି ମହାନ୍
ଏହା ଆଶାରେ ଅଛି ।
ଏହା କେବଳ ଆଜିର ଦିନ ନୁହେଁ
ବର୍ତ୍ତମାନଠାରୁ ଯେକୌଣସି ଦିନ
ଏହା ତୁମର ଜନ୍ମଦିନ...
ସେଇଟା ହିଁ ଏଇୟା।
ବୁଝନ୍ତୁ
ଯଦି ନୁହେଁ,
ଖୋଜନ୍ତୁ ॥


+ସନ୍ଧିୟାପ୍ପା ଷ୍ଟ୍ରିଟ୍,
ଓଟେରି,
ଚେନ୍ନାଇ ୬୦୦୦୧୨
ମୋ: ୯୮୪୦୩୨୬୮୪୮

# ଅକୁହା କଥା



**ପ୍ରଫୁଲ୍ଲ ବାରିକ**



ବେଳ ରତରତକୁ ସେମାନେ ଆସି ପହଁଚିଲେ। ଘର ଆଗରେ ରହିଲା ଗାଡ଼ି। ପ୍ରଶାନ୍ତ କୋଳରେ ଶୋଇ ଯାଇଥିଲା ପୁଅ ଦିପୁ । ତାକୁ କାନ୍ଧରେ ପକେଇ ଓହ୍ଲେଇ ସିଧା ଚାଲିଲା ଘରକୁ ପ୍ରଶାନ୍ତ । ପିହୁ ପାଣିବୋତଲ, ଦିପୁର ଟିଫିନ ବକ୍ସ ଓ ଜୋତାଧରି ଓହ୍ଲେଇଲା । ଗାଡ଼ି ଚାଲିଗଲା ପରେ ପିହୁ ଗୋଡ଼ ବଢ଼େଇଲା ଘରକୁ । ଯଯାତିଙ୍କୁ ବସିଥିବାର ଦେଖି ଗୁଣୁଗୁଣେଇ କହିଲା, ଯିବାବେଳେ ଯୋଉଠି ଦେଖିକି ଯାଇଥିଲୁ, ଆସିବା ବେଳେ ସେଇଠି। ସେଇ ଏକା ଜାଗା ଏକା ଅବସ୍ଥାରେ। ଯା'ବିହେଉ ଥିଲେବୋଲି ସିନା ଗଲୁ।

ପ୍ରଶାନ୍ତ ପୁଅକୁ ଶୁଆଉଥିବା ବେଳେ ପିହୁ ପଶିଗଲା ରୋଷେଇ ଘରକୁ। ସକାଳ ଜଳଖିଆ ସେମିତି ଥୁଆଯାଇଛି ଯିମିତି ରଖିକି ଯାଇଥିଲା । ପଡୋଶୀ ମାଉସୀଙ୍କୁ କହିଥିଲେ ଦିପହର ଖାଇବାଟା ଚଳେଇ ଦେବାକୁ । ମାଉସୀ ଭାତ ତରକାରୀ ସବୁ ରଖି ଘୋଡେଇ ଦେଇଛନ୍ତି। ସିଏବି ଥୁଆଯାଇଛି ଅଖିଆ ସିମିତି । ପିହୁ ଆଶ୍ଚର୍ଯ୍ୟ ହେଲା, ବାପା ତାହେଲେ ସାରାଦିନ ଓପାସ ନିର୍ଜଳା । ଗଲା ବାପାଙ୍କ ପାଖକୁ । ବାପା ବସିଛନ୍ତି କାନ୍ଥକୁ ଡେରିହେଇ । ପିହୁ କହିଲା, ବାପା ଆପଣ ସକାଳୁ ଅଛନ୍ତି ଓପାସ ? ଲାଗୁଚି ଘରକୁ ନଆସି ସେଇଠି ସେମିତି ବସିଛନ୍ତି ଆମେ ଯିବାଠାରୁ ? ଯାଯାତି ନିରୁତ୍ତର । ପିହୁ କହିଲା, କ'ଣ ପଦେ କହିଦେଲି ବୋଲି ଗଲାବେଳେ ଆପଣ ତାକୁଧରି ମନମାରି ବସିଛନ୍ତି ? ଆସନ୍ତୁ, କହି ପିହୁ ଧରିଲା ବାପାଙ୍କ ହାତକୁ ଉଠେଇବାକୁ। ଟିକେ ହଲିଯିବାରୁ ଯାଯାତି ଗଡି ପଡିଲେ ଢ଼ୋ'କରି । ପଡିଲେ ପିଣ୍ଡା ତଳକୁଯେ ଶୁଭିଲା ଗଛ କାଟିବା ପରି । ପଡି ସେମିତି ରହିଲେ ନିସ୍ତେଜ । ହାତ ପାଦ ହଲିବାର ନାହିଁ । କଥାତ ଦୂର । ପିହୁ ଡରି ଡାକ ପକେଇଲା ପ୍ରଶାନ୍ତକୁ । ଦୌଡ଼ିଆସି ପ୍ରଶାନ୍ତ ଦେଖିଲା ବାପାଙ୍କ ଅବସ୍ଥାକୁ। ଆଖିରୁ ବାହାରି ଭାସିଲେ ଜୁଳୁଳିଆ ମାନେ । ପାଖରେ ନଥିଲେ କେହି । ପିହୁସହ ଧରାଧରି କରି ଆଣି ଶୁଆଇଦେଲେ ଘରେ । ପ୍ରଶାନ୍ତ ଜାଣିନେଲା ବାପା ଆଉ ନାହାନ୍ତି । ତେବେବି ବାଇକ ଛୁଟେଇ ଧାଇଁଲା ପାଖ ମେଡିକାଲକୁ । ଡାକ୍ତର ଆସି ଦେଖିଲେ । ପରୀକ୍ଷାକରି କହିଲେ ହୃଦଘାତରେ ଘଟିଛି ମୃତ୍ୟୁ । ସାମାନ୍ୟ ଷ୍ଟ୍ରୋକ। ବିଶେଷ ନୁହେଁ । ତେବେବି ମୃତ୍ୟୁ ହେଇଯାଇଛି ନିରବରେ।

ଡାକ୍ତର ଚାଲିଯିବାରୁ ପ୍ରଶାନ୍ତ ଅନେଇଲା ପିହୁକୁ । ପିହୁ ପ୍ରଶାନ୍ତକୁ । କାହାରି ପାଟିରେ ଭାଷାତ ଦୂର, ଶବ୍ଦବି ନାହିଁ । ଅକୁହା କଥାର ଭାଷା କିନ୍ତୁ ପଢୁଥିଲେ ପରସ୍ପର ପରସ୍ପରର ଆଖିରେ । ବିଶେଷଭାବେ ଆକ୍ରାନ୍ତ ହେଉଥିଲା ପିହୁ ମାନସିକ ସ୍ତରରେ। ପ୍ରଶାନ୍ତ ଆଗରେ ଦୋଷୀଟି ପରି କ୍ରମେ ଶାଙ୍କୁଡ଼ି ଯାଉଥିଲା ଜୋକହେଇ । ପ୍ରଶାନ୍ତ ଖାଲି ଏତିକି କହିଲା, କ'ଣ ଆବଶ୍ୟକ ଥିଲା ସକାଳେ ବାପାଙ୍କୁ ଏତେକଥା କହିବାର ? ଠିକ କଲନି । ଆମପାଇଁ ବାପା....

ସକାଳେ ପ୍ରସ୍ତୁତି ପୂର୍ବକ ବାହାରିଲା ବେଳେ ବାପା ବସିଥାଆନ୍ତି ତାଙ୍କ ନିତ୍ୟ ନିୟମିତ ସ୍ଥାନ ପିଣ୍ଡାରେ । ଦୁଆରୁ ଠିକ ଅଳ୍ପଛାଡି । ଏମାନେ ଯାଇ ଠିଆହେଲେ ଗାଡିକୁ ଅପେକ୍ଷା କରି । ବାପା ପଚାରିଲେ ବୋହୁ ପିହୁକୁ, କୁଆଡେ ଯାଉଛ ତମେମାନେ ଏତେ ସକାଳୁ ସକାଳୁ ? ପିହୁ କହିଲା, ଯାଉଚୁ ପିକନିକରେ। ଆଜି ନୂଆବର୍ଷର ପ୍ରଥମ ଦିନ । ଯାଇ ଟିକେ ଆନନ୍ଦ କରି ଆସିବୁ । ଯଯାତି କହିଲେ ପିକନିକ ଯାଉଚ ନୂଆ ବର୍ଷରେ ? ଆଜି କି ନୂଆବର୍ଷ ? ନୂଆ ବର୍ଷତ ଆମର ବୈଶାଖରୁ । ତମେ ବୋଧେ ଭୁଲିଯାଇଛ।

----କାଇଁକି ଭୁଲିବୁ ? ତମେ ଯୋଉ ବୈଶାଖ ଜ୍ୟେଷ୍ଠକୁ ନେଇ ଚାଲିଛ,ସେ ଦିନ ଗଲାଣି । ତମପରେ ତାକୁ ମନେ ରଖିବାକୁ ଲୋକ ନଥିବେ ।

--- ଇମିତି କ'ଣ କହୁଛ ମାଆ ? ଆମେ ଓଡିଶା ମାଟିର ମଣିଷ । ଆମର ସଂସ୍କୃତି ଜଗନ୍ନାଥ ସଂସ୍କୃତି । ଠାକୁରଙ୍କସହ ଜଡିତ ଆମର ସବୁକଥା । ତମେ କ'ଣ ତାଙ୍କୁ ଫାଙ୍କି ଦେବ ? ଫାଙ୍କିଦେବ ସମୟକୁ ?

ବୋହୁଙ୍କ କଥାରେ କିଛିଟା ଉତଶୃଙ୍ଖଳତା ଅନୁଭବି ଯାଜତି ବୁଝେଇଲେ ।

ପିହୁ ଥିଲା ସମ୍ପୂର୍ଣ୍ଣ ପିକନିକ ମନସ୍କ । କେବେ ବାହାରି ହୁଏନା ଘରୁ । ବହୁ ବୁଝେଇ ପ୍ରଶାନ୍ତଙ୍କୁ ଆଜି ନୂଆବର୍ଷ ପିକନିକରେ ଗୋଡ଼ କାଢିଛନ୍ତି। ସେଥିକୁ ବାଧା ଆରମ୍ଭରୁ । କିଛି ଶୁଣିବା ଅବସ୍ଥାରେ ନଥିଲା ପିହୁ । କହିଲା, ଜଳଖିଆ କରି ରଖିଦେଇଚି । ଖାଇନେବ । ଦିପହରେ ମାଉସୀ ଦେବେ ଖାଦ୍ୟ । ଖାଇ ବିଶ୍ରାମ କରୁଥିବ। ଆମେ ଆସିଯିବୁ ।

ଯଯାତି କହିଲେ, ସିଏତ ପଛ । ଗୋଟେ ଇଂରାଜୀ ବର୍ଷକୁ ମନେଇବାକୁ ଧାଇଁଛ ଘରଛାଡି ବାହାରକୁ ? ତମ ସଂସ୍କୃତି, ଐତିହ୍ୟ ଏପରିକି ତମ ପରିଚୟକୁବି ଭୁଲିଗଲ ? ସମ୍ମାନ ଦେବାତ ଦୂର । ଏତେ ଔଦ୍ଧତାମିକୁ ସମୟ ସହିବନି ମାଆ।

କଥାଟା ଲାଗିଗଲା ପିହୁ ଦେହରେ । ଫଣିନି ପରି ତତକ୍ଷଣାତ ଫଣାଟୋଳି କହିଲା, ସଂସ୍କୃତି ବାହାନା । ଅସଲ ତମେ ଆମର ସୁଖ ଦେଖିପାରୁନ । ତମେ ଚାହୁଁନ ଆମେ ଯାଇ ବାହାରେ ଟିକେ ଖୁସିକରୁ । ନକହିଲେବି ତମେ ଭାବୁଛ ଆମେ ବୁଝିପାରୁନୁ ? ଛେ..., ଆରମ୍ଭରୁ ଇମିତି । ଅଛି ପିକନିକ । ପିକନିକ ନା ଛେନା। ଗାଡ଼ି ଆସିସାରିଥିଲା । ଭିତରକୁ ପଶି ଡୋର ପକେଇଦେଲେ ଢ଼ୋ'କରି ଯେ ଯଯାତିଙ୍କୁ ଲାଗିଲା ଶକ୍ତ ଚାପୁଡାଏ ବସିଲା ପରି ଗାଲରେ। ମ୍ରିୟମାଣ ହେଇ ବସିଲେ ଚୁପଚାପ। ଗାଡ଼ି ଚାଲିଗଲା ପଛରେ ମେଞ୍ଚେ ଧୂଳୀ ଛାଡି। ସେଇଠୁ ବସିଛନ୍ତିଯେ ବସିଛନ୍ତି । ମଥାରେ ପାହାଡ଼ ପରି ଚିନ୍ତାର ବୋଝ । ବୋହୁ ଇମିତି ନଥିଲେ ଆଗରୁ । କୁଳିଣ ଘରୁ ଆଣିଥିଲେ ନିଜେ ବାଛିବାଛି । ଆଚାର ବିଚାରରେ କେହି ନଥିଲା କହିବାକୁ । ବୁଢ଼ୀ ଯିବାପରେ ସେ ଅନୁଭବ କରିନାହାନ୍ତି । ଖାସ ପିହୁପାଇଁ । ଆଜି କ'ଣହେଲା ତାର ? କହୁନାହିଁତ,ଏକ ପ୍ରକାର ଦୋଷ ଲଦୁଚି ଖୋଲାଖୋଲି,ସିଏ କୁଆଡେ ଦେଖି ପାରୁନାହାନ୍ତି ପୁଅ ବୋହୁଙ୍କ ଖୁସିକୁ । କାହାକୁ କହିବେ ୟେ କଥା ? ଭାଗ୍ୟକୁ କେହି ଶୁଣିନାହାନ୍ତି । ଶୁଣିଥିଲେ ଜୀବନ ଗୋଟା ଗୋଟେଇଥିବା ସମ୍ମାନ ଧୋଇ ଯାଇଥାଆନ୍ତା ଅଶ୍ରୁ ଆଞ୍ଜୁଳେରେ । ଖାଲି ଗାଁ ନୁହେଁ, ସାରା ପଂଚାୟତ ମାନେ ତାଙ୍କୁ । ସେସବୁ ଚୁଲିକୁ ଯାଉ, ପିହୁଠୁ ଏକଥା ଶୁଣିବା ପରେ କିମିତି ଅନେଇବେ ତା ମୁହଁକୁ ? ତା ପ୍ରତି ତାଙ୍କ ମନରେ ଥିବା ଶ୍ରଦ୍ଧା, ମମତା ଆଉ ରହିବ ଅତୁଟ । ନା ବୋହୁ ବୋହୁ ବୋଲି ଡାକିବେ ଦିନରେ ଫିଁ'କଥାର ବାରବାର । ଦିନେଯଦି ରୋଷରେ ଝାଡ଼ିଦିଏ ଆଜିପରି ? ସେ ସହ୍ୟ କରି ପାରିବେତ ? ଭାବନାରେ ଭାବନାରେ ବିତିଯାଇଛି ଗୋଟା ଦିନ । ମଝି ସମୁଦ୍ରରେ ଭାସୁଛନ୍ତି । ଆଖି ସାମ୍ନାରେ ଦେଖୁନାହାନ୍ତି କୂଳ କିନାରା ।

କେତେକଣ ଭାବି ଚାଲିଛି ପିହୁ । କଳ୍ପନାର ଦୃଶ୍ୟ ଭାସୁଛି ଆଖିରେ ପରଦାର ଛବିପରି । ଭାବୁଛନ୍ତି ପ୍ରଶାନ୍ତ। ବାପାଙ୍କ ମୁହଁକୁ ଅନେଇଦେଇ ଭୋ'କରି କାନ୍ଦିଉଠିଲା ପ୍ରଶାନ୍ତ। ବାପା କିଛି କହିବାକୁ ଚାହିଁ କହିପାରି ନାହାନ୍ତି। ପଛେପଛେ ପିହୁବି । ଶବ୍ଦ ଘରୁ ଚରିଗଲା ବାହାରକୁ । ଧାଇଁ ଆସିଲେ ସାଇଭାଇ । ସମସ୍ତଙ୍କ ମୁହଁରେ ଆହା ଚୁ ଚୁ --ସଆନ୍ତେ ଚାଲିଗଲେ ।


+ଚନ୍ଦନବିନ୍ଧା, ଚାନ୍ଦବାଲି, ଭଦ୍ରକ

ମୋ: ୯୨୩୮୯୨୦୪୦୫


# ଉଇଲନାମା



**ଘନଶ୍ୟାମ ପଲେଇ**



ଭାବିଲା ବେଳକୁ ମଥା ଘୂରି ଯାଉଛି... କ'ଣ ନଥିଲା ତାଙ୍କର। ଭରିଲା ଗଛରେ ଫୁଲଫଳ ଭର୍ତ୍ତି ପରି ଥିଲା ପୁରିଲା ପୁରିଲା ସଂସାର। ଘରେ ଅଭାବ ବୋଲି କିଛି ନ ଥିଲା। ଥିଲା ଜମିବାଡି ଘରଦ୍ୱାର। ଦୁଇପୁଅକୁ କେଉଁଥିରେ ଅଭାବ ରଖି ନଥିଲେ। ବଢେଇ ପଢେଇ ମଣିଷ କଲେ। ହେଲେ ପଢା ସରିଲା ପରେ ଜଙ୍ଗଲର ଜଳନ୍ତା ଗଛ ଡାଳରୁ ପକ୍ଷୀମାନେ ଏଣେତେଣେ ଖେଳେଇ ହେଇଯିବା ପରି ଦୁଇପୁଅ ଜଣେ ଆମେରିକାରେ ତ ଆଉ ଜଣେ ଇଂଲଣ୍ଡରେ ଚାକିରି କଲେ। ଖାଲି ରହିଲେ କହିଲେ ଚଳିବନି ସେଇ ଦେଶର ଗୋଟାଏ ଗୋଟାଏ ଝିଅକୁ ବାହା ହେଇ ସେଇଠି ରଚିଲେ ସ୍ଥାୟୀ ନୀଡ। ପ୍ରଥମେ ପ୍ରଥମେ ଫୋନ, ଭଲମନ୍ଦ ପଚାରିବା, ଟଙ୍କାର ଆଶାଟ କିନ୍ତୁ ସେମାନେ ଧିରେ ଧିରେ ସବୁ ଭୁଲିଗଲେ। ମାସରେ ଥରଟିଏରୁ ବର୍ଷରେ ଥରେ, ବର୍ଷରେ ଥରେରୁଟ ଏବେ ଅନେକ ବର୍ଷ ହେଲା ଆଉ ନା ତାଙ୍କ ଫୋନ ଲାଗୁଛି ନା ସେମାନେ ଆଉ ଫୋନ କରୁଛନ୍ତି।

କିଛିବର୍ଷ ହେଲା ଜୀବନ ସଙ୍ଗିନୀ ବନଲତା ମଧ୍ୟ ଚାଲିଗଲେ। ଏବେ ଘର ଶୂନ୍ୟ ଗଞ୍ଜିଆ ଖୋଲା ବାଡି ଘର ପରି। ଆଉ କଥା ହେବାକୁ ବି କେହି ନାହିଁ। ନିରବତା ମଧ୍ୟ ବେଳେବେଳେ ଭାରି ପଡିଥାଏ ତେଣୁ ସେ ଏପରି ନିଷ୍ପତ୍ତି ନେବାକୁ ବାଧ୍ୟ ହେଲେ। ଏକା ଏକା ଚାଲିଛନ୍ତି ଆଗକୁ ଆଗକୁ... ଆଖିରୁ ଲୁହ ଗଡେଇ ଗଡେଇ।

ଥାନାରେ ସିଧା ପହଞ୍ଚି ବାହାରେ ବସିଥିବା ପୁଲିସବାବୁଙ୍କୁ ପଚାରିଲେ - ବଡବାବୁ ଅଛନ୍ତି କି... ଟିକିଏ ଦେଖା କରିଥାନ୍ତି... ଜରୁରୀ କାମ ଥିଲା।

ପୁଲିସବାବୁ କିଛିଟା ଜେରା କଲାପରେ। କହିଲେ- ରହିଥ ! ମୁଁ ଅନୁମତି ନେଇ କି ଆସେ। କହି ଭିତରେ ପଶିଲେ।

କିଛି ସମୟ ପରେ କହିଲେ- ଏଣିକି ଯାଅ.. ଦେଖା କର।

ସେ ପଶିଲେ ସାହେବଙ୍କ ଘରେ। ନମସ୍କାର କରି କହିଲେ—"ମୋ ନାମ ବିରଞ୍ଚି ନାରାୟଣଙ୍କ ଏଇ ଉଇଲଟି ଆପଣଙ୍କୁ ଦେବାକୁ ଆସିଛି।"

ଥାନାବାବୁ ପଢିଲେ କାଗଜ। ଲେଖା ଥିଲା—

"ମୋର ଦୁଇ ପୁଅ ବିଦେଶରେ ରହୁଛନ୍ତି। ଅନେକ ବର୍ଷ ହେଲା ସେମାନେ ମୋ ଖବର ନେଉ ନାହାନ୍ତି। ତେଣୁ ମୋ ଅନୁପସ୍ଥିତିରେ ମୋର ସମସ୍ତ ସ୍ଥାବର ଅସ୍ଥାବର ସମ୍ପତ୍ତି, ପନ୍ଦର ବର୍ଷଯାକେ ଏହାର ରକ୍ଷଣା ବେକ୍ଷଣର ଦାୟିତ୍ୱ ଥାନାକୁ ଦେଲି। ଯଦି କେବେ ମୋର ଦାବିକର୍ତ୍ତା ଆସିବେ, ସତ୍ୟ ପ୍ରମାଣ ଦେଖାଇ ନେବେ। ଯଦି ପନ୍ଦର ବର୍ଷ ଭିତରେ କେହି ନ ଆସନ୍ତି, ସବୁ ରାଜକୋଷକୁ ଯିବ।'

ତଳେ ଥିଲା ବିରଞ୍ଚିବାବୁଙ୍କ ଅସ୍ଥିର ଆଉ ଦ୍ୱିଧାହୀନ ସ୍ୱାକ୍ଷର।

ବୁଢା ଜଣଙ୍କୁ ଆଖି ପୂରାଇ ନଜର କଲେ। ତଳିରୁ ତଳପା ଥରେ ସ୍କାନ କଲେ ପୁଲିସିଆ ନଜରରେ। ଚିନ୍ତାକଲେ ତାଙ୍କ ଜୀବନର କୋଡିଏ ବର୍ଷ ଚାକିରି କାଳରେ ଏପରି ଘଟଣା ପ୍ରଥମ। ତେଣୁ ସାହେବ ଆଶ୍ଚର୍ଯ୍ୟରେ ପଚାରିଲେ—

"ଆପଣ ଏହା ସ୍ୱସ୍ଥ ମସ୍ତିଷ୍କରେ ଲେଖିଛନ୍ତିତ... ? ନା.. କାହା ଚାପରେ... ?"

ବିରଞ୍ଚି ଶାନ୍ତ ସ୍ୱରେ କହିଲେ—"ନା ସାର, ସବୁ ଭାବିଚିନ୍ତି ଲେଖିଛି। ଏସବୁ ମିଛମାୟାରେ ଘାଣ୍ଟି ହେବାକୁ ଚାହୁଁ ନାହିଁ। ମୁଁ ମୁକ୍ତ ହେବିଟ ଶେଷ ଦିନଗୁଡ଼ିକ ଏକ ଆଶ୍ରମରେ କାଟିବି। ଢେର୍ ଭୋଗିଲିଟ ଏବେ ଶାନ୍ତି ଚାହେଁ।"

ଏତକ କହି ଘରର ଚାବିଟିକୁ ଥାନାବାବୁଙ୍କ ଟେବୁଲ ଉପରେ ଥୋଇ ବୁଢା ଜଣଙ୍କ ଉଠି ଚାଲିଗଲେ। ଥାନାବାବୁଙ୍କ ମୁହଁରୁ ଆଉ କଥା ବାହାରୁ ନ ଥାଏ। ଥ'ଟ ହେଇ ଚାହିଁ ରହିଥିଲେ ବୁଢାର ଯିବା ବାଟକୁ। ବିରାଟ ହାଓଡା ପୋଲର ରହସ୍ୟ ଭଳି ଲାଗୁଥିଲା ତାଙ୍କର ଏଇସବୁ କହି ଯାଇଥିବା କଥାଗୁଡିକ। ତାଙ୍କ ଆଖିରେ ଅଜାଣତରେ ଲୁହ ଜକେଇ ଆସିଗଲା। କେଜାଣି କାହିଁକି... ଆଜି ବହୁତ ମନେ ପଡୁଥିଲେ ନିଜ ଗାଁରେ ଅବହେଳିତ ଅବସ୍ଥାରେ ରହୁଥିବା ନିଜ ବାପାମା'ଙ୍କ କଥା।


+ଟେନସା, ସୁନ୍ଦରଗଡ-୪୨

ମୋ- ୯୪୩୭୭୧୮୫୦୦


# ସତ ଲେଖିବାକୁ କିଆଁ ଡରିବି



**ସୁନନ୍ଦା ମହାନ୍ତି**



ମୁଁ ମୋନାଲିସା ଦାସ। ଲେଖିକା ହିସାବରେ ମତେ କିଏ ଗଣୁ ବା ନଗଣୁ ନିଜେ ନିଜକୁ ଗଣି ଗଣି ବାଟ ଚାଲିଲା ବେଳେ ମୋ ଆଖିରେ ସବୁ ଖରାପ କଥା ଏତେ ପଡେ କାହିଁକି କେଜାଣି ! ଏଇ ଯେମିତି ବେକରେ ଏତେବଡ ଘା ହୋଇ ଥିବା କୁକୁରଟି ଜମିଥିବା ବର୍ଷା ପାଣି ମୁନ୍ଦେ ଚାଟି ଚାଟି ପାଣି ପିଉଥିବା ବେଳେ ମୋ ହୃଦୟ ଫାଟିଯାଏ। ମୁଁ ଦୁଇଟା ବରା କିଣି ତା ଆଡକୁ ଫୋପାଡିବାକୁ ଚାହିଁ ବି ପାରେନା କାରଣ ଫୁଙ୍ଗୁଳା ଶରୀର ନୁଖୁରା ବଢିଆସିଥିବା ଚୁଟି ଓ ଦାଢ଼ି ନିଶ ସହିତ ରୁଗ୍ଣ ଲୋକଟା ପିଞ୍ଜରା ହାଡ଼ ଗଣି ହେଇଯାଉଥିବା ଶିରୀରର ଭୋକ ପେଟକୁ ଆଉଁସୁ ଥାଏ ସେତେବେଳକୁ। ଯନ୍ତ୍ରଣାରେ ମୋ ଛାତି ଚିରି ହୋଇଗଲା ବେଳେ ଭାବନା ଭିତରକୁ ଧସେଇ ଆସେ ଦୁର୍ଭାବନା ଅନେକ। ତ ମୁଁ କବିତା ଲେଖେ ଓ ଗପର ଚରିତ୍ର ପାଇଁ ସେହି ସବୁ ବିଶେଷ ଓ ବିଶେଷଣ ଥିବା ମଣିଷ ବା ପଶୁ, ପକ୍ଷୀ ବା ଗଛକୁ ତାଲିକାଭୁକ୍ତ କରୁଥାଏ ସ୍ଥାନ, କାଳ, ପାତ୍ର ଅନୁଯାୟୀ। ତା ଭିତରେ ପୁଅ ଜନ୍ମ କରିଥିବା ମାଆ ବାପାଙ୍କ ଆଖିର ଚମକ ଭିତରେ ମତେ ଦେଖାଯାଉଥାଏ ଏଇ ଲୋକଟା ମଧ୍ୟ ଦିନେ କୋଉ ବାପା ମାଆଙ୍କ ସ୍ୱପ୍ନ ସାର୍ଥକ କରି କୋଳ ମଣ୍ଡନ କଲାବେଳେ ତାକୁ ନେଇ କେତେ ସ୍ୱପ୍ନ ଦେଖିଥିବେ ସେମାନେ। ଝିଅ ନୁହଁ ବରଂ ପୁଅ ହୋଇଛି ଖୁସିରେ କିଛି ନହେଲେ ହାତ ଯୋଡୁଥିବେ ସେହି ଐଶ୍ୱର୍ଗୀକ ସର୍ବ ଶକ୍ତିମାନଙ୍କ ଉଦେଶ୍ୟରେ। ବାପା ମାଆ ଜନ୍ମ ଦେଇଥାଆନ୍ତି କିନ୍ତୁ କର୍ମ ନୁହଁ ନ୍ୟାୟରେ କୋଉଠି ପାଗଳ, କୋଉଠି ରୋଗୀ କୋଉଠି ମାନସିକ ରୋଗୀ, ଶାରୀରିକ ବିକଳାଙ୍ଗ ପୁରୁଷମାନେ କାହିଁକି ଯେ ପଥରେ ପଥିକ ହୋଇ ରାସ୍ତାରେ ଦେଖାଯାଆନ୍ତି ମୋ ଆଖିକୁ ବୁଝିପାରେନି ମୁଁ! କବି ଓ କବୀମାନେ ଦ୍ୱିତୀୟ ଇଶ୍ୱର ବୋଲି ଭାବନ୍ତି ବୋଧେ ପ୍ରକୃତିରେ ଥିବା ସଜୀବ ଓ ନିର୍ଜୀବ ବସ୍ତୁ ପଦାର୍ଥ ଓ ପ୍ରାଣୀ ସମୂହ। ଇଶ୍ୱର ବୋଧହୁଏ କରିଥିବା ଭୁଲକୁ କେହି ଦେଖୁ, ଶିଖୁ ଓ ଲେଖୁ। ନ୍ୟାୟ ପାଇଁ ଆଖିବୁଜି ଭଗବାଙ୍କୁ ଡାକିବା ଠିକ କିନ୍ତୁ ଲେଖି ସମସ୍ତଙ୍କୁ ସଚେତନ କରିବାରେ ମଧ୍ୟ ଭୁଲ କେଉଁଠି !

ରାସ୍ତାରେ ଚାଲିବା ବନ୍ଦ କରିଦେଲେ ବି ଗାଁରେ ଉଦୟଭାନୁଙ୍କୁ ଜନ୍ମରୁ ଜାଣେ ମୁଁ। ଉଦୟଭାନୁ ନାମ ଦେଇ ପିତାମାତା ତାର ଏକୋଇଶିଆ, ମାସିକିଆ, ଜନ୍ମଦିନ କରିଥିଲେ ଏମିତି ଯେ ଆଜିଯାଏଁ ହାତରୁ ବାସ୍ନା ଛାଡ଼ିନି ଗାଁ ଓ ଗାଁ ପାଖାପାଖି ସାତଖଣ୍ଡ ଗାଁ ଲୋକଙ୍କର। ଉଦୟଭାନୁ ସୂର୍ଯ୍ୟ ସମ ଉଦିତ ହୋଇ ବାପାଙ୍କ ନାମ ରଖିବ। ପରିବାର ଆକାଶରେ ସୂର୍ଯ୍ୟ ହୋଇ ଉଦିତ ହେଉ ହେଉ ଗାଁ ଘର ତୋଳିବ, ଗାଁର ମାନ ସମ୍ମାନ ବଢେଇବ ବୋଲି ଭାବୁଥିବା ବାପା ଚାଲିଗଲା ପରେ ଉଦୟଭାନୁ ଉଦୟ ନହୋଇ ଅସ୍ତ ହୋଇଗଲା। କମ୍ପାନୀ ଚାକିରୀରୁ ଲେ ଅଫ ହୋଇ ଘର ତଥା ଗାଁର ଉର୍ନ୍ନତି କରୁ କରୁ ରୋଗୀ ହୋଇଗଲା। ଡାକ୍ତର ବଇଦ ପାଖକୁ ଦଉଡି ଦଉଡି ସର୍ବସ୍ୱାନ୍ତ ହୋଇଯିବା ପରେ ସ୍ତ୍ରୀ ଛାଡ଼ି ଚାଲିଗଲା। ପିଲାତ ମୂଳରୁ ହିଁ ନଥିଲେ।ଗାଁ ଲୋକ ସ୍ୱାନ୍ତ୍ୱନା କି ସମବେଦନା ଦେବା ବଦଳରେ କୁକୁର ପ୍ରତି ନିର୍ଦ୍ଦୟ ହେଲାପରି ହେ ହେ ହେଉଥିଲେ ତାକୁ ଦେଖିଲେ। ତାର ଏକମାତ୍ର କାରଣ ସେ ନିଶାଶକ୍ତ, ସେ ମଦ୍ୟପ। ସେଇଥିପାଇଁ ଚାକିରୀ ଗଲା, ସ୍ତ୍ରୀ ଛାଡ଼ି ପଳେଇଲା, ଗାଁ ଲୋକ ଛି ଛାକର କରୁଥିଲେ। ଏକମାତ୍ର ମାଆଟି ପୁଅର ପାଖ ଛାଡ଼ି ନଥିଲା। ରୋଗକୁ ସିନା ଔଷଧ ଦେଇପାରିବ ନାହିଁ। ବସି ଖାଇଲେ ନଈ ବାଲି ସରିବା ପରି ସବୁ ସରିଯାଇଥିଲେ ମଧ୍ୟ ମାଆଟି ପୁଅର ପିଠି ସାଉଁଳେଇ ପୁଅକୁ ସୁପଥକୁ ଫେରାଇ ଆଣିବାକୁ ଚେଷ୍ଟା କରୁଥିଲା।ଶାଗ ପଖାଳ ମୁଠେ ବାଢି ଦେଉଥିଲା। ଗୋଡ଼ ଘଷି ଆଉଁସି ପୁଅର ଆୟୁଷ ଥାଉ ବୋଲି ଠାକୁରଙ୍କୁ ମାଗୁ ମାଗୁ ଆଖି ବୁଜିଲା ମାଆ।ମାଆ ଚାଲିଗଲା ପରେ ପକ୍ଷୀଟି ଭୋକ ବିକଳରେ ଲିଚୁ ଲାଇଟକୁ ପାଚିଲା ଫଳ ଭାବି ଖୁମ୍ପୁ ଥିଲା ଭଳି ଉଦୟଭାନୁ ଭୋକରେ ତାଟିଆ କାମୁଡୁ କାମୁଡୁ ଚାଲିଗଲା ସେପାରିକୁ।ଏ ଭିତରେ କିଏ କୁଆଡେ ଯାଇଥିଲେ ତ ମାଆ ନଥିଲା କି ପୁଅ ନଥିଲା। ପଇସା ଅଭାବରୁ ଓ଼ ମାଆ ହାତ ଛାଡ଼ି ସ୍ୱର୍ଗପୁର ଚାଲିଯିବା ପରେ ଉଦୟ ନାଥ ଯିବାର ଚାରି ବର୍ଷ ପରେ ଯେବେ ଗାଁରେ ଯୋଗ୍ୟ ହିତାଧିକାରୀମାନଙ୍କ ହେଲଥ କାର୍ଡ ବାଣ୍ଟିବାକୁ ଗାଁକୁ ଅଙ୍ଗନବାଡି ଦିଦି ଆସି ଡାକୁଥିଲେ ଉଦୟଭାନୁ ସାହୁ ଘରେ ଅଛନ୍ତି ? ତ ଏଣିକି ଘରେ ଥିବା ତା ବିଧବା ସ୍ତ୍ରୀର ହାତଟି ଲମ୍ବି ଆସୁଥିଲା। ଏସବୁ ଦେଖି ଦୂରରୁ ଗଳ୍ପ ଲେଖିବାକୁ ମୋ ଡାଏରୀ ଓ ପେନ ବାହାର କରି ବସି ଭାବୁଥିଲି ମୁଁ ମୋନାଲିସା ଦାସ ଯେ ଗପର ଆରମ୍ଭ, ମଝି ଓ ଶେଷ କଣ ହେଇପାରେ !


ସାକ୍ଷୀଗୋପାଳ,ପୁରୀ

ମୋ: ୯୦୪୦୯୭୭୩୨୭

# ଜିଲ୍ଲା ସଡ଼କ ସୁରକ୍ଷା କମିଟି ଓ ଆମ ବସ୍‌ଷ୍ଟାଣ୍ଡ କମିଟି ବୈଠକ

ନୂଆପଡା, ୧/୨ (ନି.ପ୍ର): ନୂଆପଡା ଜିଲ୍ଲା ସଡ଼କ ସୁରକ୍ଷା କମିଟିର ବୈଠକ ଆଜି ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକର ଆରମ୍ଭରେ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଶଶାଙ୍କ ଶେଖର ଶୁକ୍ଲା ସମସ୍ତଙ୍କୁ ସ୍ୱାଗତ କରି ବୈଠକର ବିବରଣୀ ଉପସ୍ଥାପନ କରିଥିଲେ। ବୈଠକରେ ଜିଲ୍ଲାପାଳ 'ନୋ ହେଲମେଟ୍ -ନୋ ପେଟ୍ରୋଲ୍' ନିୟମକୁ କଡାକଡି ଭାବେ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ବିନା ହେଲମେଟ୍‌ରେ ପେଟ୍ରୋଲ୍ ଯୋଗାଇଦେଉଥିବା ପେଟ୍ରୋଲ୍ ପମ୍ପ ମାଲିକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲ୍ଲାପାଳ ସ୍ପଷ୍ଟ କରିଥିଲେ। ଏହାସହ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ପେଟ୍ରୋଲ୍ ପମ୍ପ ଗୁଡ଼ିକରେ ଆକସ୍ମିକ ଚଢ଼ାଉ କରି ନିୟମ ପାଳନ ନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସଡ଼କ ସୁରକ୍ଷାକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଜିଲ୍ଲାର ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ 'ହେଲମେଟ୍ ହବ୍' ସ୍ଥାପନ କରିବାକୁ ବୈଠକରେ ସିଦ୍ଧାନ୍ତ ନିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ମୋଟ ୧୦ଟି ହେଲମେଟ୍ ହବ୍ ସ୍ଥାପିତ ହେବ; ବୋଡେନରେ ୨ଟି ଏବଂ ସିନାପାଲି, ଘାଟିପଡା, ଭେଲା, ଖରିଆର ରୋଡ୍, ଉଦ୍ୟାନବନ୍ଧ, ନୂଆପଡା, ତରବୋଡ ଓ କୋମନାରେ ପ୍ରତ୍ୟେକରେ ୧ଟି କରି ହବ୍ ରହିବ। ପ୍ରତ୍ୟେକ ହବ୍‌ରେ ୫ଟି ହେଲମେଟ୍ ରଖାଯିବ।ଏହି ହେଲମେଟ୍ ହବ୍ ଗୁଡ଼ିକୁ ସ୍ୱୟଂସହାୟକ ଗୋଷ୍ଠୀ, ବିଜ୍ଞାପିତ ଅଂଚଳ ପରିଷଦ ଓ ଗ୍ରାମପଂଚାୟତ ମାନଙ୍କ ଦ୍ୱାରା ପରିଚାଳନା କରାଯିବ। ବିନା ହେଲମେଟ୍ ଚାଳକମାନେ ୫୦ ଟଙ୍କା ଜମା ରଖି ହେଲମେଟ୍ ଗ୍ରହଣ କରିପାରିବେ ଏବଂ ଗନ୍ତବ୍ୟ ସ୍ଥାନ ନିକଟସ୍ଥ ହେଲମେଟ୍ ହବ୍‌ରେ ଏହା ଫେରସ୍ତ ଦେବେ। ଏହି ବ୍ୟବସ୍ଥାକୁ କଡାକଡି ଭାବେ କାର୍ଯ୍ୟାନ୍ୱୟନ କରିବା ପାଇଁ ଏସ୍‌ପିଙ୍କ ତରଫରୁ ପୋଲିସ୍ କର୍ମଚାରୀ ନିୟୋଜିତ ହେବେ। ବୈଠକରେ ଦୁର୍ଘଟଣାପ୍ରବଣ ସ୍ଥାନଗୁଡ଼ିକ ଚିହ୍ନଟ କରି ସେଠାରେ ତୁରନ୍ତ ଖାଲଖମା ମରାମତି କରିବା ଉପରେ ମଧ ଜିଲ୍ଲାପାଳ ଜୋର ଦେଇଥିଲେ। ପରିବହନ ଅଧିକାରୀ ଶର୍ମିଳା ମହାରଣା ସଡ଼କ ସୁରକ୍ଷା ପାଇଁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ, ଦୁର୍ଘଟଣାପ୍ରବଣ ଅଂଚଳର ସଂଯୁକ୍ତ ନିରୀକ୍ଷଣ, ଆଇନ ପ୍ରୟୋଗ ଓ ସଚେତନତା କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ତଥ୍ୟ ରଖିଥିଲେ। ଏହି ବୈଠକରେ ଉପ ଜିଲ୍ଲାପାଳ ସୂର୍ମୀ ସୋରେନ, ସିଡିଏମଓ ଧନେଶ୍ୱର ସେଠୀ, ଜିଲ୍ଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ କ୍ଷମାନିଧି ଭୋଇ, ଆରଟିଓ ଶର୍ମିଳା ମହାରଣା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଞ୍ଜିତ ନାୟକ, ଅବକାରୀ ଅଧିକ୍ଷକ ସଂଘମିତ୍ରା ପ୍ରଧାନ ଓ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହାପରେ, ଜିଲ୍ଲାସ୍ତରୀୟ ଆମ ବସ ଷ୍ଟାଣ୍ଡ ନୋଡାଲ କମିଟି ବୈଠକରେ ବସ୍ ଷ୍ଟାଣ୍ଡ ଓ ସରକାରୀ ବସ୍ ମାନଙ୍କ ପରିଚାଳନା ବିଷୟରେ ଆଲୋଚନା ହୋଇଥିଲା।

# ୫ ବାଇକ ଏବଂ ୨ଟି ଗ୍ୟାସ ସିଲିଣ୍ଡର ଜବତ: ୫ ଅଭିଯୁକ୍ତ ଗିରଫ

ଜୟପୁର, ୧/୨ (ନି.ପ୍ର): ଜୟପୁର ଟାଉନଥାନା ପୋଲିସ କୁ ଏକ ବଡ ସଫଳତା ମିଳିଛି ଏହିପରି ଗତ ୫ ମାସ ମଧ୍ୟରେ ସହରର ବିଭିନ୍ନ ସ୍ଥାନରୁ ଲୁଟ ହୋଇଥିବା ୫ଟି ବାଇକ ଏବଂ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ବିବେକାନନ୍ଦ ଛାତ୍ରାବାସର ରୋଷେଇ ଘରୁ ୨ଟି ରନ୍ଧନ ଗ୍ୟାସ ଲୁଟ ଅଭିଯୋଗରେ ୫ଜଣ ଅଭିଯୁକ୍ତଙ୍କୁ ଆଜି ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଗିରଫ ଅଭିଯୁକ୍ତ ସ୍ଥାନୀୟ ଓଡିଆ ମେଦ୍ରୀ ସାହିର ବିଶାଳ ନାଗ (୨୦), ରିଙ୍କୁ ବାଗ (୨୦), ସୁନୀଲ ପରଜା ଓରଫ ଲାଲୁ (୧୯), ଖ୍ରୀଷ୍ଟିଆନ ସାହି ବିଜୁ ରାଜନଗର ଆଦିତ୍ୟ ଖୋସ୍ଲା (୨୩) ଏବଂ ଖ୍ରୀଷ୍ଟିଆନ ସାହିର ରାକେଶ ହରିଜନ (୨୩)। ଅଭିଯୁକ୍ତ ମାନଙ୍କ ନିକଟରୁ ୫ଟି ଚୋରି ବାଇକ ଏବଂ ୨ଟି ରନ୍ଧନ ଗ୍ୟାସ ସିଲିଣ୍ଡର ଜବତ କରାଯାଇଛି । ଗତକାଲି ପୂର୍ବାହ୍ନରେ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ମୁଖ୍ୟରାସ୍ତା ରହିଥିବା ବିବେକାନନ୍ଦ ଛାତ୍ରାବାସର ରୋଷେଇ ଘରୁ ଦୁଇଟି ସିଲିଣ୍ଡର ଚୋରି ହୋଇଥିବା ନେଇ ଛାତ୍ରାବାସ ଅଧିକ୍ଷକ ଡ.ଲକ୍ଷ୍ମଣ ପାତ୍ର ଟାଉନଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏଥିନେଇ ଟାଉନଥାନା ପୁଲିସ ସିସି କ୍ୟାମେରା ଏବଂ ଅନ୍ୟାନ୍ୟ ଯାଂଚ ପରେ ଅଭିଯୁକ୍ତ ଓଡିଆ ମେଦ୍ରୀ ସାହିର ସୁନୀଲକୁ ଗିରଫ କରି ୨ ଟି ସିଲିଣ୍ଡର ଜବତ କରିଥିଲେ ।ସେହିପରି ୨୦୨୫ ନଭେମ୍ବର ୪ ତାରିଖରେ କଣ୍ଡରାସାହି ଅଂଚଳର ସୁମିତ ବେହେରା ଖାଲସାହି ଡଲଫିନ ହୋଟେଲ ନିକଟରେ ବାଇକ ପାର୍କି ? କରିଥିବା ସମୟରେ ଚୋରି ହୋଇଥିବା ନେଇ ଅଭିଯୋଗ କରିଥିଲେ। ଏହି ମାମଲାରେ ଓଡିଆ ମେଦ୍ରୀ ସାହିର ରିଙ୍କୁ ବାଘକୁ ଗିରଫ କରାଯାଇଛି। ସେହିପରି ଗତ ଜାନୁଆରୀ ୨୯ ତାରିଖରେ ଗ୍ଲୋବାଲ ହସପିଟାଲ ନିକଟସ୍ଥ ରୁଷିଆ କଲୋନୀର ପିଣ୍ଟୁ ଜାନୀଙ୍କ ଗାଡି ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା ଏହି ମାମଲାରେ ଓଡିଆ ମେଦ୍ରୀ ସାହିର ବିଶାଲ ନାଗକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେହିପରି ଗତ ଜାନୁଆରୀ ୨୩ ତାରିଖରେ ବାରିଣିପୁଟ ନିକଟସ୍ଥ ସ୍ଲିପ୍ୱେ କଲୋନୀର କମଳା ବାରିକଙ୍କ ଗାଡି ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା ଏହି ମାମଲାରେ ଖ୍ରୀଷ୍ଟିଆନ ପେଟା ବିଜୁ ରାଜନଗର ସାହିର ଅଦିତ୍ୟ ଖୋସ୍ଲାକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେହିପରି ଗତ ୨୦୨୫ ସେପ୍ଟେମ୍ବର ୯ ତାରିଖରେ କୁମ୍ଭାର ସାହି ଲକ୍ଷ୍ମୀନଗର କଲୋନୀର ପି. ଶ୍ରୀନିବାସ ରେଡ୍ଡୀଙ୍କ ଗାଡି ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା ଏହି ମାମଲାରେ ଖ୍ରୀଷ୍ଟିଆନ ସାହିର ରାକେଶ ହରିଜନକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଟାଉନଥାନା ଅଧିକାରୀ ଉଲ୍ଲାସ ରାଉତ ସୂଚନା ଦେଇଛନ୍ତି।

# ମା' ପାଇଁ ଗଛଟିଏର ଏକ ସଭା ଆୟୋଜନ

କେନ୍ଦୁଝର, ୧/୨ (ନି.ପ୍ର): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ବନାଯୋଡି ସ୍ଥିତ ଆନନ୍ଦାଶ୍ରମର ସମସ୍ତ ଅନ୍ତେବାସୀ ଆଇଡିଆଲ୍ ଡେଭଲେପମେଂଟ ଏଜେନ୍ସିର ସମସ୍ତ କର୍ମକର୍ତ୍ତା, ସାଇ ଆନନ୍ଦ ବିଦ୍ୟାଳୟ ସମୂହର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ନେଇ 'ମା ପାଇଁ ଗଛଟିଏ ' ର ଏକ ସଭା ଆୟୋଜନ କରାଯାଇଥିଲା । ଆଇଡିଆଲ୍ ଡେଭଲେପମେଂଟ ଏଜେନ୍ସିର ପ୍ରତିଷ୍ଠାତ୍ରୀ ଶ୍ରୀମତୀ ସେବତୀ ସିଂ ସଭାରେ ବୃକ୍ଷ ଓ ପରିବେଶର ଉପାଦେୟତା ବିଷୟରେ ବୁଝାଇଥିଲେ । ସମ୍ପାଦକ ଚନ୍ଦ୍ରକାନ୍ତ ବରାଳ ମାନବ ସମାଜ ପ୍ରତି ମାତୃତୁଲ୍ୟ ଅବଦାନ ଅତି ସୁନ୍ଦର ଭାବରେ ବୁଝାଇଥିଲେ । ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଶ୍ୱନାଥ ଦ୍ୱିବେଦୀ ବୃକ୍ଷର ମାନବ ସମାଜ ପ୍ରତି ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ । ସାଇ ଆନନ୍ଦ ବିଦ୍ୟାଳୟ ସମୂହର ଛାତ୍ରଛାତ୍ରୀ ବୃକ୍ଷ ଓ ସମାଜ ଉପରେ ଏକଚିତାକର୍ଷକ ନାଟକ ପରିବେଷଣ କରିଥିଲେ । ଆନନ୍ଦାଶ୍ରମର ଅନ୍ତେବାସି, କର୍ମକର୍ତ୍ତା, ସାଇ ଆନନ୍ଦ ବିଦ୍ୟାଳୟ ସମୂହର ଛାତ୍ରଛାତ୍ରୀ ଓ ଶିକ୍ଷକଶିକ୍ଷୟତ୍ରୀ ମିଳିତ ହୋଇ ଆନନ୍ଦାଶ୍ରମରେ ବିଭିନ୍ନ ଫଳ ଜାତୀୟ ବୃକ୍ଷ ରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଶାସନ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ର ଅଧିକାରୀଣୀ ଭୁବନେଶ୍ୱରୀ ମହାନ୍ତ ସହଯୋଗର ହାତ ବଢାଇଥିଲେ ।

# ସୁଖଲତା ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ

ପୁରୀ, ୧/୨ (ନି.ପ୍ର): ସୁଖଲତା ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ମହା ଆଡମ୍ବରରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁଚରିତା ପ୍ରତିହାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ବରେଣ୍ୟ ଅତିଥି ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଡଃ. ଲକ୍ଷ୍ମୀଧର ପଣ୍ଡା, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଉପାଧକ୍ଷ ଦେବସ୍ମିତା ମହାପାତ୍ର, ପ୍ରାକ୍ତନ ମଣ୍ଡଳ ଶିକ୍ଷା ଅଧିକାରୀ ପୁରୀ ସଦର ପ୍ରମୋଦ କୁମାର କର, ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ବରିଷ୍ଠ ଅଧାପକ ଡଃ. ଶିବ ପ୍ରସନ୍ନ ପଟ୍ଟନାୟକ, ସମାଜସେବୀ ଚକ୍ରଧର ମହାପାତ୍ର, ପଂଚସଖା ଶିକ୍ଷା ସେତୁ ସଭାପତି ସୁକାନ୍ତ ପଣ୍ଡା ଓ ପରିଚାଳନା କମିଟି ସଭାପତି ସୁଜାତା ମହାନ୍ତି ପ୍ରମୁଖ ଯୋଗଦେଇ କହିଲେ ବିଦ୍ୟାର୍ଥୀ, ଅଭିଭାବକ ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଉତମ ସମନ୍ୱୟ ହିଁ ବିଦ୍ୟାଳୟର ସାମଗ୍ରିକ ବିକାଶରେ ସହାୟକ ହୋଇଥାଏ ।

ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ଓଡ଼ିଶୀ, ସମ୍ବଲପୁରୀ, ବିହୁ, ଝୁମର ନୃତ୍ୟରେ ଝୁମିଲେ ଉପସ୍ଥିତ ଅଭିଭାବକ ଓ ଛାତ୍ରଛାତ୍ରୀ ବୃନ୍ଦ । ଏହି ଅବସରରେ ସୁଖଲତା ସ୍ମୃତି ସମ୍ମାନ - ଶ୍ରାବଣୀ ମାଲ, ସ୍ୱଚ୍ଛ ବିଦ୍ୟାର୍ଥୀ ସମ୍ମାନ ଭାଗ୍ୟଶ୍ରୀ ମିଶ୍ର, ସର୍ବାଧିକ ଉପସ୍ଥାନ ପାଇଁ ଜୟଶ୍ରୀ ଦଳାଇ ( ମାଧ୍ୟମିକ), ସାଇ ସାସମଲ ( ପ୍ରାଥମିକ), ସର୍ବଜୟୀ ଖେଳାଳି ସମ୍ମାନ ଗାଉଲ ସନ୍ଦିପ, ଛାତ୍ରୀ ଗାୟତ୍ରୀ ପୃଷ୍ଟିଙ୍କୁ ମଧ ସର୍ବଶ୍ରେଷ୍ଠ ଖେଳାଳି ଭାବେ ସମ୍ମାନିତ କରାଯାଇଥିଲା । ବିଷ୍ଣୁ ପ୍ରସାଦ ମହାନ୍ତିଙ୍କୁ ଉତ୍ତମ ଛାତ୍ର, ରାଧା ଗୋବିନ୍ଦ ଦାସଙ୍କୁ ଶୃଙ୍ଖଳିତ ଛାତ୍ର, ରୋହିତ କୁମାର ରାଉତଙ୍କୁ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରାରମ୍ଭରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦ୍ୱାରା ଜଗନ୍ନାଥ ଅଷ୍ଟକମ ଗାନ କରାଯାଇଥିଲା । ଅତିଥି ପରିଚୟ ସ୍ୱପ୍ନାରାଣୀ ହୋତା, ବରିଷ୍ଠ ଶିକ୍ଷୟିତ୍ରୀ ରଶ୍ମିତା ସାହୁ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷୟିତ୍ରୀ ପୁଷ୍ପା ରାଣୀ ପଣ୍ଡାଙ୍କ ନେତୃତ୍ୱରେ ସାଂସ୍କୃତିକ କାର୍ଯ୍ୟକ୍ରମ କୁନି କୁନି ଛାତ୍ରଛାତ୍ରୀଙ୍କ ପରିବେଷଣ କରାଯାଇଥିଲା । ଏଥି ସହ ବିଭିନ୍ନ ପ୍ରତିଯୋଗିତାର ପ୍ରତିଯୋଗୀମାନଙ୍କୁ ବରେଣ୍ୟ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା ।

ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଓ ସଦସ୍ୟା, ପଂଚସଖା ଶିକ୍ଷା ସେତୁ ସଦସ୍ୟ ସଦସ୍ୟା କାର୍ଯ୍ୟକ୍ରମ ସଫଳତାରେ ସହଯୋଗ କରିଥିଲେ। ଶେଷରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଧର୍ମେନ୍ଦ୍ର ହାନ୍ସଦା ଧନ୍ୟବାଦ ଅର୍ପଣ କରିଥିଲେ ।

# ନାଟକ ଉତ୍ସବ ଅବସରରେ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ବିଧାୟକଙ୍କ ଦ୍ୱାରା ସମ୍ବର୍ଦ୍ଧନା

ଧର୍ମଶାଳା, ୧/୨ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ କୋଟପୁର ପଂଚାୟତ ମମଦାବାଦ ଗ୍ରାମର ଠାକୁର ଘର ପରିସରରେ ପୂଜା କମିଟି ପକ୍ଷରୁ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦଘାଟନ କରିବା ସହ କୋଟପୁର ଫାଣ୍ଡି ଅଧିକାରୀ ପ୍ରେମାନନ୍ଦ ପୃଷ୍ଟିଙ୍କୁ ସେବା,ଶାନ୍ତି,ନ୍ୟାୟ ସଂମ୍ମାନ, ବୀର ଯବାନ ପ୍ରଫୁଲ୍ଲ କୁମାର ସାହୁ, ଶତ୍ରୁଘ୍ନ ମାହୁନ୍ତ, ଚିତରଞ୍ଜନ ସାହୁ ଓ ଉପେନ୍ଦ୍ର କୁମାର ମାହୁନ୍ତଙ୍କୁ ଗାଁ ମାଟି ଗୌରବ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ସରପଂଚ ସୁନାକର ବେହେରା, ସମିତି ସଭ୍ୟା ଝିଲ୍ଲୀରାଣୀ ମଲ୍ଲିକ, ବିଜେପି ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ତପନ କୁମାର ମାହୁନ୍ତ,୧୫ ନମ୍ବର ଜୋନର ମଣ୍ଡଳ ସଭାପତି ପ୍ରଶାନ୍ତ କୁମାର ନାୟକ, ନାଟ୍ୟକାର ଓ ନିର୍ଦ୍ଦେଶକ ଶାନ୍ତନୁ କୁମାର ଓଝାଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି କମିଟି ପକ୍ଷରୁ ବିଧାୟକ ଶ୍ରୀ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବାବା ବଜରଙ୍ଗବାଲି ଡ୍ରାମାଟିକ ଓ ଗ୍ରାମ କଳାକାରମାନଙ୍କ ଦ୍ୱାରା 'ଆଖି ତୁ କାନ୍ଦନା 'ନାଟକ ପରିବେଷଣ କରାଯାଇଥିଲା। କର୍ମକର୍ତ୍ତା ପ୍ରଦୀପ କୁମାର ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଇନ୍ଦ୍ରମଣି ଭୋଇ, ବିଚିତ୍ର କୁମାର ସାହୁ, ସତ୍ୟ ରଂଜନ ସାହୁ, ସତ୍ୟେ ଶୁଭରାଜ ସାହୁ, ଦୀନେଶ କୁମାର ସାହୁ, ଦୀପ୍ତି ରଞ୍ଜନ ସାହୁ, ଗୋବିନ୍ଦ ସାହୁ, ବିଶ୍ୱଜିତ ମାହୁନ୍ତ, ଆଶୁତୋଷ ମାହୁନ୍ତ ,ସୌମ୍ୟରଞ୍ଜନ ସାହୁ , ସ୍ମୃତିରଞ୍ଜନ ସାହୁ, ନୀଳମଣି ସାହୁ,ମନୋଜ ସାହୁ , ରଂଜନ କୁମାର ସାହୁ , ପ୍ରଦିପ କୁମାର ସାହୁ ପ୍ରମୁଖ କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ। ସଦସ୍ୟ ସନ୍ତୋଷ କୁମାର ଭୋଇ ଧନ୍ୟବାଦ ଦେଇଥିଲେ।

# ଗେଟୋଲାଇଭର ହେଲଥ କେୟାର ଓ ଗୌରାଙ୍ଗକୁଞ୍ଜ ଚାରିଟେବଲ୍ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ନିଶୁଳ୍କ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ

ଭୁବନେଶ୍ୱର, ୧/୨ (ନି.ପ୍ର): ଗେଟୋଲାଇଭର ହେଲଥ କେୟାର ଓ ଗୌରାଙ୍ଗକୁଞ୍ଜ ଚାରିଟେବଲ୍ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ଏକ ନିଶୁଳ୍କ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଗେଟୋଲାଇଭର ହେଲଥ କେୟାରର ନୂତନ ଭବନ ସାମ୍ନାରେ ଶନିବାର ଦିନ ଅସ୍ଥି ଖଣିଜ ଘନତ୍ୱ (ବି.ଏମ.ଡି) ସହିତ ସ୍ୱାସ୍ଥ୍ୟ ପରୀକ୍ଷା ଶିବିରରେ ଶହ ଶହ ସଂଖ୍ୟାରେ ଲୋକମାନେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ଆସିଥିଲେ । ଗେଟୋଲାଇଭର ହେଲଥ କେୟାରର ନିର୍ଦ୍ଦେଶକ ଡ଼. ପ୍ରଭଞ୍ଜନ ରାୟସମନ୍ତ, ଓ ଡ଼. ଅବକାଶ ଯାଦବ କହିଥିଲେ ଏହି ଅଞ୍ଚଳରେ ଯଦି ଏଭଳି ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜନ କରାଯିବା ସ୍ୱାଗତ ଯୋଗ୍ୟ । ଏହା ଦ୍ୱାରା ସ୍ଥାନୀୟ ଅଞ୍ଚଳର ଲୋକମାନେ ଉପକୃତ ହୋଇପାରିବେ ।




ଏହା ସହ ଲୋକମାନେ ଜାଣି ପାରନ୍ତି ନାହିଁ ତାଙ୍କ ଦେହରେ କ'ଣ ରହିଛି । ତେଣୁ ଏହି ଭଳି ସେବା ଶିବିର ଆୟୋଜନ କରି ଲୋକମାନେଙ୍କୁ ସ୍ୱାସ୍ଥ୍ୟ ହିଁ ସମ୍ପଦ ସମ୍ପର୍କରେ ସଚେତନ କରାଯାଇ ପାରିବ । ସ୍ୱାସ୍ଥ୍ୟ ସଚେତନତା ଉପରେ ଲୋକମାନେ ଗୁରୁତ୍ୱ ଦେଲେ ଭବିଷ୍ୟତରେ ସ୍ୱାସ୍ଥ୍ୟ ଖରାପ ହେବା ସମ୍ଭବନା କମ ରହିବ । ଏହି ଶିବିରରେ ଫିଜିଓଥେରାପିଷ୍ଟ ଡ଼. ଶ୍ୱାସତୀ ମିଶ୍ର , ଡ଼. ଅଙ୍କିତା ପ୍ରିୟା ସାହୁ, ଡ଼. ପ୍ରିୟବ୍ରତ ସାହୁ, ଡ଼. ସ୍ମୃତି ରଞ୍ଜନ ମଲ୍ଲିକ ପ୍ରମୁଖ ସ୍ୱାସ୍ଥ୍ୟ ପରିକ୍ଷା କରିବା ସହ ଆବଶ୍ୟକତା ଥିବା ରୋଗୀଙ୍କର ମାଗଣାରେ ଫିଜିଓଥେରାପିଷ୍ଟ କରିବାକୁ ପରାମର୍ଶ ଦେଇଥିଲେ । ଗେଟୋଲାଇଭର ହେଲଥ କେୟାର ପରିଚାଳକ ନିର୍ମାଲ୍ୟ କିରଣ ବାବୁ ସମଗ୍ର କାର୍ଯ୍ୟକ୍ରମର ସୁଚାରୁ ପରିଚାଳନା କରିଥିବା ବେଳେ ଫ୍ଲୋର ସୁପରଭାଇଜର ମଧୁସ୍ମିତା ଦାସ ଓ ନର୍ସ ସୁଭାଶ୍ରୀ ମହାପାତ୍ର ଏବଂ ଜ୍ୟୋସ୍ନା ଦିଗାଲ ତାଙ୍କୁ ପୂର୍ଣ୍ଣ ସହଯୋଗ କରିଥିଲେ । ଗେଟୋଲାଇଭର ହେଲଥ କେୟାରର ପକ୍ଷରୁ ଆଗାମୀ ଦିନରେ ମଧ ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ଦୃଷ୍ଟିରେ ରଖି ଏପରି ନିଶୁଳ୍କ ସ୍ୱାସ୍ଥ୍ୟ ସେବାମୂଳକ କାର୍ଯ୍ୟକ୍ରମ ନିରନ୍ତର ଭାବେ ଆୟୋଜନ କରାଯିବ।

# ଭୁବନରେ ବିଶାଳ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ

ଭୁବନ, ୧/୨ (ନି.ପ୍ର): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତାବ୍ଦୀ ବର୍ଷ ପୂର୍ତ୍ତି ଅବସରରେ ଭୁବନର ଆରାଧ ଦେବତା ବାବା ବୁଦ୍ଧେଶ୍ୱର ମନ୍ଦିର ପରିସରରେ ବିଶାଳ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଅଛି । ଖଣ୍ଡ ବ୍ୟବସ୍ଥା ପ୍ରମୁଖ ଜଗବନ୍ଧୁ ବିହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଜାପତି ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଦ୍ୟାଳୟ ଭୁବନ ଶାଖା ମୁଖ୍ୟ ବ୍ରହ୍ମା କୁମାରୀ ବିଜୟା, ମୁଖ୍ୟବକ୍ତା ଭାବେ ବିଶ୍ୱହିନ୍ଦୁ ପରିଷଦର ପୂର୍ବପ୍ରାନ୍ତ ସମ୍ପାଦକ ତଥା ପୁରୀ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ପଣ୍ଡିତ ମହେଶ ସାହୁ ଯୋଗଦେଇ ଧର୍ମ ଆଗ, ଜାତି ପଛ । ହିନ୍ଦୁ ମାନେ ଜାତି ପ୍ରଥା ଛାଡ଼ି ଏକଜୁଟ ହୋଇ କିପରି ଭାରତ ବର୍ଷକୁ ବିଶ୍ୱଗୁରୁ ଭାବେ ଗଢି ତୋଳିବେ ସେ ସଂପର୍କରେ ନିଜର ବିଚାର ରଖିଥିଲେ । ବର୍ତ୍ତମାନ ହିନ୍ଦୁ ମାନେ ଅନ୍ୟକୁ ମାରିବା ପାଇଁ ନୁହେଁ, ନିଜକୁ ବଂଚାଇବା ପାଇଁ ଗୋଟିଏ ହାତରେ ଶାସ୍ତ୍ର ଓ ଆଉ ଗୋଟିଏ ହାତରେ ଶସ୍ତ୍ର ଧରିବାକୁ ହେବ କାରଣ ହିନ୍ଦୁ ସମାଜ ଉପରେ ଅତ୍ୟାଚାର ସମୟ ପାଖେଇ ଆସିଲାଣି ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ବକ୍ତା ଭାବେ ପୁରୀ ଗୋବର୍ଦ୍ଧନ ପୀଠର ଆଦିତ୍ୟ ବାହିନୀ ଅଧକ୍ଷ ପଣ୍ଡିତ ମାତୃ ପ୍ରସାଦ ମିଶ୍ର ଯୋଗଦେଇ ସନାତନ ଧର୍ମ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥି ଭାବେ ଜିଲ୍ଲା ସଂଯୋଜକ ଦେବବ୍ରତ ପୃଷ୍ଟି, କାର୍ଯ୍ୟକ୍ରମ ସଂଯୋଜକ ହୃଦାନନ୍ଦ ବେହେରା, ସହ ସଂଯୋଜକ ରାମଚନ୍ଦ୍ର ରାଉତ, ନିରଞ୍ଜନ ଗୁରୁ, ଖଣ୍ଡ ସଂଘ ଚାଳକ ପ୍ରଭାତ କୁମାର ପଟ୍ଟନାୟକ ଓ ବିଭିନ୍ନ ଧାର୍ମିକ ଅନୁଷ୍ଠାନର ସାଧୁସନ୍ଥ ମାନେ ଯୋଗଦେଇ ହିନ୍ଦୁ ସମାଜ କିପରି ସଂଗଠିତ ହୋଇପାରିବେ ସେ ସମ୍ପର୍କରେ ନିଜ ନିଜର ମତ ପ୍ରକାଶ କରିଥଲେ । ସକାଳ ୮ଟା ସମୟରେ ରାମ ମନ୍ଦିର ଠାରୁ ଏକ କଳସ ଶୋଭାଯାତ୍ରା ଆରମ୍ଭ ହୋଇ ବୁଦ୍ଧେଶ୍ୱର ମନ୍ଦିରରେ ଶେଷ ହୋଇଥିଲା ଓ ଆର୍ଯ୍ୟ ସମାଜ ତରଫରୁ ମଳୟ ତ୍ରିପାଠୀଙ୍କ ଦ୍ୱାରା ବିଶ୍ୱ ଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଏହି ସଭାରେ ଭୁବନରୁ ପ୍ରାୟ ୧ ହଜାରରୁ ଅଧିକ ହିନ୍ଦୁ ଯୋଗ ଦେଇଥିଲେ ।

# ଶୁଣିଲାନି ପ୍ରଶାସନ: ରାସ୍ତା ନିର୍ମାଣ କଲେ ଗ୍ରାମବାସୀ

ଜୟପୁର, ୧/୨ (ନି.ପ୍ର): କୋରାପୁଟ ଜିଲ୍ଲର ବିଭିନ୍ନ ବ୍ଲକରେ ଆଜି ପର୍ଯ୍ୟନ୍ତ ଉପାନ୍ତ ଅଂଚଳବାସୀ ଅନେକ ସମସ୍ୟା ଦେଇ ଜୀବନ ଅତିବାହିତ କରୁଛନ୍ତି। କେଉଁଠି ରାସ୍ତା ଘାଟ ନାହିଁ ତ କେଉଁଠି ପାନୀୟ ଜଳ, ଆଉ କେଉଁଠି ଶିକ୍ଷା ବ୍ୟବସ୍ଥା ଆଜି ପର୍ଯ୍ୟନ୍ତ ସରକାରଙ୍କ ସୁବିଧା ଯେମିତି ଲୋକଙ୍କ ପାଖରେ ଅପହଂଚ। ଏଥିମଧ୍ୟରେ କୋରାପୁଟ ଜିଲ୍ଲାର ଗାନ୍ଧୀ ଭାବେ ପରିଚିତ ବୈପାରୀଗୁଡା ବ୍ଲକର ଶହୀଦ ଲକ୍ଷ୍ମଣ ନାୟକଙ୍କ ଜନ୍ମ ମାଟି ତେନ୍ତୁଳିଗୁମ୍ମା ପଂଚାୟତ ର ମଧୁପୁର ଗାଁ ରେ ଆଜି ପର୍ଯ୍ୟନ୍ତ ରାସ୍ତା ଖଣ୍ଡିଏ ନାହିଁ, ଯାହାଦ୍ୱାରା ଗ୍ରାମବାସୀ ଯାତାୟତ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗାଁରେ ରାସ୍ତା ନଥିବାରୁ ଯାତାୟତ ସମସ୍ୟାକୁ ନେଇ ପଂଚାୟତ କାର୍ଯ୍ୟାଳୟ ଠାରୁ ଏମିତିକି ବିଭାଗୀୟ ଅଧିକାରୀ ଓ ରାଜନେତାଙ୍କ ଲିଖିତ ଦୃଷ୍ଟି ଆକର୍ଷଣ କରିଥିଲେ ମଧ କୌଣସି ଫଳ ମିଳିଲା ନାହିଁ। ଗୋଟାଏ ପଟେ ସମସ୍ତେ କେବଳ ପ୍ରତିଶ୍ରୁତି ଦେଇଛନ୍ତି, କିନ୍ତୁ ଆଜି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହୋଇ ପାରିନାହିଁ। ଯାହାକୁ ନେଇ ଗାଁର ୧୨ ଘରରୁ ଉର୍ଦ୍ଧ୍ୱ ପରିବାରର ସମସ୍ତେ ଗ୍ରାମର ମହିଳା, ପୁରୁଷ ମିଶି କୋଡ଼ି କୋଦାଳ ଧରି ନିଜ ଖର୍ଚ୍ଚରେ ୨ କିଲୋମିଟର ରାସ୍ତା ନିର୍ମାଣ କରିଛନ୍ତି। ଅପରପକ୍ଷେ ବାରମ୍ବାର ଲିଖିତ ଅଭିଯୋଗ ପରେ ମଧ ବର୍ଷ ବର୍ଷ ଧରି କାର୍ଯ୍ୟ ହେଉ ନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହି ଘଟଣାକୁ ନେଇ ବୈପାରୀଗୁଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁବ୍ର ସାହୁଙ୍କୁ ପଚାରିବାରୁ ଅବଗତ ନଥିବା ଏବଂ ସମସ୍ୟାର ଅନୁଧ୍ୟାନ କରି ତୁରନ୍ତ ତାର ସମାଧାନ କରାଯିବ ବୋଲି କହିଛନ୍ତି। ରାସ୍ତା ନିର୍ମାରେ ଗାଁ ର ଗୁପ୍ତ ଦଳପତି,କମୁଲୁ ଭୂମିଆ, ସନୁ ଦଳପତି, ମାଧବ ଭୂମିଆ, ବିମ ସାଗରିଆ, ସନଧର ଭିମିଆ,ରାମ ଦଳପତି,ଗୁରୁ ଦଳପତି, ରବି ଦଳପତି ପ୍ରମୁଖ ଉପସ୍ଥିତ ଥିଲେ।

# ବଲାଙ୍ଗିର ଜିଲ୍ଲା କାର୍ଯ୍ୟକ୍ରମ ଅନ୍ତର୍ଗତ ସମ୍ପୂର୍ଣ୍ଣତା ଅଭିଯାନର ସମାରୋହ

ବଲାଙ୍ଗିର, ୧/୨ (ନି.ପ୍ର): ଭୀମ ଭୋଇ ମେଡିକାଲ କଲେଜ ଓ ହସପିଟାଲ ର ସମ୍ମିଳନୀ କକ୍ଷରେ ଆଜି ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ଅନ୍ତର୍ଗତ ସମ୍ପୂର୍ଣ୍ଣତା ଅଭିଯାନର ସମାରୋହ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପରିଷଦ ଅଧକ୍ଷା ଦେବକୀ ସାହୁ ଯୋଗଦେଇଥିଲେ । ଅନନ୍ୟ ଅତିଥି ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ତରଣୀ ସୁନା, ସାଂସଦ ପ୍ରତିନିଧି ଦିନେଶ ଶର୍ମା, ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ପରିବାର କଲ୍ୟାଣ ଅଧିକାରୀ ଡାଃ. ପୁଷ୍ପାଞ୍ଜଳି ମିଶ୍ର, ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ସୁଷୁମା ମହାପାତ୍ର, ଜିଲ୍ଲା କୃଷି ଅଧିକାରୀ ଧୀରେନ ସିଂ ବରିହା ପ୍ରମୁଖ ମଞ୍ଚାସୀନ ଥିଲେ । ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ସହିତ ଏହି ଅଭିଯାନ ଉତ୍ସବ ଆରମ୍ଭ ହୋଇଥିଲା । ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଏହି ଅଭିଯାନର ଗୁରୁତ୍ୱ ଏବଂ ଏହାର ସଫଳତା ଉପରେ ଆଲୋକପାତ କରିଥିଲେ । ମୁଖ୍ୟ ଅତିଥି ଶ୍ରୀମତୀ ସାହୁ ନିଜର ଅଭିଭାଷଣରେ ଅଙ୍ଗନଓ୍ୱାଡି ଏବଂ ଆଶା କର୍ମୀଙ୍କ ପରି ଆଗଧାଡ଼ିର କର୍ମୀଙ୍କ ଉଦ୍ୟମ ବଳରେ ଏହି ଉନ୍ନତିମୂଳକ କାର୍ଯ୍ୟଗୁଡ଼ିକ ଆଗେଇ ଯାଉଥିବାରୁ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ପ୍ରଶଂସା କରିଥିଲେ । ଜାତୀୟ ସ୍ତରରେ ବଲାଙ୍ଗିର ଜିଲ୍ଲାର ରାଙ୍କିଙ୍ଗରେ ଉନ୍ନତି ଆଣିବା ପାଇଁ ନିରନ୍ତର ପ୍ରୟାସ ଉପରେ ଗୁରୁତ୍ୱ ଦେଇ ସ୍ୱାସ୍ଥ୍ୟ, ପୁଷ୍ଟିସାଧନ, ଶିକ୍ଷା ଏବଂ କୃଷି କ୍ଷେତ୍ରରେ ପୂର୍ଣ୍ଣ ପରିପୂର୍ଣ୍ଣତା ହାସଲ କରିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଶିଶୁ ମାନଙ୍କର ଶିକ୍ଷା, ଦିକ୍ଷା, ଓ ସ୍ୱାସ୍ଥ୍ୟ ସେବାରେ ଉନ୍ନତି, ଶିଶୁମାନଙ୍କ ପରିଷ୍କାର ପରିଚ୍ଛନ୍ନତା ଉପରେ ବିଶେଷ ଧ୍ୟାନ ଦେବା, ପୋଷଣ ଅଭିଯାନ ଅଧୀନରେ ଅପପୁଷ୍ଟି ହ୍ରାସ ଏବଂ ଶିଶୁ ଟୀକାକରଣ ସହ ବିଭିନ୍ନ ସଚେତନତା ଓ ଜନସହଭାଗିତା ଆଦି କାର୍ଯ୍ୟକ୍ରମ ବ୍ୟାପକ ଭାବେ ଆୟୋଜନ କରିବାକୁ ସଭାପତିତ୍ୱ ଅଭିଭାଷଣରେ ଜିଲ୍ଲାପାଳ ଉପସ୍ଥିତ ଅଙ୍ଗନଓ୍ୱାଡି ଏବଂ ଆଶା କର୍ମୀଙ୍କୁ ପରାମର୍ଶ ଦେଇଥିଲେ । ଆମ ସମସ୍ତଙ୍କର ମିଳିତ ଚେଷ୍ଟା ଦ୍ୱାରା ବଲାଙ୍ଗିରକୁ ଆକାଂକ୍ଷୀ ଜିଲ୍ଲାରୁ ଏକ ବିକଶିତ ଜିଲ୍ଲା ଭାବେ ପରିଣତ କରିପାରିବା ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ । ଏହି ଉତ୍ସବ ପାଇଁ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଏକ ନୁକଡନାଟକ ଦ୍ୱାରା ଲୋକଙ୍କୁ ସଚେତନ କରାଯାଇଥିଲା । କାର୍ଯ୍ୟକ୍ରମରେ ଅଙ୍ଗନଓ୍ୱାଡି, ଆଶା କର୍ମୀ, ସ୍ୱଚ୍ଛ ସାଥୀ ଓ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ । ଏହି ଅବସରରେ ସକାଳେ ସ୍ଥାନୀୟ କୋଶଳ କଳା ମଣ୍ଡଳ ଠାରୁ ଏକ ସଚେତନତା ରାଲି ବାହାରି ସହର ପରିକ୍ରମା କରିଥିଲା । ଏଥିରେ ଜିଲ୍ଲାସ୍ତରୀୟ ଅଧିକାରୀ, ପୌରପରିଷଦର କର୍ମଚାରୀ ବୃନ୍ଦ ଅଂଶ ଗ୍ରହଣ କରିଥିଲେ ।

# ରାମେଶ୍ୱରପୁର ଗେଙ୍ଗୁଟି ନଦୀବନ୍ଧ ସୁରକ୍ଷା କାର୍ଯ୍ୟରେ ବ୍ୟାପକ ଅନିୟମିତତା ଅଭିଯୋଗ

ଭଦ୍ରକ, ୧/୨ (ନି.ପ୍ର): ଏହି ଜିଲାର ଧାମନଗର ବ୍ଲକ ଅନ୍ତର୍ଗତ ଦଳାଙ୍ଗ ପଂଚାୟତର ରାମେଶ୍ୱରପୁର ଗୋଖାସାହୀ ଠାରେ ଚାଲିଥିବା ଗେଙ୍ଗୁଟି ନଦୀବନ୍ଧ ସୁରକ୍ଷା କାର୍ଯ୍ୟକୁ ନେଇ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଜଳ ସମ୍ପଦ ବିଭାଗ ପକ୍ଷରୁ ପ୍ରାୟ ୩୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି କାର୍ଯ୍ୟ ଆରମ୍ଭ ହୋଇଥିଲେ ହେଁ ଏଥିରେ ବ୍ୟାପକ ଅନିୟମିତତା ହେଉଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ନଭେମ୍ବର ୨୨, ୨୦୨୫ ରିଖରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଏହି ପ୍ରକଳ୍ପର ଶିଳାନ୍ୟାସ ହୋଇଥିଲା। ଦୀର୍ଘ ଦିନ ବିତିଯାଇଥିଲେ ସେପରି ଆଖି ଦୃଶିଆ କାମ ହୋଇନାହିଁ। କାର୍ଯ୍ୟ ଅତ୍ୟନ୍ତ ମନ୍ଥର ଗତିରେ ଚାଲିଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି କାର୍ଯ୍ୟ ସ୍ଥଳରେ କୌଣସି ବିଭାଗୀୟ ଅଧିକାରୀ ଉପସ୍ଥିତ ରହୁନାହାନ୍ତି। ଫଳରେ ନିର୍ମାଣ କାର୍ଯ୍ୟର ମାନ ଓ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।ସୂଚନା ଥାଉକି ପୂର୍ବରୁ ପ୍ରତିବର୍ଷ ମରାମତି ନାମରେ ଏହି ସ୍ଥାନରେ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ ହୋଇଛି। ଏବେ ପୁଣି ଥରେ ନୂତନ କାର୍ଯ୍ୟରେ ସେହି ସମାନ ଢଙ୍ଗରେ କାର୍ଯ୍ୟ ହେଉଥିବାରୁ ଲୋକେ ଆଶଙ୍କାରେ ରହିଛନ୍ତି। ବନ୍ଧର ସୁରକ୍ଷା ଯଦି ଠିକ୍ ଭାବେ ନହୁଏ, ତେବେ ଆଗାମୀ ବର୍ଷା ଦିନେ ଏହା ଗ୍ରାମବାସୀଙ୍କ ପାଇଁ ବିପଦ ସାଜିବ।ନଦୀବନ୍ଧ ସୁରକ୍ଷା କାର୍ଯ୍ୟରେ ସ୍ୱଚ୍ଛତା ଆଣିବା ସହ ଉଚ୍ଚପଦସ୍ଥ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକୁ ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ଅଂଚଳ ବାସୀ ଦାବି କରିଛନ୍ତି। ସୂଚନା ଥାଉକି ଉକ୍ତ ଅଂଚଳ ଏକ ବନ୍ୟାଂଚଳ । ପ୍ରତି ବର୍ଷ ବନ୍ୟା ଆସି ଉକ୍ତ ଅଂଚଳରେ ବ୍ୟାପକ କ୍ଷତି କରେ। ଏହି ନଦୀ ବନ୍ଧରେ ଫାଟ ସୃଷ୍ଟି ହେବା ସହ ବନ୍ଧ ମଧ ଧସି ଥାଏ। ଏ ନେଇ ସ୍ଥାନୀୟ ଅଂଚଳର ଲୋକମାନେ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କୁ ଦାବି କରି ସମସ୍ୟା ବିଷୟରେ ଜଣାଇବା ପରେ ମନ୍ତ୍ରୀଙ୍କ ଉଦ୍ୟମରେ ସେଠାରେ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ।

# ମୟୂରଭଞ୍ଜ ପୁସ୍ତକମେଳାର ଉଦ୍‌ଯାପନ ସମାରୋହ



ମୟୂରଭଂଜ, ୧/୨ (ନି.ପ୍ର): ସମ୍ପ୍ରତି କାଳଖଣ୍ଡର ଯୁବସମାଜ ତଥା ଛାତ୍ରଛାତ୍ରୀଙ୍କୁ ପଠନପ୍ରିୟ ଓ ପୁସ୍ତକ ଅନୁରାଗୀ ବନ୍ଧୁଭାବେ ଗଢି ତୋଳିବା ଲକ୍ଷ୍ୟ ନେଇ ପ୍ରବୀଣ ଶିକ୍ଷାଗୁରୁ ଡଃ. ସୁଶାନ୍ତ କୁମାର ବଶାଙ୍କ ପୌରୋହିତ୍ୟ ଏବଂ ମୁଖ୍ୟ ଅତିଥି ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ସେବାନିବୃତ୍ତ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ବୀଣାପାଣି ପଣ୍ଡା, ମୁଖ୍ୟବକ୍ତା ପୂର୍ଣ୍ଣଚନ୍ଦ୍ର ହାୟର୍ ସେକେଣ୍ଡାରୀ ସ୍କୁଲର ଅଧାପନା ପ୍ରମୁଖ ଅଧାପକ ଡ଼ଃ ଆଦର୍ଶ ଶତପଥୀ ତଥା ସମ୍ମାନିତ ଅତିଥି ବର୍ଷୀୟାନ ପ୍ରାକ୍ତନ ଶିକ୍ଷକ ଶ୍ରୀ ନରସିଂହ ବାରିକ ଯୋଗଦାନ ପୂର୍ବକ ପ୍ରସ୍ତୁତ ହୋଇଥିବା କାର୍ଯ୍ୟକ୍ରମ ପରଦିନ ହର୍ଷ ଉଲ୍ଲାସ ମଧରେ ସରକାରଙ୍କ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଆୟୋଜିତ ପୁସ୍ତକ ମହୋତ୍ସବ ଦ୍ୱାଦଶ ମୟୂରଭଞ୍ଜ ପୁସ୍ତକ ମେଳାର ଉଦଦ୍‌ଯାପନ ସମାରୋହ ୩୧ ଜାନୁଆରୀ ୨୦୨୬ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ପୁସ୍ତକ ମେଳା ସଭାପତି ପଦ୍ମନାଭ ସାହୁ ପୌରୋହିତ୍ୟ କରିଥିବା ବେଳେ ଜିଲ୍ଲାର ଜନପ୍ରିୟ ପ୍ରଶାସନିକ ଅଧିକାରୀ ଉପଜିଲ୍ଲାପାଳ ବିଶିଷ୍ଟ କବି ଓ ବାଗ୍ମୀ ଡଃ ଦୟାସିନ୍ଧୁ ପରିଡ଼ା ମୁଖ୍ୟ ଅତିଥି, ମାସିକ ଓଡିଆ ସାହିତ୍ୟ ପତ୍ରିକା ଯୁଗଶ୍ରୀ ଯୁଗନାରୀ ସମ୍ପାଦିକା ଓ ସମାଜସେବୀ ଶ୍ରୀମତୀ ମମତା ମହାପାତ୍ର ମୁଖ୍ୟବକ୍ତା ଏବଂ ମୟୂରଭଞ୍ଜ ମାଟିର ସୁକନ୍ୟା ପୂର୍ବତନ ରାଜ୍ୟ ସୂଚନା କମିଶନର ଆଇନଜ୍ଞ ଶ୍ରୀମତୀ ଶଶିପ୍ରଭା ବିନ୍ଧାଣୀ ସ୍ୱତନ୍ତ୍ର ସମ୍ମାନିତ ଅତିଥି ଭାବେ ଯୋଗଦାନ ପୂର୍ବକ ସଭାରେ ଉଦବୋଧନ ଦେଇ କହିଥିଲେ, ସମାଜରେ ପୁସ୍ତକ ପ୍ରତି ଜନସାଧାରଣଙ୍କ ଆଗ୍ରହ ଓ ଅନୁରକ୍ତି ବୃଦ୍ଧି ନିମନ୍ତେ ଏବଂ ଆଗାମୀ ପୀଢ଼ି ଭିତରେ ପାଠକୀୟତା ଉଜାଗର ପାଇଁ ମୟୂରଭଞ୍ଜ ପୁସ୍ତକ ମେଳାର ଦୀର୍ଘବର୍ଷ ହେଲା ଉଦ୍ୟମ ଜାରି ରଖିବା ନିଶ୍ଚିତ ପ୍ରଶଂସନୀୟ ଏବଂ ଏଭଳି ବୌଦ୍ଧିକ ଉଦ୍ୟମ ଆଗକୁ ମଧ ଜାରି ରହିବା ଏକାନ୍ତ ପ୍ରୟୋଜନ ବୋଲି ବକ୍ତବ୍ୟ ମାଧ୍ୟମରେ ପରାମର୍ଶ ଦେଇଥିଲେ। ସମ୍ପାଦକ ଇଂ. ମନୋଜ କୁମାର ଦଳବେହେରା ମହୋତ୍ସବ ଆୟୋଜନ ଓ ପରିଚାଳନାରେ ଜିଲ୍ଲା ପ୍ରଶାସନଙ୍କ ସକାରାତ୍ମକ ମନୋଭାବ ସମ୍ବନ୍ଧରେ ନିଜ ସଂକ୍ଷିପ୍ତ ବକ୍ତବ୍ୟରେ ପ୍ରକାଶ କରି ରାଜ୍ୟ ତଥା ଜିଲ୍ଲା ପ୍ରଶାସନଙ୍କୁ କୃତଜ୍ଞତା ଜଣାଇଥିଲେ। ସମାରୋହରେ ସର୍ବଶ୍ରୀ ଶ୍ରୀମତୀ ଲକ୍ଷ୍ମୀ ଚାନ୍ଦ ଭୁବନେଶ୍ୱର 'ଉପନ୍ୟାସ', ଡଃ ଦେବାଶିଷ ପାତ୍ର ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ 'ଗଳ୍ପ', ସୁଜିତ କୁମାର ଶତପଥୀ ବଲାଙ୍ଗୀର 'କବିତା' ଓ ଶ୍ରୀମତୀ ସ୍ନିଗ୍ଧା ନାୟକ ଝାରସୁଗୁଡ଼ା 'ଶିଶୁ ସାହିତ୍ୟ' ରେ ଅତିଥିମାନଙ୍କ ଠାରୁ ଚଳିତବର୍ଷର 'ମୟୂରଭଞ୍ଜ ପୁସ୍ତକ ମେଳା ସାରସ୍ୱତ ପୁରସ୍କାର' ଗ୍ରହଣ କରିଥିବା ବେଳେ ମାଟିର କୃତୀ ପ୍ରତିଭା ଇଂ. ସୁଶାନ୍ତ କୁମାର ବେହେରା 'ବିତନୁ ନାୟକ ସ୍ମୃତି ସମ୍ମାନ' ଅତିଥିଙ୍କ ଅମୃତ ହସ୍ତରୁ ଲାଭ କରିଥିଲେ। ସମ୍ବର୍ଦ୍ଧନା ପତ୍ର ପାଠ କରିଥିଲେ ସଦସ୍ୟ/ସଦସ୍ୟା ଡ.ଗାୟତ୍ରୀ ଦେ, ଶଙ୍କର ଜେନା, ଗୋପାଳ ସାଓ, ଜୟଶ୍ରୀ ଜେନା ଓ ରାଜଲକ୍ଷ୍ମୀ ତ୍ରିପାଠୀ। ପୁଷ୍ପଗୁଚ୍ଛ ସଲ୍ ଉତ୍ତରୀୟ ଏବଂ ସ୍ମୃତି ଫଳକ ପ୍ରଦାନରେ ସହାୟତା କରିଥିଲେ ବରିଷ୍ଠ ସଦସ୍ୟା ସୁସ୍ମିତା ଘୋଷାଲ, ସଂଯୁକ୍ତା ଚାନ୍ଦ ଓ ସୁପ୍ରୀତି ଦଳବେହେରା। ଏତଦବ୍ୟତୀତ ମେଳା ଦିନମାନଙ୍କରେ ଛାତ୍ରଛାତ୍ରୀ, ମା'ମାଉସୀ ମହିଳାବର୍ଗ ତଥା ଅଭିଭାବକଙ୍କ ଅଂଶଗ୍ରହଣରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତା ଯଥା - ଚିତ୍ରାଙ୍କନ, ବକ୍ତୃତା, କୁଇଜ୍, ଫେନସି ଡ୍ରେସ୍, ଏକକ ଅଭିନୟ, ଶଙ୍ଖ ଓ ହୁଳହୁଳି, ପ୍ରବନ୍ଧ,ଗଳ୍ପ ଲିଖନ, ଦେଶାତ୍ମବୋଧକ/ଭଜନ, ଗୀତାଶ୍ଳୋକ ଆବୃତ୍ତି, ପାରମ୍ପରିକ/ଲୋକନୃତ୍ୟ, ଲକ୍ଷ୍ମୀପୁରାଣ ପାଠ, ଶାସ୍ତ୍ରୀୟ ନୃତ୍ୟ, କବିତା ଲିଖନ, ପିଠା ପ୍ରସ୍ତୁତି ଆଦିର ଅନୁନ୍ୟ ପ୍ରାୟ ୮୦ରୁ ଉର୍ଦ୍ଧ୍ୱ କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ଟ୍ରଫି, ପ୍ରମାଣପତ୍ର ପୁରସ୍କାର ଦେଇଥିଲେ। ମଞ୍ଚ ଆମନ୍ତ୍ରଣ ଓ ପରିଚୟ ପ୍ରଦାନ କରିଥିଲେ କବୀ ଓ ଅଧିବକ୍ତା ଶ୍ରୀମତୀ ପାର୍ବତୀ ବାରିକ। ଧନ୍ୟବାଦ ଦେଇଥିଲେ ସାଧାରଣ ସମ୍ପାଦକ। କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ସଭ୍ୟ/ସଭ୍ୟା ସର୍ବଶ୍ରୀ ଅଧାପକ ସମରେନ୍ଦ୍ର ବଶା, ସନ୍ଦୀପ କୁମାର ଚାନ୍ଦ, ଡ.ଶଶିଧର ବିଶ୍ୱାଳ, ଶିଉଲାଲ ମହାନ୍ତ, କାବେରୀ ମିଶ୍ର, ଜ୍ୟୋତିର୍ମୟୀ କବାଟ, ବାସନ୍ତୀ ଲତା ମହାପାତ୍ର, ସ୍ନେହଲତା ନାୟକ, ସ୍ୱପ୍ନା ଦଣ୍ଡପାଟ, ପ୍ରଦୀପ କୁମାର ଭୂୟାଁ, ଜଗନ୍ନାଥ ସାହୁ, ଅଜିତ କୁମାର ପାଣିଗ୍ରାହୀ, ବରିଷ୍ଠ ସଦସ୍ୟା ଶ୍ରୀମତୀ ବିରଜା ଦେବୀ, ଅଚ୍ୟୁତ ମହାପାତ୍ର, ଦୀପକ କୁମାର ଦଣ୍ଡପାଟ, ଡ.ସଞ୍ଜୀବ କୁମାର ପାଣିଗ୍ରାହୀ, ବନମାଳୀ ପାତ୍ର, ଅଜିତ କୁମାର କବାଟ ଓ କୈବଲ୍ୟ ପ୍ରସାଦ ମହାପାତ୍ର ପ୍ରମୁଖ।

## ଲୁଧିଆନା ଉଈଣ୍ଡା ସେଲ ପକ୍ଷରୁ ଲଟାରି ଉଠାଣ କାର୍ଯ୍ୟକ୍ରମ

ବାଲିଆପାଳ, ୧/୨ (ନି.ପ୍ର): ବାଲିଆପାଳ ବ୍ଲକ ଛକ ଠାରେ ଲୁଧିଆନା ଉଣ୍ଡାର ସେଲ ପକ୍ଷରୁ ୯୦ ଦିନ ଧରି ଚାଲିଥିବା ୫୦୦ ଟଙ୍କାରୁ ଉର୍ଦ୍ଧ୍ୱ ସେଲର ଲଟାରି ଉଠାଣ କାର୍ଯ୍ୟକ୍ରମ ଅତିଥି ଓ ଗ୍ରାହକଙ୍କ ଗହଣରେ ଅନୁଷ୍ଠିତ ହୋଇଛି। ଲୁଧିଆନା ଉଣ୍ଡାର ସେଲ ପକ୍ଷରୁ ଶୀତଦିନ ପାଇଁ ବିଭିନ୍ନ ପ୍ରକାରର ଶୀତ ବସ୍ତ୍ର କିଣା କିଣି କଲେ ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ଲକି ଡ୍ରୋ ବ୍ୟବସ୍ଥା କରାଯାଇଥିଲା। ଏହି ଲଟାରି ଉଠାଣ କାର୍ଯ୍ୟକ୍ରମରେ ବାଲିଆପାଳ ଥାନା ଅଧିକାରୀ ସାଲଖାନ ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଥମ ଭାଗ୍ୟଶାଳୀ ବିଜେତା ବେତଗଡିଆ ଗ୍ରାମର ପ୍ରଭାତୀ ବାରିକଙ୍କୁ ଇଲେକ୍ଟ୍ରି ସ୍କୁଟି ଉପହାର ପ୍ରଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସମାଜସେବୀ କାହ୍ନୁଚରଣ ଚରଣ ପ୍ରମାଣିତ,ରାମ ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।ସେଲ୍ର ପରିଚାଳକ ଶିବ କୃଷ୍ଣ ପ୍ରମାଣିକଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଲକି ଡ୍ରୋରେ ଦ୍ୱିତୀୟ ଉପହାର ନିମନ୍ତେ ୪୦ ଜଣ, ତୃତୀୟ ଉପହାର ପାଇଁ ୧୨୪ ବିଜେତା ହୋଇପାରିଛନ୍ତି। ପଦ୍ମିନୀ ବାରିକ ଙ୍କୁ ଶ୍ରେଷ୍ଠ ସେଲମ୍ୟାନ ଭାବରେ ସମ୍ମାନିତ କରାଯାଇଛି।

## ପେଟ ଓ ପରିବାରରେ ସୀମିତ ସମାଜ ସଂସ୍କାରକ ନୁହେଁ

ବାରିପଦା, ୧/୨ (ନି.ପ୍ର): ସ୍ଥାନୀୟ ଗୋପବନ୍ଧୁ ଭବନ ଠାରେ ପୂର୍ଣ୍ଣମା ତିଥିରେ ସଦ୍‌ଭାବନା ସମିତିର ଦେଶରେ ନିଆରା ୫୬୦ତମ ମାସିକ ସନ୍ଥ ଦିବସ ସଦସ୍ୟ ସନ୍ଦୀପ କୁମାର ଚାନ୍ଦଙ୍କ ପୌରହିତ୍ୟରେ ପାଳିତ ହୋଇଯାଇଛି । ଏ ମାସରେ ଆବିର୍ଭାବ ସ୍ୱାମୀ ଦୟାନନ୍ଦ ସରସ୍ୱତୀ, ରାମକୃଷ୍ଣ ପରମହଂସଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ସନ୍ଥବାଣୀ 'ପେଟପାଟଣା ଓ ପରିବାରରେ ସୀମିତ ନରହି, ମୁଁ ଭଲ ହେଲେ ସମାଜରୁ ଜଣେ ଅପରାଧ ସଂଖ୍ୟା କମିଯିବ' ଏ ମାସର ଆଲୋଚନା ପ୍ରସଙ୍ଗ ରଖାଯାଇଥିଲା। ସମିତିର ପ୍ରତିଷ୍ଠାତା ଧର୍ମରତ୍ନ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ସଂଗଠନ ନାମରେ ଆତ୍ମପ୍ରଚାରର ବିଷାକ୍ତ ପ୍ରତିଯୋଗିତା ସମାଜ ସଂସ୍କାର ନୁହେଁ ମନ୍ତବ୍ୟ ରଖିଥିଲେ । ଆଲୋଚନାରେ ଡ. ବିଜୟ କୁମାର ଅଗରୱାଲା, ସାମ୍ବାଦିକ ସୁକାନ୍ତ ଜୀଉ, ବ୍ରହ୍ମ କୁମାରୀ ଭଉଣୀ ମାମୁନି, ଡ ରାଜେନ୍ଦ୍ର ସାମଲ, ଡ ଶଶୀଧର ବିଶ୍ୱାଳ, ହିମାଂଶୁ କୁମାର ଦାସ, ଦାମୋଦର ପତି, ପଣ୍ଡିତ ଭାଗବତ ପଣ୍ଡା, ସୁଶାନ୍ତ କୁମାର ବେହେରା, ଅଜିତ କୁମାର କବାଟ, ନନ୍ଦ କୁମାର ମହାପାତ୍ର, ପ୍ରଧାପକ ଅବନୀ କୁମାର କୁଣ୍ଡୁ ଓ ନରସିଂହ ବାରିକ ପ୍ରମୁଖ ଏବେ ସିଦ୍ଧି ନଥାଇ ଭୋଗବାଦର ବାଲିସ୍ତୁପ ତଳେ ଧର୍ମସୌଦାଗର ମାନଙ୍କ ପ୍ରବଚନ ପ୍ରଭାବ ଶୂନ୍ୟ ବୋଲି ବକ୍ତବ୍ୟ ରଖିଥିଲେ । ସମ୍ପାଦକ ମାନସ ରଞ୍ଜନ ମହାପାତ୍ର ସ୍ୱାଗତ ଓ ସାମ୍ବାଦିକ ସତ୍ୟାନନ୍ଦ ଶେଜପଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଶ୍ରୀଜଗନ୍ନାଥ ପବ୍ଲିକ ସ୍କୁଲ୍‌ର ପଞ୍ଚଦଶ ବାର୍ଷିକ ଉତ୍ସବ
### ଶିକ୍ଷାଦାନରେ ଶୈଶବର ମୌଳିକ ଅଧିକାର ଆବଶ୍ୟକ



ବାଲେଶ୍ୱର, ୧/୨ (ନି.ପ୍ର): ସିନ୍ଦୂରୀସ୍ଥିତ ଶ୍ରୀଜଗନ୍ନାଥ ପବ୍ଲିକ୍ ସ୍କୁଲ୍‌ର ପଞ୍ଚଦଶ ବାର୍ଷିକ ଉତ୍ସବ ଶନିବାର ସନ୍ଧ୍ୟାରେ ସ୍କୁଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବରେ 'ସମ୍ବାଦ' ଉତ୍ତର ଓଡ଼ିଶା ସଂସ୍କରଣ ମୁଖ୍ୟ ଚିତ୍ତରଂଜନ ଚିରଞ୍ଜିତ୍ ଯୋଗ ଦେଇ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ସହିତ ପ୍ରତିବଦ୍ଧତା ଓ ସୃଜନଶୀଳତାକୁ ଅଧିକ ଗୁରୁତ୍ୱ ଦେବାକୁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ସୁସାହିତ୍ୟିକ ତଥା କବି ପ୍ରଶାନ୍ତ ଦାସ ଯୋଗଦେଇ କହିଥିଲେ, ଶିଶୁମାନେ ଏକ ସ୍ୱପ୍ନିଳ ଦୁନିଆରେ ବଞ୍ଚିବାକୁ ଚାହାନ୍ତି। କଳ୍ପନା, ଭାବନା ଓ ଅନୁଭବମାନ ଶିଶୁର ସୃଜନାତ୍ମକ ବିକାଶ କରିଥାଏ। ଶୈଶବର ମୌଳିକ ଅଧିକାରକୁ ସମ୍ମାନ ଜଣାଇ ସେମାନଙ୍କୁ ସହଯୋଗ କରିବାର ଆବଶ୍ୟକତା ରହିଛି। ଅନ୍ୟତମ ଅତିଥି ଭାବରେ ସହକାରୀ ବ୍ଲକ୍ ଶିକ୍ଷାଧିକାରୀ ଶୁଭେନ୍ଦୁ କୁମାର ତ୍ରିପାଠୀ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ଗଠନ କରିବାରେ ଅଭିଭାବକ ତଥା ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ଅନୁଷ୍ଠାନର ଉପସଭାପତି କବି ଶ୍ରୀଦେବ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିବା ବେଳେ ପ୍ରତିଷ୍ଠାତା ଭାସ୍କରଚନ୍ଦ୍ର ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। ସଂପାଦିକା ଜୟନ୍ତୀ ପାଣିଗ୍ରାହୀ ସ୍କୁଲ୍‌ର ବାର୍ଷିକ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମଞ୍ଚାସୀନ ଥିବାବେଳେ ସ୍କୁଲ୍‌ର ଅଧକ୍ଷା ସରୋଜିନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥିମାନଙ୍କ ବକ୍ତବ୍ୟ ଶେଷରେ ନୃତ୍ୟଗୁରୁ ଅଭୟ ସାହୁ ଓ ସଂଗୀତ ଗୁରୁ ସତ୍ୟରଂଜନ ମହାନ୍ତିଙ୍କ ପରିଚାଳନାରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଚମକପ୍ରଦ ସଂଗୀତ ପରିବେଷଣ ହୋଇଥିବାବେଳେ ନାଟିକା 'ବାଜିରାଉତ' ଦର୍ଶକମାନଙ୍କୁ ମୁଗ୍ଧ କରିଥିଲା। ଉପାଧ୍ୟକ୍ଷ ସନ୍ତୋଷତ୍ରୁମାର ପଣ୍ଡା, ଶିକ୍ଷକ ରଜତ ଦାସ ଅଧିକାରୀ, ଏଚ୍‌ଏଚ୍ ଶ୍ରୀରାମ ଓ ସସ୍ମିତା ଆଚାର୍ଯ୍ୟ, ଜୀ ସାହିନ୍, ଅଜୟ ପ୍ରଧାନ, ପ୍ରିୟଙ୍କା ବେହେରା ନାହିଦ୍ ସୁଲତାନା, ଭାଗ୍ୟଲକ୍ଷ୍ମୀ ବେହେରା, ମୋନାଲିସା ପଣ୍ଡା, ଜୟନ୍ତୀ ଦାଶ, ପ୍ରଣିତା ଅଗସ୍ତି, ଆଫିନ୍ କାଦ୍ରି, ଅମିତା ସାହା, ଅଭିମନ୍ୟୁ ପ୍ରଧାନ, ସୁବଳ କୁମାର ଦାସ, ଜ୍ଞାନ ପ୍ରକାଶ ପାଣିଗ୍ରାହୀଙ୍କ ସମେତ ସ୍କୁଲ୍‌ର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ।

## ପ୍ରଶାନ୍ତ ମହାନ୍ତିଙ୍କର ପ୍ରଥମ ଶ୍ରାଦ୍ଧ ବାର୍ଷିକୀ, ସ୍ମୃତି ଚାରଣ ସଭା ଓ ପୁସ୍ତକ ଉନ୍ମୋଚନ



ବାଲିଆପାଳ, ୧/୨ (ନି.ପ୍ର): କବି ମରେ ସିନା କବିତା ମରେନି, କବିତାର ମୃତ୍ୟୁ ନାହିଁ, ପାଠକର ହୃଦୟରେ ଚିର ଅମର ସେ । କବି ମରି ମରେ ନାହିଁ। କବି ସମାଜରେ ସଚେତନତା ସୃଷ୍ଟି କରିବା ସହିତ ସମାଜକୁ ଦିଗଦର୍ଶନ ଦେବାରେ ମୁଖ୍ୟ ଭୂମିକା ଲିଭାଇ ପାରେ । ପୁସ୍ତକର ସ୍ଥାନ କେହି ନେଇପାରେ ନାହିଁ। ମୋବାଇଲର ବହୁଳ ବ୍ୟବହାର ଭିତରେ ପୁସ୍ତକ ପଢ଼ିବାର ଆଗ୍ରହ କମି କମି ଯାଉଛି ବୋଲି ରବିବାର ବସ୍ତା ବ୍ଲକ୍ ଅନ୍ତର୍ଗତ ଗୁହାଳିପଦା ଗ୍ରାମରେ ସ୍ୱର୍ଗତ ସୁସାହିତ୍ୟିକ ପ୍ରଶାନ୍ତ କୁମାର ମହାନ୍ତିଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀରେ ସ୍ମୃତି ଚାରଣ ସଭା ଏବଂ ପୁସ୍ତକ ଉନ୍ମୋଚନ ଅବସରରେ ଅତିଥି ମାନେ ଉପରୋକ୍ତ ମତବ୍ୟକ୍ତ କରିଥିଲେ। ସମାଜସେବୀ ଜୟନ୍ତ କୁମାର ମିଶ୍ରଙ୍କ ଅଧକ୍ଷତାରେ ଉଦଘାଟକ ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜୁଲତା ଦାଶ, ମୁଖ୍ୟ ଅତିଥି ଡ଼ ଶ୍ରୀକାନ୍ତ ଚରଣ ପାତ୍ର, ମୁଖ୍ୟ ବକ୍ତା ସୁସାହିତ୍ୟିକ ଡ଼ କାଳିପଦ ପଣ୍ଡା, ସମ୍ମାନିତ ଅତିଥି ପ୍ରାକ୍ତନ ଶିକ୍ଷାବିତ ରମେଶ ନାୟକ, ଅଧାପକ ନିରଞ୍ଜନ ବେହେରା ପ୍ରମୁଖ ଯୋଗଦେଇ ଥିଲେ। ଏହି ଅବସରରେ ସ୍ୱର୍ଗତ ମହାନ୍ତିଙ୍କର 'ପ୍ରଶାନ୍ତ ମହାନ୍ତି ରଚନା ସମଗ୍ର' ଓ ନାତୁଣୀ ରିଧିରିତ୍ୟାଶା ମହାନ୍ତି ଙ୍କର 'ନବ କଳିକା' ପୁସ୍ତକକୁ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଶ୍ରୀ ମହାନ୍ତି ଜଣେ ଏକାଧାରରେ ଚିକିତ୍ସକ, ସମାଜସେବୀ, ସୁସାହିତ୍ୟିକ ଭାବରେ ଚିରପରିଚିତ ଥିଲେ। ସଭା ଆରମ୍ଭରେ ଦିବଂଗତ ଆତ୍ମାଙ୍କ ସଦଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପୁତ୍ର ରାଜେଶ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । କବି ନଳିନୀ କାନ୍ତ ପାଢି, ଜୟନ୍ତୀ ରାଉତ, ନିତ୍ୟାନନ୍ଦ ପ୍ରଧାନ, ରାମଚନ୍ଦ୍ର ରାଉତ୍, ସାନ ଭାଇ ପ୍ରଫୁଲ୍ଲ ମହାନ୍ତି, ପ୍ରଭାକର ଜେନା ଇତ୍ୟାଦି ସ୍ମୃତି ଚାରଣ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ନୀଳଗିରି ମହାବିଦ୍ୟାଳୟରେ ଆଲୋଚନା ଚକ୍ର

ନୀଳଗିରି, ୧/୨ (ନି.ପ୍ର): ନୀଳଗିରି ମହାବିଦ୍ୟାଳୟର ରାଜନୀତିବିଜ୍ଞାନ ବିଭାଗ ପକ୍ଷରୁ "ଭାରତରେ ବୈଦେଶିକ ନୀତି ଓ ବିକଶିତ ଭାରତ"ଶୀର୍ଷକରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି।ବିଭାଗୀୟ ମୁଖ୍ୟ ଡ. ସଂଗ୍ରାମ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟଅତିଥି ଭାବେ କଲେଜ ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ରାଉଳ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ରାଜନୀତି ବିଜ୍ଞାନ ବିଭାଗର ପୂର୍ବତ୍ତନ ମୁଖ୍ୟ ଡ. ଉମାକାନ୍ତ ଦାସ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାକୀ ଡ.ଶଙ୍କର୍ଷଣ ନାୟକ, ବାସନ୍ତୀ ଦାସ ପ୍ରମୁଖ ଯୋଗଦେଇ ଶୀର୍ଷକବାବଦରେ ଆଲୋଚନା କରିଥିଲେ।ବିଭାଗର ଛାତ୍ରଛାତ୍ରୀମାନେ ନିଜନିଜର ସନ୍ଦର୍ଭ ପାଠ କରିଥିଲେ।ଅଧାପିକା ସୀମାରାଣୀ ସେଠୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

## ଭାରତର ସଙ୍କଟ ପ୍ରତି ଆଖି ...

ନିବେଶକମାନେ ପୁଞ୍ଜି ପ୍ରତ୍ୟାହାର କରୁଛନ୍ତି। ଘରୋଇ ସଞ୍ଚୟ ହ୍ରାସ ପାଉଛି। ଚାଷୀ ଅସୁବିଧାରେ ଅଛି। ଆସୁଥିବା ବିଶ୍ୱ ଝଟକା - ସବୁକିଛିକୁ ଅଣଦେଖା କରାଯାଇଛି। ଏହା ଏକ ବଜେଟ୍ ଯେଉଁଥିରେ ଭାରତର ପ୍ରକୃତ ସଙ୍କଟ ପ୍ରତି ଅଣଦେଖା କରାଯାଇଛି ବୋଲି ସେ ଏକ୍ସରେ ଏକ ପୋଷ୍ଟରେ କହିଛନ୍ତି। କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି ଯେ, ୯୦ ମିନିଟ୍‌ର ଭାଷଣ ପରେ ମଧ ବଜେଟ୍ ପ୍ରମୁଖ ଯୋଜନା ଓ କାର୍ଯ୍ୟକ୍ରମ ପାଇଁ ଆବଣ୍ଟନର ସ୍ପଷ୍ଟ ଚିତ୍ର ପ୍ରଦାନ କରିବାରେ ବିଫଳ ହୋଇଛି। ପ୍ରମୁଖ କାର୍ଯ୍ୟକ୍ରମ ପାଇଁ ବଜେଟ୍ ଆବଣ୍ଟନ ବିଷୟରେ କୌଣସି ଧାରଣା ନ ଥିବାରୁ ଭାଷଣ ମଧ ସ୍ୱଚ୍ଛ ନ ଥିଲା ବୋଲି ସେ ଏକ୍ସରେ ଏକ ପୋଷ୍ଟରେ ସେ କହିଛନ୍ତି। କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ମଧ କହିଛନ୍ତି ଯେ, ମୋଦୀ ସରକାରଙ୍କ ଚଳିତ ବଜେଟ୍ ନୈରାଶ୍ୟଜନକ। କଂଗ୍ରେସ ସାଂସଦ ଶଶୀ ଥରୁର କହିଛନ୍ତି, ଅର୍ଥମନ୍ତ୍ରୀଙ୍କ ଭାଷଣରେ ତାଙ୍କ ରାଜ୍ୟ କେରଳ ବିଷୟରେ ଯଥେଷ୍ଟ ଉଲ୍ଲେଖ କରାଯାଇ ନ ଥିବାରୁ ସେ ଆଶ୍ଚର୍ଯ୍ୟ। କେରଳର ଜଣେ ସାଂସଦ ଭାବେ ମୁଁ କହିବାକୁ ଚାହେଁ ଯେ ଏହି ବଜେଟ୍‌ରେ ମୋର ଖୁସି ହେବାର କିଛି ନାହିଁ। ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଅଧିକ କଠୋର ଭାବରେ ଅଭିଯୋଗ କରିଛନ୍ତି ଯେ, ସରକାର କେବଳ ଧନିକ ବର୍ଗଙ୍କ ପାଇଁ ଏହାର ବଜେଟ୍ ପ୍ରସ୍ତୁତ କରୁଛନ୍ତି। ଏହି ବଜେଟ୍ ପାଞ୍ଚ ପ୍ରତିଶତ ଲୋକଙ୍କ ପାଇଁ ପ୍ରସ୍ତୁତ ହୋଇଛି। ସରକାର ନିଜ ଇସ୍ତାହାରରେ ଦେଇଥିବା ପ୍ରତିଶ୍ରୁତିକୁ ପୂରଣ କରିଛନ୍ତି କି ବୋଲି ସେ ଦିଲ୍ଲୀରେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ବେଳେ କହିଛନ୍ତି। ସମାଜବାଦୀ ପାର୍ଟି ମୁଖ୍ୟଙ୍କ ପତ୍ନୀ ତଥା ଲୋକସଭା ସାଂସଦ ଡିମ୍ପଲ୍ ଯାଦବ ମଧ ସମାନ ମତ ରଖିଛନ୍ତି। ବଜେଟରେ କିଛି ନାହିଁ।

## ବଜେଟ୍‌କୁ ...

ମୁଁ ଓଡ଼ିଶାରେ ରେୟାର ୟାର୍ଥ କରିଡର ପ୍ରତିଷ୍ଠା ପ୍ରସ୍ତାବକୁ ସ୍ୱାଗତ କରୁଛି। ଓଡ଼ିଶା ଅନେକ ପ୍ରମୁଖ ଖଣିଜ ପଦାର୍ଥର ଅଗ୍ରଣୀ ଉତ୍ପାଦକ ଏବଂ ଏହାର ସମୃଦ୍ଧ ସମ୍ପଦ ମାଧ୍ୟମରେ ରାଷ୍ଟ୍ର ନିର୍ମାଣରେ ସର୍ବଦା ଯୋଗଦାନ ଦେବ। ଖଣିଜ ସମୃଦ୍ଧ ଅଞ୍ଚଳ ଏବଂ ଶିଳ୍ପ କେନ୍ଦ୍ରଗୁଡ଼ିକୁ ବନ୍ଦର ସହିତ ସଂଯୋଗ କରିବା ପାଇଁ ପୁଣି ଥରେ ଜାତୀୟ ଜଳପଥ ଘୋଷଣା କରାଯାଇଛି। କିନ୍ତୁ ଏହା ଏକ ଦଶନ୍ଧି ପୁରୁଣା ପ୍ରସ୍ତାବ ଯାହା ଭୂମିରେ କୌଣସି ଅଗ୍ରଗତି ନାହିଁ। ଓଡ଼ିଶାବାସୀଙ୍କ ପାଇଁ ଏହା ଏକ ବଡ଼ ନିରାଶା ଯେ, ସହରଗୁଡ଼ିକ ମଧ୍ୟରେ ୭ଟି ହାଇ-ସ୍ପିଡ୍ ରେଳ କରିଡରକୁ 'ବୃଦ୍ଧି ସଂଯୋଗକାରୀ' ଭାବରେ ବିକଶିତ କରିବାର ଘୋଷଣାରେ ଓଡ଼ିଶା ସ୍ଥାନ ପାଇନାହିଁ। ଓଡ଼ିଶା ଭାଜପା ପୂର୍ବରୁ ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପକୁ ହଟାଇ ଦେଇଥିଲା ଏବଂ ଲୋକଙ୍କ ଆବଶ୍ୟକତାକୁ ଅଣଦେଖା କରିବା ପୂର୍ବପରି ଜାରି ରହିଛି ଏବଂ ଏହା ବହୁତ ଆଶ୍ଚର୍ଯ୍ୟଜନକ ଯେ ପର୍ଯ୍ୟଟନ କେନ୍ଦ୍ରିକ ବୌଦ୍ଧ ସର୍କିଟ ବିକାଶ ଯୋଜନା ଆମର ଡାଇମଣ୍ଡ ଟ୍ରାଏଆଙ୍ଗେଲ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ବୌଦ୍ଧ ସ୍ଥଳୀ ଥିବା ସତ୍ତ୍ୱେ ଓଡ଼ିଶାକୁ ସମ୍ପୂର୍ଣ୍ଣ ଭାବରେ ଛାଡ଼ି ଦେଇଛି। କେନ୍ଦ୍ରୀୟ ବଜେଟର ସମ୍ପୂର୍ଣ୍ଣ ବିବରଣୀରୁ ଦେଖାଯାଉଛି ଯେ, ଓଡ଼ିଶା କେବଳ ଏହାର ପ୍ରାକୃତିକ ସମ୍ପଦ ଛଡ଼ାଇ ନେବା ପାଇଁ ବ୍ୟୟବରାଦ ପାଉଛି ଏବଂ ରାଜ୍ୟର ଲୋକଙ୍କ ସୁବିଧା ପାଇଁ ସମ୍ପଦ ବଣ୍ଟନ କ୍ଷେତ୍ରରେ ଏହାକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଉଛି। ରାଜ୍ୟ ଭାଜପା ସରକାର ଓଡ଼ିଶାର ଲୋକଙ୍କ ଦାୟିତ୍ୱ ନେବା ଏବଂ କେନ୍ଦ୍ରରୁ ସେମାନଙ୍କର ନ୍ୟାଯ୍ୟ ପ୍ରାପ୍ୟ ପାଇବା ନିଶ୍ଚିତ କରିବାର ସମୟ ଆସିଛି। ଓଡ଼ିଶା ଏବଂ ଏହାର ଲୋକମାନେ କେନ୍ଦ୍ରୀୟ ବଜେଟ୍‌ରୁ ଅଧିକରୁ ଅଧିକ ପାଇବାକୁ ଯୋଗ୍ୟ ବୋଲି ନବୀନ କହିଛନ୍ତି।

## ଏକାଗ୍ର ମନ, ତୀକ୍ଷ୍ଣ ଦୃଷ୍ଟି...

'ବିକଶିତ ଭାରତ' ପ୍ରତି ପ୍ରତିବଦ୍ଧତା ପ୍ରତି ତାଙ୍କର ପ୍ରତିବଦ୍ଧତାକୁ ପ୍ରଦର୍ଶନ କରେ। ଯେତେବେଳେ ଅର୍ଥମନ୍ତ୍ରୀ କୌଣସି ପ୍ରମୁଖ ଯୋଜନା କିମ୍ବା ଜନ କଲ୍ୟାଣକାରୀ ପଦକ୍ଷେପ ଘୋଷଣା କରନ୍ତି, ସଂସଦରେ ଏକ ସ୍ୱତନ୍ତ୍ର ଶବ୍ଦ ପ୍ରତିଧ୍ୱନିତ ହୁଏ। ଏହି ଶବ୍ଦ ହେଉଛି ଟେବୁଲ ବାଡ଼େଇବା। ଏହି ଶବ୍ଦ ପ୍ରାୟତଃ ପ୍ରଧାନମନ୍ତ୍ରୀ ମୋଦି ନିଜେ ନେତୃତ୍ୱ ନିଅନ୍ତି। ଯେତେବେଳେ ନିର୍ମଳା ସୀତାରାମନ୍ ଭିତ୍ତିଭୂମି, କୃଷି ସଂସ୍କାର କିମ୍ବା ମଧ୍ୟବିତ୍ତ ବର୍ଗ ପାଇଁ ରିଲିଫ ଘୋଷଣା କରନ୍ତି, ପ୍ରଧାନମନ୍ତ୍ରୀ ମୋଦିଙ୍କ ଉତ୍ସାହ ସ୍ପଷ୍ଟ ଭାବରେ ଦେଖାଯାଏ। ତାଙ୍କର ବାରମ୍ବାର ଟେବୁଲ ବାଡେଇବା କେବଳ ଏକ ରୀତି ନୁହେଁ, ବରଂ ତାଙ୍କ ଦଳର କାର୍ଯ୍ୟ ପ୍ରତି ଗର୍ବ ପ୍ରକାଶ କରିବାର ଏକ ଉପାୟ। ଏହି ପ୍ରତିକ୍ରିୟା ଦର୍ଶାଉଛି ଯେ ବଜେଟରେ ଅନ୍ତର୍ଭୁକ୍ତ ନୀତିଗୁଡ଼ିକ ସିଧାସଳଖ ତାଙ୍କ ଦୃଷ୍ଟିକୋଣ ସହିତ ସମନ୍ୱିତ। ଏହି ଷ୍ଟାଇଲରେ ଟେବୁଲ ବାଡେଇବା ସାଂସଦମାନଙ୍କୁ ଶକ୍ତି ପ୍ରଦାନ କରେ ଏବଂ ଦେଶକୁ ଏକ ବାର୍ତ୍ତା ପଠାଏ ଯେ ନେତୃତ୍ୱ ଏହି ନିଷ୍ପତ୍ତିଗୁଡ଼ିକ ପଛରେ ଦୃଢ଼ ଭାବରେ ଠିଆ ହୋଇଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ଶାରୀରିକ ଭାଷା ଏବଂ ତାଙ୍କର ସକ୍ରିୟ ପ୍ରତିକ୍ରିୟା ପ୍ରମାଣ କରେ ଯେ ସେ ବଜେଟକୁ କେବଳ ସଂଖ୍ୟାର ଖେଳ ନୁହେଁ, ବରଂ ଦେଶର 'ମୁକ୍ତି' ପାଇଁ ଏକ ପଥ ଭାବରେ ଦେଖନ୍ତି। ତାଙ୍କର ହସ ଏବଂ ଆତ୍ମବିଶ୍ୱାସୀ ଥମ୍ପିଂ ସ୍ପଷ୍ଟ କରେ ଯେ ଏହି ବଜେଟ ଦେଶକୁ ଆତ୍ମନିର୍ଭରଶୀଳ କରିବା ଦିଗରେ ଆଉ ଏକ ପ୍ରମୁଖ ପଦକ୍ଷେପ।

## ଓଡ଼ିଶା ଆସୁଛନ୍ତି ...

ଫକିରମୋକନ ବିଶ୍ୱବିଦ୍ୟାଳୟ ୧୨ତମ ସମାବର୍ତ୍ତନ ସମାରୋହରେ ରାଷ୍ଟ୍ରପତି ଛାତ୍ରଛାତ୍ରୀଙ୍କୁ ଭେଟିବେ। ନିଜ ସଂଘର୍ଷମୟ କାହାଣୀ ବାଣ୍ଟିବା ସହ ମନଖୋଲି କଥା ହେବେ। ସେଥିପାଇଁ ବାଲେଶ୍ୱରରେ ବାୟୁସେନା ବିମାନ ଓହ୍ଲାଇଛି, ଜିଲ୍ଲା ଓ ପୋଲିସ୍ ସୁରକ୍ଷା ବ୍ୟବସ୍ଥା ପରଖିଛି। ଶ୍ରୀକ୍ଷେତ୍ର ପୁରୀର ଶ୍ୱେତଗଙ୍ଗା। କାହିଁ କେଉଁ କାଳରୁ ଏଠି ପିଣ୍ଡ ଦେବା ପରମ୍ପରା ରହିଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରଥମ ଥର ପାଇଁ ଶ୍ୱେତଗଙ୍ଗା ଯିବେ। ୩ ତାରିଖ ସଂଧ୍ୟାରେ ପୁରୀରେ ପହଞ୍ଚି ରାତ୍ରୀଯାପନ କରିବେ। ୪ ତାରିଖରେ ଶ୍ରୀମନ୍ଦିର ସିଂହଦ୍ୱାରଠାରେ ରାଷ୍ଟ୍ରପତିଙ୍କୁ ଗଜପତି ମହାରାଜା, ସେବାୟତ ଏବଂ ପ୍ରଶାସନିକ ଅଧିକାରୀ ସ୍ୱାଗତ କରିବେ। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ ସାରି ଶ୍ୱେତଗଙ୍ଗାରେ ପିଣ୍ଡ ଦାନ କରିବେ। ସେଥିପାଇଁ ୪ ତାରିଖରେ ସଅଳ ହେବ ନୀତିକାନ୍ତି। ଭୋର୍ ୪ଟା ସୁଦ୍ଧା ଜୟ ବିଜୟ ଦ୍ୱାର ଫିଟା ନୀତି ହେବ। ସେ ଦିନ କେବଳ ପାଳିଆ ସେବାୟତ ମାନେ ଶ୍ରୀମନ୍ଦିର ଭିତରେ ରହିବେ। ରାଷ୍ଟ୍ରପତି ଯେବେ ଯେବେ ପୁରୀ ଆସିଛନ୍ତି, ବଡ଼ଦାଣ୍ଡରେ ଚାଲି ଚାଲି ଯାଇଛନ୍ତି। ଏଥର ବି ସେମିତି ଯାଇପାରନ୍ତି, ସେଥିପାଇଁ ବଡ଼ଦାଣ୍ଡରେ ବ୍ୟାପକ ପୋଲିସ୍ ଫୋର୍ସ ମୁତୟନ ରହିବେ। ଏଥର ଗସ୍ତରେ ସବୁଠୁ ବ୍ୟସ୍ତବହୁଳ ରହିବ ମୟୂରଭଞ୍ଜର କାର୍ଯ୍ୟକ୍ରମ। ପୁରୀରୁ ୪ ତାରିଖରେ ରାଷ୍ଟ୍ରପତି ସିଧା ଯିବେ ମୟୁରଭଞ୍ଜ ରାଇରଙ୍ଗପୁର। ବିଶାଳ ସାଧାରଣ ସଭାକୁ ସମ୍ବୋଧନ କରି ଜନ୍ମମାଟିରେ ଲୋକଙ୍କୁ ଭେଟିବେ। ଏକାଧିକ ପ୍ରକଳ୍ପର ଉଦଘାଟନ ଓ ଶୁଭାରମ୍ଭ ବି କରିବେ। ତା ପରଦିନ ଅର୍ଥାତ ୫ ତାରିଖ ଦିନ ରାଇରଙ୍ଗପୁର ଜଗନ୍ନାଥ ମନ୍ଦିରରେ ଦର୍ଶନ ପରେ ଅପରାହ୍ନରେ ସେ ଜଶିପୁର ଦେଇ ପ୍ରକୃତିର ଶୋଭାରାଜି ଶିମିଳିପାଳ ଅଭୟାରଣ୍ୟକୁ ଯିବେ। ସେଠାରେ ରାତ୍ରୀଯାପନ କାର୍ଯ୍ୟକ୍ରମ ରହିଛି।

## ପଞ୍ଚାୟତ ଭୋଟ୍ ...

ଗାଁକୁ ଯାଇ ଲୋକଙ୍କୁ SIR ବିଷୟରେ ବୁଝାଇବା ସହ ପଞ୍ଚାୟତ ପଲସ୍ ମାପିବ ଦଳ। ସେହିପରି ମନ୍ତ୍ରୀମାନେ କେନ୍ଦ୍ର ବଜେଟକୁ ନେଇ ବିଭିନ୍ନ ଜିଲ୍ଲାରେ ସାମ୍ବାଦିକ ସମ୍ମିଳନୀ କରି ନେତା ଓ କର୍ମୀଙ୍କ ସହ ଲୋକଙ୍କୁ ସଚେତନ କରିବେ। କଂଗ୍ରେସ କିନ୍ତୁ ଏଯାଏଁ କୌଣସି କାର୍ଯ୍ୟକ୍ରମ ଘୋଷଣା କରି ନଥିଲେ ମଧ ପିସିସି ସଭାପତି ବିଭିନ୍ନ ଜିଲ୍ଲା ଗସ୍ତ କରି ସଂଗଠନ ସଜାଡ଼ିବା ଆରମ୍ଭ କରିଛନ୍ତି। ୨୪ ବିପର୍ଯ୍ୟୟ ପରେ ବିଜେଡିରେ ଅସ୍ଥିରତା ଲାଗି ରହିଛି। କିନ୍ତୁ ଦଳ ପାଖରେ ପଞ୍ଚାୟତ ସଂଗଠନ ଏବେବି ରହିଛି। ଯାହାକୁ ଅଧିକ ସଙ୍ଗଠିତ କରିବାକୁ ଚେଷ୍ଟା ଚଳାଇଛି ବିଜୁ ଜନତା ଦଳ। ଅନ୍ୟପଟେ ଶାସନରେ ଥିବା ବିଜେପି ପ୍ରତି ଆକର୍ଷିତ ହୋଇ ଏବେ ପଞ୍ଚାୟତ ପ୍ରତିନିଧି ପଦ୍ମ ଦଳରେ ସାମିଲ୍ ହେଉଛନ୍ତି। ରାଜ୍ୟବ୍ୟାପୀ ପଞ୍ଚାୟତ ପ୍ରତିନିଧିମାନେ ବିଜେପିକୁ ଆସୁଥିବାରୁ ଦଳ ଏବେ ପଞ୍ଚାୟତ ସ୍ତରରେ ଶକ୍ତିଶାଳୀ ହେଉଛି। ବିଜେପିର ସଠିକ ରଣନୀତି ଦଳକୁ ଅଧିକ ମଜବୁତ କରୁଥିବା ବେଳେ ବିଜେଡି ପାଇଁ ଚାଲେଞ୍ଜ ହେଉଛି ପଞ୍ଚାୟତ ସଂଗଠନକୁ ସୁରକ୍ଷିତ ରଖିବା। ସେପଟେ କଂଗ୍ରେସ ଏବେବି ଅସଜଡା ଘରକୁ ସଜାଡିବାରେ ଲାଗିଛି। ୨୦୨୨ ପଞ୍ଚାୟତ ନିର୍ବାଚନରେ ବିଜେଡି ୭୬୬, ବିଜେପି ୪୮ ଓ କଂଗ୍ରେସ ୩୭ ଜିଲ୍ଲା ପରିଷଦ ସିଟ୍ ହାତେଇଥିଲା। ବିଜେଡିକୁ ୫୨.୭୩ ପ୍ରତିଶତ ଭୋଟ ମିଳିଥିବା ବେଳେ ବିଜେପିକୁ ମିଳିଥିଲା ୩୦.୦୭ % ଭୋଟ। ଏବେ କିନ୍ତୁ ବଦଳିଛି ରାଜ୍ୟ ରାଜନୀତି।

## ରେନବୋ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ



ବାସୁଦେବପୁର, ୧/୨ (ନି.ପ୍ର): ବାସୁଦେବପୁର ସହରରେ ଏକ ଆଦର୍ଶ ଶିକ୍ଷା ଅନୁଷ୍ଠାନ ରେନବୋ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ଆଦର୍ଶ ଶିକ୍ଷକ ବିଶ୍ୱନାଥ ବାରିକ ସଭାପତିତ୍ୱ କରିଥିଲେ। ଅନୁଷ୍ଠାନର ସମ୍ପାଦକ ତଥା ପ୍ରତିଷ୍ଠାତା ବିଜୟ କୁମାର ମିଶ୍ର,ବିଦ୍ୟାଳୟର ଅଧକ୍ଷା ଦମୟନ୍ତୀ ଦ୍ୱିବେଦୀ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଭଗବାନ ମିଶ୍ର, ସାଇ ପବ୍ଲିକ ସ୍କୁଲର ଅଧକ୍ଷ ତପନ କୁମାର ପାଢ଼ୀ ପ୍ରମୁଖ ଏହି ଉତ୍ସବରେ ବିଶେଷ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିବା ସହିତ ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ। ଶିକ୍ଷୟତ୍ରୀ ଭାବନା ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧକ୍ଷା ଦମୟନ୍ତୀ ଦ୍ୱିବେଦୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

ସୋମବାର, ଫେବୃଆରୀ ୦୨, ୨୦୨୬

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଗଦାଧର କର ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

ବସ୍ତା ୧/୨(ନିପ୍ର): ଆଜିର ପାଶ୍ଚାତ୍ୟ ସଭ୍ୟତା ଓ ଉନ୍ନତ ଶିକ୍ଷା ନାମରେ ନିଜର ସଂସ୍କୃତି କୁ ଭୁଲି ଇଂରାଜୀ ଭାଷାକୁ ଅଧିକ ଗୁରୁତ୍ୱ ଦେବା ଦ୍ୱାରା ଆମ ଛାତ୍ର ଛାତ୍ରୀ ସଂସ୍କାରି ହୋଇପାରିବେ ନାହିଁ। ସରକାରଙ୍କ ଶିକ୍ଷା ନୀତିରେ ଧୀରେ ଧୀରେ ସଂସ୍କୃତ ସହିତ ମାତୃ ଭାଷାରେ ଗୁରୁତ୍ୱ କମିଛି। ଯାହା ଦ୍ୱାରା ଆମ ପର ପିଢ଼ି ଅପ ସଂସ୍କୃତି ଆଡ଼କୁ ଅଗ୍ରସର ହେଉଛନ୍ତି ବୋଲି ଗଦାଧର କର ଉଚ୍ଚ ବିଦ୍ୟାଳୟରେ ଅତିଥି ଭାବେ ଯୋଗଦେଇ ପ୍ରକୃତିବନ୍ଧୁ ସୁମନ୍ତ କୁମାର ଜେନା ପ୍ରକାଶ କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଭିରାମ କାମିଲା ଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବାର୍ଷିକ ଉତ୍ସବରେ ଉଦ୍ଘାଟକ ଭାବେ ବସ୍ତା ଏସ ଡି ପି ଓ ମାନସ କୁମାର ଦେଓ,ମୁଖ୍ୟ ଅତିଥି ଭାବେ ବସ୍ତା ଗୋଷ୍ଠି ଶିକ୍ଷା ଅଧିକାରୀ ଯଜ୍ଞେଶ୍ୱ ର ଜେନା, ମୁଖ୍ୟବକ୍ତା ଭାବେ ପୂର୍ବତନ ମାଧମିକ ବୋର୍ଡର ସଭାପ ତି ପ୍ରସନ୍ନ କୁମାର ନନ୍ଦ,ସମ୍ମାନିତ ଅତିଥି ଭାବେ ପ୍ରକୃତି ବନ୍ଧୁ ସୁମନ୍ତ କୁମାର ଜେନା,କବି ଗଗନ ସେଠି ପ୍ରମୁଖ ନିଜ ନିଜ ବ୍ୟକ୍ତବ୍ୟ ପ୍ରଦାନ କରିଥିଲେ। ଏହି ବାର୍ଷିକ ଉତ୍ସବ ପ୍ରାରମ୍ଭରେ ସ୍ଥାନୀୟ ଅଞ୍ଚଳରେ ଏକ ମଶାଲ ଶୋଭାଯାତ୍ରା ପରିକ୍ରମା ହୋଇ ଥିବା ବେଳେ ଏଥିରେ ସିଂଲା ଥାନା ଅଧିକାରୀ ସୂଚନ୍ଦ୍ର ମହାଳିକ ଯୋଗଦେଇ ଥିଲେ। ବିଦ୍ୟାଳୟ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଜିର ଏହି ବାର୍ଷିକ ଉତ୍ସବରେ ,ବରିଷ୍ଠ ନାଗରିକ,ପରିଚାଳନା କମିଟି ସଦସ୍ୟ ଓ ଅତିଥିଗଣଙ୍କ ସହିତ କୃତି ଛାତ୍ର ଛାତ୍ରୀଙ୍କୁ ମାନପତ୍ର ସହିତ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ପ୍ରାରମ୍ଭରେ ତ୍ରିଲୋଚନ ପଣ୍ଡା ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ସର୍ବଶେଷରେ ବିଦ୍ୟାଳୟର ଶିକ୍ଷକ ଜନ୍ମଜୟ ଅଣ୍ଡିଆ ଧନ୍ୟବାଦ ଅର୍ପଣ କରିଥିଲେ।



# ସାଇ ନିର୍ମଳ ଝରପ୍ରକଳ୍ପ ଉଦ୍ଘାଟିତ




ପାରାଦୀପ, ୧/୨ (ନି.ପ୍ର): ଭଗବାନ୍ ଶ୍ରୀ ସତ୍ୟସାଇ ବାବାଙ୍କ ଦିବ୍ୟ ଅନୁଗ୍ରହରୁ ଶ୍ରୀ ସତ୍ୟସାଇ ଭଜନ ମଣ୍ଡଳୀ, ବିଶ୍ୱାଳି ପାରାଦ୍ୱୀପରେ ଆଜି ସକାଳ ୧୦.୩୦ରେ ପାରାଦ୍ୱୀପ ପୋର୍ଟ ଅଥରିଟି ଅଧକ୍ଷ ପି.ଏଲ. ହରନାଦଙ୍କ କରକମଳରେ 'ସାଇ ନିର୍ମଳ ଝର ପ୍ରକଳ୍ପ'ଉଦ୍ଘାଟନ ହୋଇଥିଲା। ଏହା ପୋର୍ଟ ଅଥରିଟିର ସିଏସଆର କାର୍ଯ୍ୟକ୍ରମ। ଏହି କାର୍ଯ୍ୟକ୍ରମରେ ସତ୍ୟସାଇ ସେବା ସଙ୍ଗଠନ, ଓଡ଼ିଶା ପୂର୍ବ ମଣ୍ଡଳ ସଭାପତି, ରାଜ୍ୟ ସଭାପତି, ରାଜ୍ୟ ଆବାହକ, ରାଜ୍ୟ ଟ୍ରଷ୍ଟି, ଜିଲ୍ଲା ସଭାପତି, ଜିଲ୍ଲା ସେବା ସଞ୍ଚୋଳକ, ସମିତି ଆବାହକ, ଜିଲ୍ଲାର ବିଭିନ୍ନ ସମିତିର କର୍ମକର୍ତ୍ତା ଭାଇଭଉଣୀ ବୃନ୍ଦ, ବିଭିନ୍ନ ଭଜନ ମଣ୍ଡଳୀର କର୍ମକର୍ତ୍ତା ଭାଇଭଉଣୀ ବୃନ୍ଦ, ସରପଞ୍ଚ, ସମିତି ସଭ୍ୟା, ସମାଜସେବୀ, ରାଜନୈତିକ ଦଳ ପ୍ରମୁଖ, ଗ୍ରାମବାସୀ ତଥା ସାଇ ନିର୍ମଳ ଝରର ହିତାଧିକାରୀମାନେ ଯୋଗଦାନ କରିଥିଲେ। ଏହା ସହିତ ବିଶ୍ୱାଳି ଗ୍ରାମର ଏହି କାର୍ଯ୍ୟକ୍ରମରେ ଶଙ୍ଖ, ହୁଳହୁଳି, ସଙ୍କୀର୍ତ୍ତନ ମଣ୍ଡଳୀ, ଘୋଡ଼ା ନାଚ,ନଉଡି ଖେଳ ଓ ଆତସବାଜି ଶବ୍ଦରେ ଅତିଥିମାନଙ୍କୁ ଶୋଭାଯାତ୍ରାରେ ନିଆଯାଇ, ବିଶ୍ୱାଳି ଗ୍ରାମର ଶ୍ରୀ ଶ୍ରୀ ବିଶ୍ୱବିହାରୀ ଓ ମା' ଲକ୍ଷ୍ମୀ ଙ୍କ ମନ୍ଦିରକୁ ବନ୍ଦର ଅଧକ୍ଷ ପି.ଏଲ.ହରନାଦ ପରିଦର୍ଶନ ମଧ କରିଥିଲେ।

# ଖାଦ୍ୟ ଓ ସାମାଜିକ ସୁରକ୍ଷାରୁ ବଂଚିତ ସ୍ୱାମୀ ପରିତ୍ୟକ୍ତା ମା' ବାସନ୍ତି



ଉଦଳା, ୧/୨ (ନି.ପ୍ର): ୟେ ହେଉଛି ଖୁଂଟା ବ୍ଲକର ଡ଼େଙ୍ଗାମ ପଂଚାୟତ ଅନ୍ତର୍ଗତ ବଣିଆବସା ଗ୍ରାମରେ ଥିବା ଖଡ଼ିଆ ସାହିର ଦୃଶ୍ୟ । ଏହି ସାହିରେ ଦିର୍ଘ ବର୍ଷ ଧରି ବସବାସ କରି ଆସୁଥିବା ସ୍ୱାମୀ ପରିତ୍ୟକ୍ତା ମା' 'ବାସନ୍ତି ଲୋହାର'ଙ୍କ ଦୁଃଖ କହିଲେ ନସରେ । ଦିନମଜୁରିଆ ଭାବେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା 'ବାସନ୍ତି'ଙ୍କୁ ବର୍ତ୍ତମାନ ବୟସ ୬୨ ବର୍ଷ ଛୁଇଁଲା । ସ୍ୱାମୀ ପରିତ୍ୟକ୍ତାଙ୍କୁ ସରକାର ସାମାଜିକ ସୁରକ୍ଷା ଯୋଜନାରେ ଯୋଗାଇ ଦେଉଥିବା ଭତା ତାଙ୍କୁ ମିଳୁନଥିବା ବେଳେ ଖାଦ୍ୟ ଯୋଜନାରେ ମିଳୁଥିବା ମୁଣ୍ଡପିଛା ୫ କିଗ୍ରା ଚାଉଳ ପାଇବାରୁ ବଂଚିତ ଥିବାର କଥା ସେ ଗଣମାଧମକୁ ଜଣାଇଛନ୍ତି । ଏ ବାବଦରେ ସେ ବାରମ୍ୱାର ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟରେ ଗୁହାରି ଜଣାଇଥିଲେ ମଧ କେହି କର୍ଣ୍ଣପାତ କରୁନଥିବାର ଅଭିଯୋଗ କରିଛନ୍ତି । ବାସନ୍ତି ଲୋହାରଙ୍କର ଆଧାର କାର୍ଡ଼ ଓ ଭୋଟ ପରିଚୟ ପତ୍ର ସବୁକିଛି ଠିକ୍ ଠାକ୍ ଥିବା ବେଳେ ସେ କାହିଁକି ଏସବୁଥିରୁ ବଂଚିତ ଅଛନ୍ତି ଏହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବିଭାଗୀୟ କତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ବହୁ ସ୍ୱେଚ୍ଛାସେବି ସଂଗଠନ ଦାବି ଜଣାଇଛନ୍ତି ।

# ଭାରତୀୟ ବିଦ୍ୟା ନିକେତନର ବାର୍ଷିକ ଉତ୍ସବ



ଖୋର୍ଦ୍ଧା, ୧/୨ (ନି.ପ୍ର): ବେଗୁନିଆ ବ୍ଲକ୍ ଅଧୀନସ୍ଥ ପୋଡାଡିହସ୍ଥିତ ଭାରତୀୟ ବିଦ୍ୟା ନିକେତନର ଉନ୍ନବିଂଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପର୍ଶୁରାମ ମିଶ୍ର ଶର୍ମାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରଦୀପ କୁମାର ସାହୁ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଜିଲ୍ଲା ପରିଷଦ ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଶିକ୍ଷକ ଅଖିଳେଶ ମହାପାତ୍ର, ପ୍ରମୁଖ ଉପସ୍ଥିତ ରହି ଶିକ୍ଷା ସଂପର୍କରେ ଆଲୋକପାତ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ସୁକାନ୍ତି ଜେନା, ମଞ୍ଚ କୁ ଅତିଥି ମାନଙ୍କୁ ସ୍ୱାଗତ କରିଥିବା ବେଳେ ସମ୍ପାଦକ ଶୁଭକାନ୍ତ ମହାପାତ୍ର ସଂପାଦକୀୟ ବିବରଣୀ ପାଠ କରିଥିବା ବେଳେ କୋଷାଧକ୍ଷ ସୁରେନ୍ଦ୍ର କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ, । ଶିକ୍ଷକ ସୁଧାକର ସେଠୀ ମଞ୍ଚ ସଂଯୋଜନା କରିଥିଲେ। ଛାତ୍ରଛାତ୍ରୀମାନେ ନାଚ ଗୀତ, ନାଟକ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ବିଦ୍ୟାଳୟ ର ସମସ୍ତ ଗୁରୁମାମାନେ ଓ ବହୁ ପୁରାତନ ଛାତ୍ର ଛାତ୍ରୀ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀ ମାନଙ୍କୁ ପ୍ରଶଂସାପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା । ସହ ପ୍ରଧାନ ଆଚାର୍ଯ୍ୟା ଜ୍ୟୋସ୍ନାମୟୀ ଜେନା, ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରେମ ବିବାହକୁ ନେଇ ବାମଡା ଲକ୍ଷ୍ମୀନାରାୟଣ ମନ୍ଦିରରେ ତୁମୁଳ କାଣ୍ଡ: ବରକନ୍ୟାଙ୍କୁ କନ୍ୟା ଘର ଗୁଣ୍ଡା ନିର୍ଦ୍ଧୁମ ପିଟିଲେ



ବୈଶିଙ୍ଗା , ୧/୨ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ ବାମଡା ସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିରରେ ଶୁକ୍ରବାର ବୈଦିକ ରୀତିନୀତି ରେ ଏକ ପ୍ରେମ ବିବାହ ଅନୁଷ୍ଠିତ ହେଉ ଥିଲା । ଉଭୟ ବର ଓ କନିଆ ପ୍ରାପ୍ତ ବୟସ୍କ ଥିଲେ । ମାତ୍ର ବିବାହ ମଝିରେ କନିଆ ପକ୍ଷର ୧୦/୧୫ ଗୁଣ୍ଡା ପହଞ୍ଚି ବରକନ୍ୟା ଙ୍କୁ ନିର୍ଦ୍ଧୁମ ପିଟି ଚାଲିଲେ । ଏହି ସମୟରେ ବର ପକ୍ଷର ଲୋକମାନେ ପ୍ରସାଦ ସେବନରେ ବ୍ୟସ୍ତ ରହିଥିଲେ । ଘଟଣାରୁ ପ୍ରକାଶ ବୈଶିଙ୍ଗା ଥାନା ଅଧୀନ ବଡ ଗୋପାଳପୁର ଗ୍ରାମର ଗିରିଶ ବରଜ ଙ୍କ ପୁଅ ସୀତେଶ ବରଜ ବାଲେଶ୍ୱର ଅଞ୍ଚଳର ଦିବ୍ୟଦର୍ଶିନୀ ନାୟକ (୨୪) ଙ୍କୁ ତିନି ବର୍ଷ ଧରି ଭଲ ପାଇ ଆସୁଥିଲେ । ୨୦୨୪ ନଭେମ୍ବର ୧୪ ତାରିଖରେ ରେଜେଷ୍ଟ୍ରି ମ୍ୟାରେଜ ମଧ କରିଥିଲେ । ପ୍ରାୟ ଏକ ମାସ ହେବ ଉଭୟେ ବାହାରେ ରହୁଥିଲେ । ଶୁକ୍ରବାର ଦିନ ମନ୍ଦିର ରେ ବୈଦିକ ରୀତିରେ ବିବାହ କରାଯିବାର ସିଦ୍ଧାନ୍ତ ନେଇ ବରପକ୍ଷ ଲୋକଙ୍କ ସହିତ ବାମଡା ଲକ୍ଷ୍ମୀନାରାୟଣ ମନ୍ଦିରରେ ପହଞ୍ଚିଥିଲେ । ବିବାହ ଚାଲିଥିବା ବେଳେ ଝିଅର ଭାଇ ଓ କକା କେତେକ ଗୁଣ୍ଡା ଶ୍ରେଣୀର ଲୋକଙ୍କୁ ନେଇ ମନ୍ଦିରରେ ପହଞ୍ଚି ବରକନ୍ୟାଙ୍କୁ ନିର୍ଘାତ ପିଟିଥିଲେ । ସୀତେଶ ର ବଡଭାଇ ଦୀନେଶ ର ସ୍ତ୍ରୀ ଜ୍ୟୋତିମୟୀ ଜେନା ଉଦ୍ଧାର କରିବା ପାଇଁ ଚେଷ୍ଟା କରିବା ସମୟରେ ତାଙ୍କୁ ମଧ ପିଟିଥିଲେ ଏବଂ ତୁ ଶାଳୀ ପାଣ ଜାତିର ଝିଅ ହୋଇ ଆମ ଝିଅ କୁ ମଧ ପାଣ କରିଦେବୁ ନା, ସାତ ଦିନ ମଧରେ ତମ ଘରର ସମସ୍ତଙ୍କୁ ଜୀବନରୁ ମାରିଦେବୁ । ଏହି ଭିତରେ ବୈଶିଙ୍ଗା ପୁଲିସକୁ ଖବର ଦିଆଯାଇଥିଲା । ପୁଲିସ ପହଞ୍ଚି ଉଭୟ ବର କନ୍ୟାଙ୍କୁ ଥାନାକୁ ଆଣିଥିଲେ । ଝିଅ ନିଜ ଇଚ୍ଛାରେ ସୀତେଶ କୁ ବିବାହ କରିଛନ୍ତି ଏବଂ ତାଙ୍କ ସାଥିରେ ରହିବେ ବୋଲି ଲେଖି ଦେଇଥିଲେ । ଅପର ପକ୍ଷରେ ସୀତେଶ ର ଭାଉଜ ଜ୍ୟୋତିର୍ମୟୀ ତାଙ୍କ ପ୍ରତି କରା ଯାଇଥିବା ଦୁର୍ବ୍ୟବହାର ପ୍ରତିବାଦରେ ଏକ ଲିଖିତ ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋଗକୁ ଭିତ୍ତି କରି ୪୨/୨୬ ମୂଳେ ଏକ ମାମଲା ରୁଜୁ କରି ବୈଶିଙ୍ଗା ପୁଲିସ ଅଧିକ ଅନୁସନ୍ଧାନ ଜାରି ରଖିଛି । ବରକନ୍ୟା ଉଭୟେ ସୀତେଶଙ୍କ ଘରକୁ ଯାଇଥିବାର ଜଣାଯାଇଛି ।

# ମା' ବାମକାଳୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍ଯାପିତ: କଳାକାଦ କ୍ରିକେଟକ୍ଲବ ଚମ୍ପିଆନ



ନୀଳଗିରି, ୧/୨ (ନି.ପ୍ର): ଔପଦା ବ୍ଲକ ଦକ୍ଷିଣନରସିଂହପୁର ପଞ୍ଚାୟତ ଗାଙ୍ଗପୁରା ଖେଳପଡିଆରେ ମା ବାମକାଳୀ କ୍ରିକେଟକ୍ଲବ ପକ୍ଷରୁ ଅନୁଷ୍ଠିତ ଦୁଇଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍ଯାପିତ ହୋଇଯାଇଛି ।ମୋଟ ୮ଟି ଦଳକୁ ନେଇ ଏହି ପ୍ରତିଯୋଗିତାରେ ଅନୁଷ୍ଠିତ ହୋଇଥିବା ବେଳେ ଫାଇନାଲ ମ୍ୟାଚ କଳାକାଦ କ୍ରିକେଟ କ୍ଲବ ଓ ମହାରାଜପୁର କ୍ରିକେଟ କ୍ଲବ ମଧରେ ହୋଇଥିଲା।୯ ଓଭର ବିଶିଷ୍ଟ ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ମହାରାଜପୁର ଦଳ ୯୪ ରନ ସଂଗ୍ରହ କରିଥିଲେ। ଏହାର ଜବାବରେ କଳାକାଦ କ୍ରିକେଟ କ୍ଲବ ୪ଟି ୱିକେଟ ହରାଇ ୭ଓଭରରେ ମ୍ୟାଚଟିକୁ ଜିତି ଚମ୍ପିଆନ ହୋଇଥିଲେ।ଯୁବ ସମାଜସେବୀ ମାନସରଞ୍ଜନ ପରିଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳୀ ମାନଙ୍କୁ ଉତ୍ସାହିତକରିବା ସହ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ଖେଳକୁ କ୍ଲବର ବିସ୍ମୟ କୁମାର ମଲ୍ଲିକ, ସୁଜିତ୍ କୁମାର ପ୍ରଧାନ, ଲଳିତ ମହାରଣା, ବିଶ୍ୱଜିତ୍ ମହାରଣା, ସଞ୍ଜୟ ମହାଳିକ, ଜୟକୃଷ୍ଣ ଜେନା, ଚନ୍ଦନ ସଲ, ଶ୍ରୀତମ ପ୍ରଧାନ, ମାୟା ପ୍ରଧାନ, ସତ୍ୟମ୍ ପ୍ରଧାନ, ବିକ୍ରମ ଜେନା, କମଳ ଲୋଚନ ନାୟକ, ପଙ୍କଜ ପ୍ରଧାନ, ମହେଶ୍ୱର ପଣ୍ଡା, ପ୍ରୀତିଶ ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଫ୍ରେଜର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଭଦ୍ରକ, ୧/୨ (ନି.ପ୍ର): ପୁରୁଣା ବଜାର ନିକଟସ୍ଥ ୨୬ନଂ ଓ୍ୱାର୍ଡର ଅବସ୍ଥିତ ଫ୍ରେଜର ସରକାରୀ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତା ୩୧.୦୧.୨୦୨୬ ରିଖରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ, ସହକାରୀ ଶିକ୍ଷକ / ଶିକ୍ଷୟତ୍ରୀ ଓ ବିଦ୍ୟାଳୟ ପରିଚ୍ଚଳନା କମିଟି ସଭାପତି ଜାବିର ଖାଁ ଓ ସଭ୍ୟ / ସଭ୍ୟାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଭଦ୍ରକ ପୌରପରିଷଦର ଅଧକ୍ଷା ଗୁଲମକୀ ଦଲଓ୍ୱାଜି ହବିବ୍ ମୁଖ୍ୟ ଅତିଥି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଂଶୁମାନ୍ ଦ୍ୱିବେଦୀ, ମୁଖ୍ୟବକ୍ତା, ଶ୍ୱେତାଶ୍ରୀ ମହାପାତ୍ର, ଡେପୁଟି କଲେକ୍ଟର ଭଦ୍ରକ,ସମ୍ମାନିତ ଅତିଥି, ୨୬ ଓ୍ୱାର୍ଡର କାଉନ୍ସିଲର ସମାଜସେବୀ ଶେଖ୍ ଜୁଲଫୁକାର ଅଲ୍ଲୀ, ସି.ଆର୍.ସି.ସି. ନୀଳାମ୍ବର ପାଣିଗ୍ରାହୀ, ଶିକ୍ଷକ ସଂଘ ନେତା ହାଜି ଦବରେଜ ଖାଁ, ବିଦ୍ୟାଳୟର ସଭାପତି ଜାବିର ଖାଁ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ଶିକ୍ଷକ ଶେଖ୍ ଜମାଲୁଦ୍ଦିନ୍ ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ଶିକ୍ଷକ ପଦ୍ମନାଭ ମଲ୍ଲିକ ବାର୍ଷିକ ବିବରଣୀ ପାଠ କରିଥିଲେ। ସାଂସ୍କୃତିକ କାର୍ଯ୍ୟାକ୍ରମକୁ ପରିଚ୍ଚଳନା କରିଥିଲେ ଶିକ୍ଷୟିତ୍ରୀ ସ୍ନେହଲତା ଦେ, ଜିସାନ୍‌କାଦ୍ରି। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପାଇଁ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ସହଯୋଗ କରିଥିଲେ ଶିକ୍ଷୟିତ୍ରୀ ମଞ୍ଜୁଲତା ସାହୁ, ମଞ୍ଜୁଲତା ଗୁପ୍ତା ଓ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିଲା। ପରିଶେଷରେ ପ୍ରଧାନ ଶିକ୍ଷୟିତ୍ରୀ ସୁବାସିନୀ ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମୃତ୍ୟୁ ଆଶଙ୍କାରେ ରୋଗୀଙ୍କୁ ଫେରାଇ ଦେଲେ ଆନ୍ଧ୍ର ଡାକ୍ତର

ରାୟଗଡ଼ା , ୧/୨ (ନି.ପ୍ର): ଚିକିତ୍ସା ପାଇଁ ଯାଇଥିଲେ ଆନ୍ଧ୍ରପ୍ରଦେଶ। ଅବସ୍ଥା ଗୁରୁତର ଅଛି ଏବଂ ଅଳ୍ପ ସମୟ ମଧରେ ମୃତ୍ୟୁବରଣ କରିବ ବୋଲି ଫେରାଇଦେଲା ଡାକ୍ତରଖାନା। ହେଲେ ଘରକୁ ଆସିବା ପରେ ସେ ଏବେ ସେ ଜୀବିତ ଥିବା ଜଣାପଡ଼ିଛି। ଏମିତି ଏକ ଘଟଣା ରାୟଗଡ଼ା ସହରର ବିଦ୍ୟାନଗର ଅଞ୍ଚଳର ଜେ ?ନିକ ବ୍ୟକ୍ତିଙ୍କ ସହ ଘଟିଛି। ଆନ୍ଧ୍ର ପ୍ରଦେଶ ମେଡିକାଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଚିକିତ୍ସାକୁ ଲୋକେ ସ୍ଥାନୀୟ ଲୋକ ନିନ୍ଦା କରିଛନ୍ତି।

# ନିୟନ୍ତ୍ରିତ ବଜାର କମିଟି ଜଳେଶ୍ୱର କର୍ମଚାରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ଜଳେଶ୍ୱର , ୧/୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ନିୟନ୍ତ୍ରିତ ବଜାର କମିଟିର କର୍ମଚାରୀ ଶ୍ରୀଯୁକ୍ତ ନିର୍ମଳ ଚନ୍ଦ୍ର ଘୋଷଙ୍କର ଆଜି ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା ଏହି ନିୟନ୍ତ୍ରିତ ବଜାର କମିଟି ଜଳେଶ୍ୱର କାର୍ଯ୍ୟାଳୟରେ ୧୯୯୮ ମସିହାରୁ ଆଜି ପର୍ଯ୍ୟନ୍ତ ଦୀର୍ଘ ୨୮ ବର୍ଷ ଧରି ନିଜର କାର୍ଯ୍ୟକୁ ସୁଚାରୁ ରୁପେ ସମାପନ କରି ନିଜର ଏବଂ ନିଜ ଅନୁଷ୍ଠାନର ସୁନାମ ଅର୍ଜନ ପ୍ରାପ୍ତ କରି ସମସ୍ତଙ୍କରପ୍ରିୟଭାଜନହୋଇପାରିଥିଲେ । ସେ ଖୁଆର୍ଡ଼ି ଗ୍ରାମର ସ୍ୱର୍ଗତ ବିଦ୍ୟାଧର ଘୋଷ ଓ ମାତା ଶକୁନ୍ତଳା ଘୋଷ ଙ୍କ ପୁତ୍ର ଅଟନ୍ତି ତାଙ୍କର ଆଜି ନିଜ ଚାକିରି କ୍ଷେତ୍ରରୁ ଅବସର ନେବା ଉପଲକ୍ଷେ ଜଳେଶ୍ୱର ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ସମ୍ପାଦକ ସୁକାନ୍ତ କୁମାର ପାତ୍ର ଅଧକ୍ଷତାରେ ଶ୍ରୀ ଘୋଷଙ୍କୁ ମାନ ପତ୍ର ସହିତ ଫୁଲ ତୋଡା ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ଓ ସାଥିରେ ନିୟନ୍ତ୍ରିତ ବଜାର କମିଟିର ଅନ୍ୟ କର୍ମଚାରୀ ମାନଙ୍କ ମଧରେ ମୋନରଞ୍ଜନ ସାମଲ, ଘନଶ୍ୟାମ ଦାସ, ଅଜୟ ଦାସ, ଚକ୍ରଧର ଦାସ, ଅଭିମନ୍ୟୁ ଚନ୍ଦ, ନାରାୟଣ ଚନ୍ଦ୍ର ଦେ, ହିମାଂଶୁ ନାୟକ, ନିତାୟ ଚରଣ ଗିରି,ରବିନ୍ଦ୍ର ଗିରି, ଇନାମ କର୍ମଚାରୀ ପ୍ରଳୟ ରାଜ, ଶିବାନୀ ଜେନା, ଭବେଶ୍ ମଲ୍ଲିକ, ନିୟନ୍ତ୍ରିତ ବଜାର କମିଟିର ଅବସର ପ୍ରାପ୍ତ କର୍ମଚାରୀ ଶଙ୍କର ପରିଡ଼ା, ହରେନ୍ଦ୍ର ପାଳ, ସୁରେନ୍ଦ୍ର ନାଥ ଦତ୍ତ, ସୃଷ୍ଟିଧର ବେହେରା, ଜଗେଶ୍ୱର ଦତ୍ତ ପଉପସ୍ଥିତ ରହି ଅବସର କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।

# ବାଲେଶ୍ୱର ଡାକ ମଣ୍ଡଳର ୭୪ତମ ପ୍ରତିଷ୍ଠା ଦିବସ ପାଳିତ

ବାଲେଶ୍ୱର, ୧/୨ (ନି.ପ୍ର): ଆଜି ଦିବା ୧୧ ଘଟିକା ସମୟରେ ବାଲେଶ୍ୱର ଡାକ ମଣ୍ଡଳର ୭୪ତମ ପ୍ରତିଷ୍ଠା ଦିବସ ପାଳନ ଦିବସ ଏବଂ ୧୪୩ ତମ ଡାକ ଜୀବନ ବୀମା ଦିବସ ସହଦେବଖୁଣ୍ଟା, ବାଲେଶ୍ୱର ସ୍ଥିତ ବାଲେଶ୍ୱର ଡାକ ମଣ୍ଡଳର ଡାକ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଉତ୍ସାହ ଓ ଗର୍ବର ସହିତ ପାଳନ ହୋଇଛି । ଏହି ଅବସରରେ ଏକ ସଭାର ଆୟୋଜନ କରାଯାଇଥିଲା । ଶ୍ରୀ ତାପସ କୁମାର ଦାଶ, ଡାକ ଅଧିକ୍ଷକ, ବାଲେଶ୍ୱର ଡାକ ମଣ୍ଡଳ ଏହି ସଭାରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଶ୍ରୀ ସତ୍ୟବାଦୀ ବିଶ୍ୱାଳ, DDM , ଓଡିଶା ଡାକ ପରିମଣ୍ଡଳ, ମୁଖ୍ୟ ବକ୍ତା - ଶ୍ରୀ ବସନ୍ତ କୁମାର ସିଂଘ, ଡାକ ,ଅଧିକ୍ଷକ ସମ୍ବଲପୁର ଡାକ ମଣ୍ଡଳ, ସମ୍ମାନନୀୟ ଅତିଥି ଭାବେ ଶ୍ରୀ ବନମାଳୀ ପାତ୍ର, ଅବସରପ୍ରାପ୍ତ ଅତିରିକ୍ତ ନିର୍ଦ୍ଦେଶକ (ଡାକ ଜୀବନ ବୀମା ) ଆସାମ ଡାକ ପରିମଣ୍ଡଳ, ସମ୍ମାନନୀୟ ଅତିଥି ଭାବେ ଶ୍ରୀ ବିରଂଚି ନାରାୟଣ ସାମଲ, ବରିଷ୍ଠ ବ୍ରାଞ୍ଚ ମ୍ୟାନେଜର, ଇଣ୍ଡିଆ ପୋଷ୍ଟ ପେମେଟସ ବାଙ୍କ ଭାବେ ଏଠାରେ ଯୋଗ ଦେଇଥିଲେ । ଏହି ଅବସରରେ ରବିନ୍ଦ୍ର କୁମାର ପାତ୍ର ଏବଂ ନମିସା ବାରିକ ମଞ୍ଚ ପରିଚାଳନା କରିଥିଲେ। ବାଲେଶ୍ୱର ଡାକ ମଣ୍ଡଳର ୭୪ ବର୍ଷର ଦୀର୍ଘ ସମର୍ପିତ ସେବା ସହିତ ଡାକ ଜୀବନ ବୀମା ର ଗୁରୁତ୍ୱକୁ ଉଲ୍ଲେଖ କରାଯାଇଥିଲା, ଯାହା ସରକାରୀ କର୍ମଚାରୀ ଓ ସାଧାରଣ ଜନସାଧାରଣଙ୍କୁ ସୁରକ୍ଷିତ, ସହଜ ଓ ଭରସାଯୋଗ୍ୟ ଜୀବନ ବୀମା ସୁବିଧା ପ୍ରଦାନ କରୁଛି। ଏହି ଅବସରରେ ଉପସ୍ଥିତ ବରିଷ୍ଠ ଅଧିକାରୀମାନେ କହିଥିଲେ ଯେ, ଭାରତୀୟ ଡାକ ବିଭାଗ ଆଧୁନିକ ପ୍ରଯୁକ୍ତିକୁ ଆପଣେଇ ଏକ ଲୋକକେନ୍ଦ୍ରିକ ଓ ସେବାମୂଳକ ସଂସ୍ଥାରେ ପରିଣତ ହୋଇଛି, ଯେଉଁଥିରେ ଆସ୍ଥା, ଭରସା ଓ ଦାୟିତ୍ୱବୋଧ ଅତୁଟ ରହିଛି ଓ ଡାକ କର୍ମଚାରୀମାନଙ୍କର ନିଷ୍ଠା ଓ ପରିଶ୍ରମ ପାଇଁ ସେମାନଙ୍କୁ ସାଧୁବାଦ ଜଣାଯାଇଥିଲା । ଡାକ ଜୀବନ ବୀମା ଓ ଗ୍ରାମୀଣ ଡାକ ଜୀବନ ବୀମା ଯୋଜନା ମାଧମରେ ସହର ଓ ଗ୍ରାମାଞ୍ଚଳର ଲୋକମାନଙ୍କୁ ବୀମା ସୁରକ୍ଷା ଯୋଗାଇବାରେ ଡାକ ବିଭାଗର ଭୂମିକାକୁ ଆଲୋକପାତ କରାଯାଇଥିଲା ଓ ସେସହ ଇଣ୍ଡିଆ ପୋଷ୍ଟ ପେମେଣ୍ଟସ୍ ବ୍ୟାଙ୍କ , ସିଧାସଳଖ ଲାଭ ହସ୍ତାନ୍ତର , ପିଡ଼ ପୋଷ୍ଟ ଓ ପାର୍ସେଲ୍ ସେବା, ଆଧାର ସେବା ଏବଂ ଇ-କମର୍ସ ସମର୍ଥନ ସେବା ଭଳି ଗୁରୁତ୍ୱପୂର୍ଣ୍ଣ ସେବାଗୁଡ଼ିକୁ ମଧ ଉଲ୍ଲେଖ କରାଯାଇଥିଲା । ପ୍ରତିଷ୍ଠା ଦିବସ ଓ ଚଖଓ ଦିବସ ଉପଲକ୍ଷେ ଗ୍ରାହକମାନଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବାଲେଶ୍ୱର ଡାକ ମଣ୍ଡଳ ଡାକ ସେବା - ଜନ ସେବା ଲକ୍ଷ୍ୟ ସହ ସମନ୍ୱୟ ରଖି ସୁଲଭ, ଶସ୍ତା ଓ କାର୍ଯ୍ୟକୁଶଳ ଡାକ ଓ ଆର୍ଥିକ ସେବା ପ୍ରଦାନ ପାଇଁ ନିଜ ପ୍ରତିବଦ୍ଧତାକୁ ପୁନରୁଚ୍ଚାରଣ କରିଥିଲା ଓ ସଭା କାର୍ଯ୍ୟକ୍ରମ ସରିବା ପରେ ବିଭିନ୍ନ ମୟୂରଭଞ୍ଜ, ଯାଜପୁର, ଭଦ୍ରକ ଜିଲ୍ଲାର ଡାକ ଅଧିକ୍ଷକ ଓ ଅବସର ପ୍ରାପ୍ତ ଡାକ ଅଧିକ୍ଷକ ମାନଙ୍କୁ ସମ୍ମାନୀତ କରାଯାଇଥିଲା। ଉତ୍କୃଷ୍ଟ କାର୍ଯ୍ୟ ପାଇଁ କିଛି ଡାକ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା ।

# ଅବସରକାଳୀନ ସମ୍ବର୍ଦ୍ଧନା

ଉଦଳା, ୧/୨ (ନି.ପ୍ର): ଆଦିବାସୀ ଅଧୁଷିତ ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଉପଖଣ୍ଡ ବଡ଼ଖମଣ ପଂଚାୟତର ସରକାରୀ ଉଚ୍ଚ ବିଦ୍ୟାଳୟ ବଡ଼ଖମଣର ସହକାରୀ ଶିକ୍ଷୟିତ୍ରୀ କଳ୍ପଲତା ଜେନାଙ୍କର ଉଦଳାସ୍ଥିତ ତୁଳସୀ କଲ୍ୟାଣ ମଣ୍ଡପ ଠାରେ ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବ ବହୁ ଧୁମ୍ ?ଧାମରେ ପାଳିତ ହୋଇଛି । ଉକ୍ତ କାର୍ଯ୍ୟକ୍ରମରେ ଉପଖଣ୍ଡର ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଶିକ୍ଷାବିତ ଓ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ । ଶ୍ରୀମତୀ ଜେନାଙ୍କର ଶିକ୍ଷକତା ସମୟରେ ବିଭିନ୍ନ ଅନୁଷ୍ଠାନ ସହିତ ଜଡ଼ିତ ହୋଇଥିବାରୁ ତାଙ୍କୁ ଅନୁଷ୍ଠାନ ତରଫରୁ ମାନପତ୍ର, ଉପଢ୍ୗକନ ପ୍ରଦାନ କରାଯାଇଥିଲା । ସେ ବିଦ୍ୟାଳୟଟିକୁ ଉଚ୍ଚ ପ୍ରାଥମିକ ସ୍ତରରୁ ଉଚ୍ଚ ବିଦ୍ୟାଳୟ ତତ ସହିତ ସେ ଅଂଚଳରେ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟକ୍ରମ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସଭାପତି ଭାବେ ମୀନତି ପଣ୍ଡା ଏ.ବି.ଇଓ. ସମ୍ମାନିତ ଅତିଥି ଭାବେ ବଡ଼ଖମଣ ପଂଚାୟତର ସରପଂଚ ଠୁମ୍ପୁ ମୁର୍ମୁ ତତସହିତ ଶିକ୍ଷାବିତ ସୁଦର୍ଶନ ନାୟକ, ହରିମୋହନ ବେହେରା ଓ ଶ୍ରୀନିବାସ ମଢୁଆଳ ଉପସ୍ଥିତ ଥିଲେ । ଅତିଥି ପରିଚୟ ପ୍ରଦାନ କରିଥିଲେ ଶିକ୍ଷକ ଦୈତାରି ବିଷ୍ଣାଣି । ଅତିଥି ମାନେ ଶ୍ରୀମତି ଜେନାଙ୍କୁ ବକ୍ତବ୍ୟ ମାଧମରେ ପ୍ରଶଂସା କରିବା ସହିତ ବାକି ଅବସର ଜୀବନ ନିରାମୟ ହେଉ ବୋଲି ଭଗବାନଙ୍କ ଠାରେ ପ୍ରାର୍ଥନା ଜଣାଇଥିଲେ । ଶେଷରେ ଶିକ୍ଷକ ଶ୍ରୀକୃଷ୍ଣ ଚନ୍ଦ୍ର ମହାନ୍ତ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida